



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-32 ◆SATURDAY ◆26 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୨ ◆ଶନିବାର ◆୨୬ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସ୍କୁଲଘର ଭୁଶୁଡ଼ି ୮ ମୃତ, ୨୭ ଆହତ

■ **ଝାଲାୱାର, ୨୫।୭ (ଏଜେନ୍ସି):** ରାଜସ୍ଥାନର ଝାଲାୱାର ଜିଲ୍ଲାରେ ସରକାରୀ ସ୍କୁଲ ଘରର ଗୋଟିଏ ଅଂଶ ଭୁଶୁଡ଼ି ପଡ଼ିବାରୁ ୮ ଜଣ ଛାତ୍ର ପ୍ରାଣ ହରାଇଛନ୍ତି ଏବଂ ୨୭ ପିଲା ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏହି ସରକାରୀ ସ୍କୁଲ୍‌ରେ ସକାଳ ୮ଟା ୩୦ରେ ଅଘଟଣ ଘଟିଥିଲା। କୋଠା ଭୁଶୁଡ଼ିବା ବେଳେ ୬୦ ଛାତ୍ରଛାତ୍ରୀ, କେତେଜଣ ଶିକ୍ଷକ ଓ କର୍ମଚାରୀ ସେଠାରେ ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚି ଭଗ୍ନାବଶେଷକୁ ହଟାଇ ପିଲାମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ୫ ଜଣ ପିଲା ▶ପୃଷ୍ଠା-୭



## ଡ୍ରୋନ୍‌ରୁ ସଫଳ କ୍ଷେପଣାସ୍ତ୍ର ପରୀକ୍ଷଣ



■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** ଭାରତ ସଫଳତାର ସହ ଡ୍ରୋନରୁ କ୍ଷେପଣାସ୍ତ୍ର ଲଞ୍ଚ କରିବାରେ ସକ୍ଷମ ହୋଇଛି। ଏହାସହିତ ଭାରତୀୟ ସାମରିକ କ୍ଷମତାକୁ ଏକ ବଡ଼ ସଫଳତା ମିଳିଛି। ଆନ୍ଧ୍ରପ୍ରଦେଶର ଟେଷ୍ଟ ରେଞ୍ଜରେ ଏହାର ସଫଳ ପରୀକ୍ଷା କରାଯାଇଛି। ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେସନ (ଡିଆରଡିଓ) ଆନ୍ଧ୍ରପ୍ରଦେଶର କୁର୍ନୁଲସ୍ଥିତ ୟୁଏଭି ଲଞ୍ଚଡ୍ ପ୍ରେସିସନ ଗାଇଡ ମିସାଇଲ (ୟୁଏଲ୍‌ପିଜିଏମ୍)- ଭି୩କୁ ସଫଳତାର ସହ ପରୀକ୍ଷା କରିଛି। ପରୀକ୍ଷା ବେଳେ କ୍ଷେପଣାସ୍ତ୍ର ନିଜର ଗତି, ସଠିକତା ଓ ଲକ୍ଷ୍ୟକୁ ଭେଦ କରିବାର କ୍ଷମତାକୁ ସୁନ୍ଦର ଭାବେ ପ୍ରଦର୍ଶନ କରିଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସାମାଜିକ ଗଣମାଧ୍ୟମ ଏକ୍ସରେ ଏ ନେଇ ପୋଷ୍ଟ କରି ▶ପୃଷ୍ଠା-୭




## ଇନ୍ଦିରାଙ୍କ ରେକର୍ଡ ଭାଙ୍ଗିଲେ ମୋଦୀ

■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** କ୍ରମାଗତ ଦୀର୍ଘ ସମୟଧରି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ନରେନ୍ଦ୍ର ମୋଦୀ। ଏହିକ୍ରମରେ ସେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ଇନ୍ଦିରାଙ୍କ ୪୦୭୭ ଦିନ (୧୯୬୬ ଜାନୁଆରୀ ୨୪ରୁ ୧୯୭୭ ମାର୍ଚ୍ଚ ୨୪ )ର ରେକର୍ଡ ଭାଙ୍ଗି ମୋଦୀ ପ୍ରଧାନମନ୍ତ୍ରୀ ଭାବେ ୪୦୭୮ ଦିନ ପୂରଣ କରିଛନ୍ତି। ତେବେ ସବୁଠାରୁ ଦୀର୍ଘ ବର୍ଷ ଧରି ପ୍ରଧାନମନ୍ତ୍ରୀ ରହିବାର ରେକର୍ଡ ଜବାହରଲାଲ ନେହରୁଙ୍କ ନାମରେ ରହିଛି। ସେ ସବୁଠାରୁ ଅଧିକ କ୍ରମାଗତ ୬୧୨୬ ଦିନ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ନେହରୁ ୧୯୪୭ ଅଗଷ୍ଟ ୧୫ରୁ ୧୯୬୪ ମେ ୨୭ ପର୍ଯ୍ୟନ୍ତ ଏହି ଗୁରୁଦାୟିତ୍ୱ ସମ୍ଭାଳିଥିଲେ। ମୋଦୀ କ୍ରମାଗତ ୩ଟି ଲୋକସଭା ନିର୍ବାଚନରେ ବିଜୟ ଲାଭ କରି ନେହରୁଙ୍କ ସମକକ୍ଷ ହୋଇଛନ୍ତି। ମୋଦୀ ୨୦୧୪, ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ବିଜୟ ହାସଲ କରିଥିଲେ। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମୋଦୀ ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଗୁଜରାଟର ମୁଖ୍ୟମନ୍ତ୍ରୀ ରହିଥିଲେ। ସେ ଦୀର୍ଘସମୟ ଧରି ଭାରତର ନିର୍ବାଚିତ କ୍ଷମତାସୀନ ନେତାର ମାନ୍ୟତା ହାସଲ କରିଛନ୍ତି। ଭାରତ ସ୍ୱାଧୀନତା ହାସଲ କରିବା ପରେ ଜନ୍ମ ଗ୍ରହଣ କରିବାରେ ମୋଦୀ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ। ସେ ମଧ୍ୟ ପ୍ରଥମ ଅଣ-କଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ଦୁଇଟି କାର୍ଯ୍ୟକାଳ ପୂରଣ କରିଛନ୍ତି।

## ପଞ୍ଚମ ଦିନ ବି ସଂସଦ ଅଚଳ

■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦର ଉଭୟ ଗୃହ ଆଜି ବି ଅଚଳ ରହିଛି। ବିରୋଧୀ ଦଳର ସଭ୍ୟମାନେ ଏହା ଉପରେ ଆଲୋଚନା ଦାବିରେ ପ୍ରବଳ ହଙ୍ଗାମା କରିଛନ୍ତି। ଅଚଳାବସ୍ଥା ଜାରି ରହିବାରୁ ଉଭୟ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଛି।



**ସୋମବାରରୁ ସ୍ୱାଭାବିକ ହୋଇପାରେ ଗୃହକାର୍ଯ୍ୟ**

**ଅପରେସନ ସିନ୍ଦୂର ଉପରେ ହେବ ଆଲୋଚନା**

ଫଳରେ ଚଳିତ ସପ୍ତାହ ପାଞ୍ଚ ଦିନ ଧରି ଗୃହ ଆଦୌ ଚାଲିପାରି ନାହିଁ। ସୋମବାର ଠାରୁ ସଂସଦ ସ୍ୱାଭାବିକ ହେବ ବୋଲି ସରକାର କହୁଥିଲେ ମଧ୍ୟ ବିରୋଧୀ ଦଳ ସେମାନଙ୍କ ଜିଦରେ ଅଟଳ ରହିଛନ୍ତି।

ଆଜି ଲୋକସଭା ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ବିହାର ପ୍ରସଙ୍ଗ ଉଠାଇ ଆଲୋଚନା କରିବାକୁ ଦାବି କରିଥିଲେ। ବାଚସ୍ପତି ଗୃହକୁ ଦିନ ୨ଟା ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ଦୁଇଟା ପରେ ବାଚସ୍ପତି ଓମ୍ ବିର୍ଲା ସର୍ବଦଳୀୟ ବୈଠକ ଡାକିଥିଲେ। ବିର୍ଲା ବିରୋଧୀ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ ଯେ ସେମାନେ ପ୍ରଶ୍ନକାଳରେ କୌଣସି ପ୍ରକାର ▶ପୃଷ୍ଠା-୭

### ଗତ ଦଶନ୍ଧିରେ ମୁଣ୍ଡପିଛା ଆୟବୃଦ୍ଧି

# ଓଡ଼ିଶା ଦେଶରେ ଏକ ନମ୍ବର

**ସଂସଦରେ ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ସୂଚନା**

**ନବୀନ ଅର୍ଥନୀତିକୁ କେନ୍ଦ୍ରର ସ୍ୱୀକୃତି**

**ମୁଣ୍ଡ ପିଛା ଏନ୍‌ଏସ୍‌ଡିପି ୧.୭ ଲକ୍ଷ ଟଙ୍କା**



■ **ଭୁବନେଶ୍ୱର, ୨୫।୭ (ସମିସ):** ନବୀନ ପଟ୍ଟନାୟକଙ୍କ ସରକାରର ବିତ୍ତୀୟ ପରିଚାଳନା ଓ ଅର୍ଥନୀତିକୁ ପୁଣିଥରେ ସ୍ୱୀକୃତି ଦେଇଛନ୍ତି କେନ୍ଦ୍ର ସରକାର। ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟ ହାର କେବଳ ଦ୍ୱିଗୁଣିତ ହୋଇନାହିଁ, ଆୟ ହାର ବୃଦ୍ଧିରେ ଓଡ଼ିଶା ସାରା ଦେଶରେ ଏକନମ୍ବର ରାଜ୍ୟର ମାନ୍ୟତା ପାଇଛି। ସଂସଦରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ।

ଲୋକସଭାରେ ସାଂସଦ ଗିରିଧାରୀ ଯାଦବ ଓ ଦୀନେଶ ଚନ୍ଦ୍ର ଯାଦବଙ୍କ ଏକ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌଧୁରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ୨୦୧୩-୧୪ ଆର୍ଥିକ ବର୍ଷରେ ଓଡ଼ିଶାର ହାରାହାରି ମୁଣ୍ଡପିଛା ଆୟ ୫୪୨୦୯ ଟଙ୍କା ରହିଥିଲା। ମାତ୍ର ଏକ ଦଶନ୍ଧି ମଧ୍ୟରେ ମୁଣ୍ଡପିଛା ଆୟ ପ୍ରାୟ ଦ୍ୱିଗୁଣିତ ହୋଇ ୨୦୨୪ ଆର୍ଥିକ ବର୍ଷରେ ଏହା ୧୦୬୯୧୮ ଟଙ୍କାରେ ପହଞ୍ଚିଛି। ୧୦ବର୍ଷରେ ଓଡ଼ିଶାରେ ମୁଣ୍ଡପିଛା ଆୟ ୯୬.୭% ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ କର୍ଣ୍ଣାଟକରେ ମୁଣ୍ଡପିଛା ଆୟ ୯୩.୬% ବୃଦ୍ଧି ପାଇଥିବା ବେଳେ ଆନ୍ଧ୍ରପ୍ରଦେଶରେ ୭୮.୯%, ଆସାମରେ ୮୧%, ଛତିଶଗଡ଼ରେ ୫୨.୪%, ମଧ୍ୟପ୍ରଦେଶରେ ୬୦%, ମହାରାଷ୍ଟ୍ରରେ ୫୩.୬%, ତାମିଲନାଡୁରେ ୮୩.୩%, ତେଲଙ୍ଗାନାରେ ୮୫.୩%, ପଶ୍ଚିମବଙ୍ଗରେ ୫୧.୮% ବୃଦ୍ଧି ପାଇଛି। ଦେଶର କେବଳ ଦୁଇଟି ରାଜ୍ୟ ଓଡ଼ିଶା ଓ କର୍ଣ୍ଣାଟକରେ ମୁଣ୍ଡପିଛା ଆୟ ହାର ବୃଦ୍ଧି ୯୦% ଅତିକ୍ରମ କରିଛି ଏବଂ ଓଡ଼ିଶା ଏକ ନମ୍ବର ସ୍ଥାନ ଅଧିକାର କରିଛି। ତତ୍‌କାଳୀନ ନବୀନ ସରକାରଙ୍କ ବିତ୍ତୀୟ ପରିଚାଳନା ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ କରିଛି।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଆଧାରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ସଂସଦରେ ଏସମ୍ପର୍କରେ ସୂଚନା ଦେଇଛନ୍ତି। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅସ୍ଥାୟୀ ଆକଳନ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସ୍ଥିର ମୂଲ୍ୟରେ ମୁଣ୍ଡପିଛା ନେଟ୍ ଜାତୀୟ ଆୟ (ଏନ୍‌ଏନ୍‌ଆଇ) ୧,୧୪,୭୧୦ ଟଙ୍କା ରହିଛି। ୧୦ବର୍ଷ ପୂର୍ବେ ମୁଣ୍ଡପିଛା ନେଟ୍ ଜାତୀୟ ଆୟ ୭୨,୮୦୫ ଟଙ୍କା ଥିଲା ଓ ସେହି ସମୟରେ ଓଡିଶାର ମୁଣ୍ଡପିଛା ନେଟ୍ ଜାତୀୟ ଆୟ ୫୪,୨୦୯ ଟଙ୍କା ରହିଥିଲା। ମାତ୍ର ଏହି ୧୦ବର୍ଷ ମଧ୍ୟରେ ଓଡ଼ିଶାର ମୁଣ୍ଡପିଛା ଆୟ ହାର ବୃଦ୍ଧି ୯୬.୭% ବୃଦ୍ଧି ▶ପୃଷ୍ଠା-୭

## ବୟନ ଶିଳ୍ପ ବୁଣାକାରଙ୍କ ମଜୁରି ବୃଦ୍ଧି

**ସପ୍ତାହକୁ ଦିନଟିଏ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

**ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ୍-୨୦୨୫ରେ ୩୩ଟି ବୁଝାମଣା ସ୍ୱାକ୍ଷରିତ**

**୭,୮୦୮ କୋଟିର ପୁଞ୍ଜିନିବେଶ ପ୍ରତିଶ୍ରୁତି, ୫୩,୩୦୦ ନିଯୁକ୍ତି ସୁଯୋଗ**

**ଜଗତସିଂହପୁର, ଭଦ୍ରକରେ ଟେକ୍ସଟାଇଲ ଓ ଫୁଟ୍‌ୱେୟାର ପାର୍କ ଲୋକାର୍ପିତ**



■ **ଭୁବନେଶ୍ୱର, ୨୫।୭ (ସମିସ):** ବୟନ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ବୁଣାକାର କର୍ମଚାରୀଙ୍କ ମାସିକ ମଜୁରି ରିହାତି ଏକ ହଜାର ଟଙ୍କା ବୃଦ୍ଧି କରାଯାଇଛି। ଏହାଦ୍ୱାରା ମହିଳା କର୍ମଚାରୀଙ୍କୁ ମାସକୁ ୬ ହଜାର ଟଙ୍କା ବଦଳରେ ୭ ହଜାର ଏବଂ ପୁରୁଷ କର୍ମଚାରୀଙ୍କୁ ମାସକୁ ୫ହଜାର ବଦଳରେ ୬ହଜାର ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ଶୁକ୍ରବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ୍‌ରେ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଏବଂ ଭଦ୍ରକଠାରେ ଦୁଇଟି ଟେକ୍ସଟାଇଲ ଓ ଫୁଟ୍‌ୱେୟାର ପାର୍କର ଲୋକାର୍ପଣ କରି ରାଜ୍ୟର ସମସ୍ତ ସରକାରୀ କର୍ମଚାରୀମାନଙ୍କୁ ସପ୍ତାହକୁ ଗୋଟିଏ ଦିନ ହସ୍ତତନ୍ତ ପୋଷାକ ପରିଧାନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। କନ୍‌କ୍ଲେଭରେ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ୭୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଆସିଛି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ୫୩,୩୦୦ ଟି ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ଦଶନ୍ଧି ମଧ୍ୟରେ ରାଜ୍ୟରେ ଟେକ୍ସଟାଇଲ କ୍ଷେତ୍ରରେ ୫ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟି ସହ ୫ଟି ଟେକ୍ସଟାଇଲ ଓ ଆପାରେଲ୍ ▶ପୃଷ୍ଠା-୭

## ଚଳନ୍ତା କାର୍‌ରେ ମହିଳାଙ୍କୁ ଅସଦାଚରଣ

**ଚାଳକ ଅଟକ, କାର୍ ଜବତ**

■ **ପୁରୀ, ୨୫।୭ (ସମିସ):** ରାଜ୍ୟରେ ଭୁଶୁଡ଼ିପଡ଼ିଛି ଆଇନ ଶୃଙ୍ଖଳା ବ୍ୟବସ୍ଥା। ଆଇନକାନୁନ୍‌କୁ ଦୁର୍ବୃତ୍ତଙ୍କ ଖାତିର୍ ନାହିଁ। ଅପରାଧୀମାନେ ଖୁଲମ୍‌ଖୁଲା ଅପରାଧ ଭିଆଉଛନ୍ତି। ଫଳରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିଳା ହିଂସା, ନାରୀ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଆଦି ବଢ଼ି ଚାଲିଛି। ପୁରୀରେ ବି ଅସଦାଚରଣ ଘଟଣା ବୃଦ୍ଧି ପାଇଛି। ନିକଟରେ ୩ ଭଉଣୀଙ୍କୁ କିଛି ଦୁର୍ବୃତ୍ତ ଅସଦାଚରଣ କରିଥିବା ବେଳେ ପୁଣି ଚଳନ୍ତା କାର୍‌ରେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ କାର୍ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି କୁମ୍ଭାରପଡ଼ା ଥାନା ପୁଲିସ। ଅଭିଯୁକ୍ତ ହେଲେ, ତୋଟା ବେହେରା ସାହିରେ ରହୁଥିବା ପାରାଦୀପ ବାଲିଡିହାର ମୁନା ପ୍ରଧାନ (୩୨)। ▶ପୃଷ୍ଠା-୭

## ଡେପୁଟୀ ରେଞ୍ଜରଙ୍କ ଘରେ ଟଙ୍କା ପାହାଡ଼

**ଗୁପ୍ତ ଟ୍ରେଜେରୀରେ ଥାକମାରି ରଖିଥିଲେ ୧.୪୩ କୋଟି**





**ଘରୁ ଜବତ ହେଲା ୧.୫କେଜି ସୁନା, ୪.୬କେଜିର ରୁପା**

**ସୁନା ବିସ୍କୁଟ, ସୁନା କଏନ୍ ବି ରଖିଥିଲେ**

**୩ଟି ଫ୍ଲାଟ୍, ୧.୩୩ କୋଟିର ଦୁଇଟି ପ୍ଲଟ୍**

■ **ଜୟପୁର/ ଭୁବନେଶ୍ୱର, ୨୫।୭ (ସମିସ):** ଜଙ୍ଗଲ ବିଭାଗରେ ଅଧିକାରୀଙ୍କୁ ଘାରିଛି ଟଙ୍କା, ଅଳଙ୍କାର ଓ ସଂପତ୍ତି ନିଶା। ଯାହାକୁ ଭିଜିଲାନ୍ସ ଧରୁଛି ତାଙ୍କ ଘରୁ ଜବତ ହେଉଛି ନଗଦ କୋଟି କୋଟି ଟଙ୍କା। ମାଳ ମାଳ ପ୍ଲଟ୍ ବି ଠାବ କରାଯାଉଛି। ଦୁଇ ଦିନ ତଳେ କେନ୍ଦୁଝରର କେନ୍ଦୁପତ୍ର ଡିଭିଜନ୍ ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ଘରେ ଚଢ଼ଉ କରି ଭିଜିଲାନ୍ସ ତାଙ୍କର ୧୨୩ ପ୍ଲଟ୍ ଏବଂ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରିଥିଲା। ଏହିଭଳି ଜୟପୁର ଡେପୁଟି ରେଞ୍ଜର ଘରେ ଆଜି ଚଢଉ କରିବା ପରେ ଟଙ୍କାର ପାହାଡ଼ ଦେଖି ଭିଜିଲାନ୍ସ ଟିମ୍ ଆଶ୍ଚର୍ଯ୍ୟ ହୋଇଯାଇଛି। ବାବୁ ଦୁର୍ନୀତି କରି ଗୁପ୍ତ ଟ୍ରେଜେରୀରେ କୋଟି କୋଟି ଟଙ୍କା ଥାକ ମାରି ରଖିଥିଲେ। ତାଙ୍କ ଘରୁ ଦେଢ଼ କେଜି ସୁନା ଓ ସାଢ଼େ ୪ କିଲୋ ରୁପା ଅଳଙ୍କାର ମଧ୍ୟ ଜବତ କରାଯାଇଥିବା ସୂଚନା ମିଳିଛି। ▶ପୃଷ୍ଠା-୭

### ଅବପାତ ଘନୀଭୂତ

## ବଡ଼ ବର୍ଷାରେ ଫୁଲିବ ପ୍ରମୁଖ ନଦୀ

■ **ଭୁବନେଶ୍ୱର, ୨୫।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି। ଉତ୍ତରପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ଶୁକ୍ରବାର ସକାଳ ସାଢ଼େ ୫ଟା ସମୟରେ ଏହି ଅବପାତ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ଅବପାତ ଯୋଗୁଁ ରାଜ୍ୟର ୬ଟି ସ୍ଥାନରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୮ଟି ସ୍ଥାନରେ ୯୦ ମିମିରୁ ୧୦୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ସାମଗ୍ରିକ ଭାବେ ଅବପାତ ଯୋଗୁଁ ୨୪ ଘଣ୍ଟାରେ ସ୍ୱାଭାବିକ ତୁଳନାରେ ୧୪୧ ପ୍ରତିଶତ ଅଧିକ ବର୍ଷା ହୋଇଛି। ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମବଙ୍ଗ ଉପକୂଳମୁହାଁ ହୋଇ ପରବର୍ତ୍ତୀ ଦୁଇ ଦିନ ମଧ୍ୟରେ ଝାଡ଼ଖଣ୍ଡ ଓ ଛତିଶଗଡ଼ ଉପରେ ପ୍ରଭାବ ପକାଇବ। ଏଥିପାଇଁ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଆସନ୍ତାକାଲି (ଶନିବାର) ଝାରସୁଗଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଓ କିଛି ସ୍ଥାନରେ ଭୀଷଣ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

▶▶ **ସୀମାନ୍ତ ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା**

▶▶ **ଜିଲ୍ଲାପାଳମାନଙ୍କୁ ସତର୍କ କରାଇଲେ ଏସ୍‌ଆର୍‌ସି**

▶▶ **୨୮ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ବାରଣ**

ଏହାସହିତ ବାକି ସବୁ ଜିଲ୍ଲାରେ ପ୍ରବଳ ବର୍ଷାର ସତର୍କତା ଜାରି କରାଯାଇଛି।

ଅବପାତ ପ୍ରଭାବରେ ଉଭୟ ତଳ ଓ ଉପରମୁଣ୍ଡରେ ବର୍ଷା ହେଉଥିବା ଯୋଗୁଁ ରାଜ୍ୟର ବିଭିନ୍ନ ▶ପୃଷ୍ଠା-୭

### ଭାରତ-ବ୍ରିଟେନ ବାଣିଜ୍ୟିକ ଚୁକ୍ତିରେ ଓଡ଼ିଶାକୁ ଉପେକ୍ଷା

## ରାଜ୍ୟର କୌଣସି ସାମଗ୍ରୀକୁ ମିଳିଲାନି ସ୍ଥାନ

■ **ଭୁବନେଶ୍ୱର, ୨୫।୭ (ସମିସ):** ଡବଲ୍ ଇଂଜିନ ସରକାରରେ ଓଡ଼ିଶାକୁ ପୁଣିଥରେ ଉପେକ୍ଷା କରାଯାଇଛି। ବିଶ୍ୱସ୍ତରରେ ଓଡ଼ିଶାର ମର୍ଯ୍ୟାଦା ବୃଦ୍ଧି ସୁଯୋଗରୁ ରାଜ୍ୟବାସୀ ବଞ୍ଚିତ ହୋଇଛନ୍ତି। ଦେଶର ୧୭ଟି ରାଜ୍ୟକୁ ଏହି ମର୍ଯ୍ୟାଦା ମିଳିଥିଲେ ମଧ୍ୟ ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ପ୍ରତି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଆଖି ବୁଜିଦେଇଛନ୍ତି। ଫଳରେ ଡବଲ ଇଂଜିନ ସରକାରଙ୍କ କଥା ଓ କାମକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦିନକ ତଳେ ଭାରତ ଏବଂ ୟୁନାଇଟେଡ୍ କିଙ୍ଗ୍‌ଡମ୍ (ବ୍ରିଟେନ) ମଧ୍ୟରେ ହୋଇଥିବା ଐତିହାସିକ ବାଣିଜ୍ୟ ଚୁକ୍ତିକୁ ନେଇ ସାରା ଦେଶରେ ଉତ୍ସାହ ଦେଖାଦେଇଥିବା ବେଳେ ଓଡ଼ିଶାବାସୀ ନିରାଶ ହୋଇଛନ୍ତି। ଏହି ଚୁକ୍ତି




ଦ୍ୱାରା ଭାରତ ନିଜ ଦେଶର ଅନେକ ସାମଗ୍ରୀ ବ୍ରିଟେନ୍‌କୁ ରପ୍ତାନୀ କରିବ। ଭାରତର ପ୍ରାୟ ୯୯ ପ୍ରତିଶତ ରପ୍ତାନି ସାମଗ୍ରୀ ବ୍ରିଟେନ ବଜାରରେ ଶୁଳ୍କମୁକ୍ତ ପ୍ରବେଶ ସୁଯୋଗ ପାଇବ। ଭାରତରୁ ବ୍ରିଟେନକୁ ରପ୍ତାନୀ ପାଇଁ ଯେଉଁ ତାଲିକା କେନ୍ଦ୍ର ସରକାର ପ୍ରସ୍ତୁତ କରିଛନ୍ତି, ସେଥିରେ ୧୭ଟି ରାଜ୍ୟର ପ୍ରମୁଖ ସାମଗ୍ରୀ ସ୍ଥାନ ପାଇଥିବା ବେଳେ ଓଡ଼ିଶାର କୌଣସି ସାମଗ୍ରୀ ସ୍ଥାନ ପାଇନାହିଁ। ଏପରିକି ବିଶ୍ୱ ପ୍ରସିଦ୍ଧ କୋରାପୁଟ କଫିକୁ କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶର ବୋଲି ଦର୍ଶାଇବା ରାଜ୍ୟବାସୀଙ୍କ ସ୍ୱାଭିମାନ ପ୍ରତି ଉପହାସ ସଦୃଶ ହୋଇଛି।

**୧୭ ରାଜ୍ୟର ରପ୍ତାନୀ ସାମଗ୍ରୀ ତାଲିକା ପ୍ରକାଶିତ**

**କୋରାପୁଟ କଫିକୁ ଆନ୍ଧ୍ରର ଦର୍ଶାଇଲେ ସରକାର**

ଏହି ଚୁକ୍ତି ପରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ ନିଜ ସୋସିଆଲ ମିଡିଆ ପୃଷ୍ଠାରେ ଦେଶର କେଉଁ ରାଜ୍ୟର କେଉଁ ସାମଗ୍ରୀ ବିଦେଶକୁ ରପ୍ତାନୀ ହେବ, ତାହା ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି। ପୀୟୂଷ ଗୋଏଲ୍ ଦେଇଥିବା ତାଲିକା ଅନୁସାରେ ଆନ୍ଧ୍ରପ୍ରଦେଶ, ▶ପୃଷ୍ଠା-୭



# ରାଜ୍ୟସଭା ସାଂସଦ ଭାବେ ଶପଥ ନେଲେ କମଲ ହାସନ

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ଅଭିନେତା ତଥା ମକଲ ନିଧି ମୟମ (ଏମଏନଏମ)ର ପ୍ରତିଷ୍ଠା କମଲ ହାସନ ଶୁକ୍ରବାର ରାଜ୍ୟସଭା ସାଂସଦ ଭାବେ ଶପଥ ଗ୍ରହଣ କରିଛନ୍ତି। କମଲ ହାସନଙ୍କ ସହିତ ପୂର୍ବତନ ଅତିରିକ୍ତ ଆଡଭୋକେଟ ଜେନେରାଲ ପି.ୱିଲସନ, କବି ରାଜାଥି ଓରଫ ସଲ୍ମା ଏବଂ ଏସଆର ଶିବଲିଙ୍ଗମ ମଧ୍ୟ ଆଜି ଶପଥ ନେଇଛନ୍ତି। ସମସ୍ତେ ତାମିଲନାଡୁର କ୍ଷମତାସୀନ ଡିଏମକେ ସମର୍ଥନରେ କିମ୍ବା ସହଯୋଗୀ ଦଳ ପକ୍ଷରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ସମସ୍ତେ ତାମିଲ ଭାଷାରେ ଶପଥ ଗ୍ରହଣ କରିଥିଲେ। ଡିଏମକେ ସହ ମେଣ୍ଟ କରିଥିବା କମଲ ହାସନ ଶପଥ ନେବା ପରେ ଗର୍ବିତ ଏବଂ ସମ୍ମାନିତ ଅନୁଭବ କରୁଥିବା କହିଛନ୍ତି।

# ପାଲେଷ୍ଟାଇନ୍‌କୁ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବ ଫ୍ରାନ୍ସ



ପ୍ୟାରିସ/ ତେଲ ଅଭିଭ୍, ୨୫।୭(ଏଜେନ୍ସି): ଖୁବଶୀଘ୍ର ଫ୍ରାନ୍ସ ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଦେବ। ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଗୁରୁବାର ଏ ନେଇ ଘୋଷଣା କରିଛନ୍ତି। ଆଗାମୀ ସେପ୍ଟେମ୍ବରରେ ଜାତିସଂଘର ମହା ଅଧିବେଶନରେ ସେ ଏ ନେଇ ଔପଚାରିକ ଭାବେ ଘୋଷଣା କରିବେ ବୋଲି ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏଥିରେ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷ ଖୁସି ଜାହିର କରିବା ସହ ମାକ୍ରୋନଙ୍କ ମନ୍ତବ୍ୟକୁ ସ୍ୱାଗତ କରିଛନ୍ତି। ଅନ୍ୟପଟେ ଇସ୍ରାଏଲ ଏହାକୁ ବିରୋଧ କରିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏହାକୁ ବିରୋଧ କରିଛନ୍ତି। ଏହା ଆତଙ୍କବାଦୀଙ୍କୁ ପୁରସ୍କୃତ କରିବା ସଦୃଶ ହେବ ବୋଲି ସେ କହଛନ୍ତି। ସବୁଠାରୁ ବଡ଼ ପାଶ୍ଚାତ୍ୟ ଦେଶ ଭାବେ ଫ୍ରାନ୍ସ ପାଲେଷ୍ଟାଇନକୁ ମାନ୍ୟତା ପ୍ରଦାନ କରିବ। ଏପର୍ଯ୍ୟନ୍ତ ୧୪୦ରୁ ଅଧିକ ଦେଶ ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ପ୍ରଦାନ କରିସାରିଛନ୍ତି। ଏଥିରେ କେତେକ ୟୁରୋପୀୟ ଦେଶ ମଧ୍ୟ ସାମିଲ ରହିଛନ୍ତି। ଦୀର୍ଘଦିନ ହେବ ପାଲେଷ୍ଟାଇନ୍ ନାଗରିକମାନେ ଏକ ସ୍ୱତନ୍ତ୍ର ଦେଶ ପାଇଁ ଦାବି କରିଆସୁଛନ୍ତି। ଏଥିରେ ୱେଷ୍ଟ ବ୍ୟାଙ୍କ, ପୂର୍ବ ଜେରୁଜେଲମ ଓ ଗାଜା ପଟି ସାମିଲ ରହିଛି। ୧୯୬୭ରେ ଇସ୍ରାଏଲ୍ ମଧ୍ୟପ୍ରାଚ୍ୟ ଯୁଦ୍ଧ ଅବସରରେ ଏହି ଅଞ୍ଚଳଗୁଡିକୁ ଅକ୍ତିଆରରେ ରଖିଛି। ପାଲେଷ୍ଟାଇନର ସ୍ଥିତି ନେଇ ବ୍ରିଟେନ ଓ ଜର୍ମାନୀ ସହ ବୈଠକରେ ଫ୍ରାନ୍ସ ବସିବ। ଫ୍ରାନ୍ସରେ ବହୁ ସଂଖ୍ୟାରେ ଇହୁଦୀ ଓ ମୁସଲମାନ ରହୁଛନ୍ତି। ତେଣୁ ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଓ ଯୁଦ୍ଧ ଭଳି ସ୍ଥିତି ଫ୍ରାନ୍ସକୁ ପ୍ରଭାବିତ କରିଛି।

# ମୁମ୍ବଇରେ ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ମୁମ୍ବଇ ଓ ତା'ର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି। ପୁଣି ଆଗକୁ ପ୍ରବଳ ବର୍ଷା ହେବ ବୋଲି ରେଡ ଆଲର୍ଟ ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ମାର୍ଗଦର୍ଶିକା ଜାରି କରାଯାଇଛି। ଅତି ଆବଶ୍ୟକ ନହେଲେ ଲୋକଙ୍କୁ ଘରୁ ନ ବାହରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସମୁଦ୍ରକୂଳ ଓ ଆଖପାଖ ଅଞ୍ଚଳକୁ ନ ଯିବା ପାଇଁ ମଧ୍ୟ କୁହାଯାଇଛି। ମହାରାଷ୍ଟ୍ର ସମେତ ୫ଟି ରାଜ୍ୟରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ମଧ୍ୟପ୍ରଦେଶ, ବିହାର, ଝାଡଖଣ୍ଡ, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, କେରଳ, କର୍ଣ୍ଣାଟକ ପାଇଁ ଆରେଞ୍ଜ ଆଲର୍ଟ ଜାରି କରାଯାଇଛି। ପଶ୍ଚିମବଙ୍ଗର ବାଙ୍କୁଡା ଓ ପୂର୍ବ ବର୍ଦ୍ଧମାନ ଜିଲ୍ଲାରେ ଗୁରୁବାର ବିଜୁଳି ମାରିବା ଯୋଗୁଁ ୧୩ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ହିମାଚଳ ପ୍ରଦେଶରେ ସଡକ ଧସିବା ଫଳରେ ବସ ଦୁର୍ଘଟଣାରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏଥିସହ ବର୍ଷାଜନିତ କାରଣରୁ ହିମାଚଳରେ ଏପର୍ଯ୍ୟନ୍ତ ମୋଟ୍ ଉପରେ ୧୪୭ ଜଣ ଲୋକ ପ୍ରାଣ ହରାଇଛନ୍ତି।

# ଚୀନ୍‌ରେ ଦିନକରେ ବର୍ଷକର ବର୍ଷା: ୧୯ ହଜାର ଲୋକ ଉଦ୍ଧାର

ବେଜିଂ, ୨୫।୭(ଏଜେନ୍ସି): ଉତ୍ତର ଚୀନ୍‌ର ବାଓଡିଙ୍ଗ ସହରରେ ପ୍ରବଳ ବର୍ଷା କାରଣରୁ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ବର୍ଷକର ବର୍ଷା ହୋଇଛି। ଗୋଟିଏ ଦିନରେ ୪୪୮.୭ ମିମି ବର୍ଷା ହୋଇଛି ଓ ଏହା ବର୍ଷକର ବର୍ଷା ୫୦୦ ମିମି ସହ ଏକପ୍ରକାର ସମାନ ବୋଲି କୁହାଯାଇଛି। ଫଳରେ ଏହି ଇଣ୍ଡଷ୍ଟ୍ରିଆଲ ସହରରେ ବନ୍ୟା ଆସିଛି। ସହରର ପ୍ରାୟ ସବୁ ସଡକ ବୁଡି ଯାଇଛି। କେତେକ ରାସ୍ତା ଓ ପୋଲ ଭାଙ୍ଗିଯାଇଛି। କେତେକ ସ୍ଥାନରେ ବିଜୁଳୀ ଖୁଣ୍ଟ ମଧ୍ୟ ଉପୁଡି ଯାଇଛି। ବାଓଡିଙ୍ଗ ସହରରେ ରେଡ ଆଲର୍ଟ ଜାରି କରାଯାଇଛି। ଏହି ସହରର ୬ ହଜାର ଘରୁ ୧୯, ୦୦୦ ଲୋକଙ୍କୁ ଉଦ୍ଧାର କରାଯାଇ ନିରାପଦ ସ୍ଥାନକୁ ନିଆଯାଇଛି।

# ଅଶ୍ଳୀଳତା ପ୍ରସାର କରୁଥିବା ୨୫ ଓଟିଟି ପ୍ଲାଟ୍‌ଫର୍ମ ନିଷିଦ୍ଧ

ALT BALAJI ULLU

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): କେନ୍ଦ୍ର ସରକାର ଶୁକ୍ରବାର ଅଶ୍ଳୀଳ କଣ୍ଟେଣ୍ଟ୍ ପ୍ରସାରିତ କରୁଥିବା ୨୫ଟି ଓଟିଟି ପ୍ଲାଟଫର୍ମକୁ ବ୍ୟାନ୍ କରିଛନ୍ତି। ମନୋରଞ୍ଜନ ନାମରେ ଏହି ଆପ୍‌ଗୁଡିକ ଅଶ୍ଳୀଳ ଓ ଆପତ୍ତିଜନକ ଭିଡିଓ ପରିବେଷଣ କରୁଥିଲେ ବୋଲି କେନ୍ଦ୍ର କହିଛି। ଏ ନେଇ ସରକାର ଇଣ୍ଟରନେଟ ସର୍ଭିସ୍ ପ୍ରୋଭାଇଡରଙ୍କୁ ଏହି ଓଟିଟି ଆପ୍ ଓ ୱେବସାଇଟ୍‌ଗୁଡିକୁ ବ୍ଲକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାନ ହୋଇଥିବା ଆପ୍‌ଗୁଡିକ ମଧ୍ୟରେ ଅଲ୍ଟବାଲାଜୀ, ଉଲ୍ଲୁ, ଦେଶୀ ଫ୍ଲିକ୍ସ ଭଳି ଲୋକପ୍ରିୟ ପ୍ଲାଟଫର୍ମ ରହିଛି।

ଏଏଲ୍‌ଟିଟି ଆପ୍ ୨୦୧୭ ଏପ୍ରିଲରେ ସିନେମା ଓ ଟିଭି ପ୍ରଡ୍ୟୁସର ଏକତା କପୁର ଲଞ୍ଚ୍ କରିଥିଲେ। ସେହିପରି ଉଲ୍ଲୁ ଆପକୁ ଆଇଆଇଟି କାନପୁର ଗ୍ରାଜୁଏଟ୍ ବିଭୁ ଅଗ୍ରୱାଲ୍ ୨୦୧୮ରେ ଲଞ୍ଚ୍ କରିଥିଲେ। ପୂର୍ବରୁ ୨୦୨୪ରେ ମଧ୍ୟ ସରକାର ଅଶ୍ଳୀଳ କଣ୍ଟେଣ୍ଟ୍‌କୁ ଦୃଷ୍ଟିରେ ରଖି ୧୮ଟି ଓଟିଟି ପ୍ଲାଟଫର୍ମଗୁଡିକୁ ବ୍ୟାନ କରିଥିଲେ। ଏଥିସହ ୧୯ଟି ୱେବସାଇଟ୍, ୧୦ ଆପ୍ ଓ ୫୭ଟି ସୋସିଆଲ ମିଡିଆ ହ୍ୟାଣ୍ଡଲକୁ ମଧ୍ୟ ବ୍ଲକ କରିଥିଲେ।

## ଗତବର୍ଷ ମଧ୍ୟ ୧୮ ଆପ୍‌କୁ ବନ୍ଦ କରାଯାଇଥିଲା

୨୦୨୦ରେ କରୋନା ମହାମାରୀକୁ ଦୃଷ୍ଟିରେ ରଖି ଜାରି କରାଯାଇଥିବା ଲକ୍‌ଡାଉନ୍ ଅବସରରେ ଅଲ୍ଟବାଲାଜୀ ଓ ଉଲ୍ଲୁ ଆପ୍‌ର ୟୁଜର୍ସ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିଲା। ଏଥିସହ ଅନ୍‌ଲାଇନ କଣ୍ଟେଣ୍ଟ୍‌କୁ ଦୃଷ୍ଟିରେ ରଖି ସରକାର ପୂର୍ବରୁ ଗାଇଡ ଲାଇନ୍ ଜାରି କରିଛନ୍ତି। ୨୦୨୧ରେ ସରକାର ଦି ଇନଫର୍ମେସନ ଟେକ୍ନୋଲୋଜି ନିୟମ ଜାରି କରିଥିଲେ। ଏହାକୁ ୨୦୨୩ ଏପ୍ରିଲ ୬ରେ ଅପଡେଟ୍ କରାଯାଇଥିଲା। ୩୦ ପୃଷ୍ଠା ବିଶିଷ୍ଟ ଏହି ଗାଇଡ ଲାଇନ୍‌ରେ ସୋସିଆଲ ମିଡିଆ, ସିନେମା, ୱେବ ସିରିଜକୁ ନେଇ ନିୟମ ଜାରି କରାଯାଇଥିଲା। ଏହି ଗାଇଡ୍ ଲାଇନ୍ ଅନୁସାରେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଗ୍ରିଭାନ୍ସ ଅଫିସର ରଖିବାକୁ ହେବ। ପୁଣି ସବୁ କଣ୍ଟେଣ୍ଟ୍ ଆଇନ୍ ଅନୁସାରେ ହେବା ଜରୁରୀ। କଣ୍ଟେଣ୍ଟଗୁଡିକ ଦେଶ ବିରୋଧୀ ହୋଇ ନଥିବ ଓ ଏଥିରେ ଯୌନତା ତଥା ଅଶ୍ଳୀଳତା ନ ରହିବା ଜରୁରୀ। ପୁଣି କଣ୍ଟେଣ୍ଟ୍‌ଗୁଡିକ ଛୋଟ ପିଲା ଓ ମହିଳାଙ୍କୁ କୌଣସ ପ୍ରକାର କ୍ଷତି ପହଞ୍ଚାଉ ନଥିବ ବୋଲି କୁହାଯାଇଥିଲା।

# ବିଦେଶରେ ୧୦, ୫୭୪ ଭାରତୀୟ ବନ୍ଦୀ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ବିଶ୍ୱର ବିଭିନ୍ନ ଜେଲ୍‌ରେ ୧୦, ୫୭୪ ଭାରତୀୟ ବନ୍ଦୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ୪୩ ଜଣ ମୃତ୍ୟୁଦଣ୍ଡ ପାଇଛନ୍ତି। ଶୁକ୍ରବାର ସରକାରଙ୍କ ପକ୍ଷରୁ ସଂସଦରେ ଏହି ସୂଚନା ଦିଆଯାଇଛି। ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ବିଦେଶ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ କହିଛନ୍ତି ଯେ ୟୁଏଇରେ ସର୍ବାଧିକ ୨,୭୭୩ ଭାରତୀୟ ବନ୍ଦୀ ଅଛନ୍ତି। ସେହିପରି ସାଉଦି ଆରବରେ ୨,୩୭୯, ନେପାଳରେ ୧୩୫୭, କାତାରରେ ୭୯୫, ମାଲେସିଆରେ ୩୮୦, କୁଏତରେ ୩୪୨, ବ୍ରିଟେନରେ ୩୨୩, ବାହାରିନରେ ୨୬୧, ପାକିସ୍ତାନରେ ୨୪୬, ଚୀନ୍‌ରେ ୧୮୩ ଭାରତୀୟ କଏଦୀ ଅଛନ୍ତି। ଏହା ବ୍ୟତୀତ ଆଙ୍ଗୋଲିଆ, ବେଲ୍‌ଜିୟମ, କାନାଡ଼ା, ଚିଲି, ଇଜିପ୍ଟ, ଇରାକ, ଜାମାଇକା, ମରିସସ, ଦକ୍ଷିଣ ଆଫ୍ରିକା, ସୁଦାନ, ତାଜାକିସ୍ତାନ ଏବଂ ୟେମେନରେ ଜଣେ ଲେଖାଏଁ ଭାରତୀୟ ବନ୍ଦୀ ଅଛନ୍ତି।

# ଥମୁନି ଥାଇଲାଣ୍ଡ-କାମ୍ବୋଡିଆ ସଂଘର୍ଷ

ବ୍ୟାଙ୍କକ, ୨୫।୭ (ଏଜେନ୍ସି): ହଜାରେ ବର୍ଷ ତଳର ଦୁଇ ପୁରୁଣା ଶିବ ମନ୍ଦିରକୁ ନେଇ ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି। ଏହି ଉତ୍ତେଜନା ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସୀମାର ୧୨ ସ୍ଥାନରେ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। ଏଥିଯୋଗୁଁ ଥାଇଲାଣ୍ଡ ସୀମାରେ ରହୁଥିବା ଲକ୍ଷେରୁ ଅଧିକ ଲୋକ ଘର ଛାଡ଼ିବାକୁ ବାଧ ହୋଇଛନ୍ତି। ଏହି ସଂଘର୍ଷରେ ଏ ପର୍ଯ୍ୟନ୍ତ ୧୫ ଜଣଙ୍କ ମୃତ୍ୟୁ ହେଲାଣି। ଏମାନଙ୍କ ମଧ୍ୟରେ ଜଣେ ସୈନିକ ଏବଂ ୧୪ ଜଣ ସାଧାରଣ ନାଗରିକ ସାମିଲ ଅଛନ୍ତି। ୪୬ ଜଣ ମଧ୍ୟ ଆହତ ହୋଇଛନ୍ତି। ତେବେ ମୃତାହତଙ୍କୁ ନେଇ କାମ୍ବୋଡିଆ ପକ୍ଷରୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନାହିଁ। ତେବେ ଅନେକ ରିପୋର୍ଟରେ ଜଣେ ପ୍ରାଣ ହରାଇଥିବା ଦାବି କରାଯାଉଛି। କାମ୍ବୋଡିଆ ସୀମାକୁ ଲାଗିଥିବା ଚନ୍ଥାବୁରିର ୭ ଜିଲ୍ଲା ଏବଂ ଟ୍ରାଟର ଗୋଟିଏ ଜିଲ୍ଲାରେ ଥାଇଲାଣ୍ଡ ମାର୍ଶାଲ ଲ' ଲଗାଇଛି। ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ଦେଖି ଥାଇଲାଣ୍ଡ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଯାତ୍ରୀ ମାର୍ଗଦର୍ଶିକା ଜାରି କରାଯାଇଛି। ଥାଇଲାଣ୍ଡ ଏବଂ କାମ୍ବୋଡିଆ ସୀମା ନିକଟସ୍ଥ ୭ ରାଜ୍ୟକୁ ନ ଯିବା ପାଇଁ ନିବେଦନ କରାଯାଇଛି। ଏହି ସବୁ ରାଜ୍ୟ ମଧ୍ୟରେ ଉବୋନ ରଚତଥାନି, ସୁରିନ, ସିସାକେତ୍ତୁ, ବୁରିରାମ, ସା କାଓ, ଚନ୍ଥାବୁରି ଏବଂ ଟ୍ରାଟ ସାମିଲ ରହିଛି। ଗତ ମେ' ମାସରୁ ଦୁଇ ଦେଶ ମଧ୍ୟରେ ବିବାଦ ଉଗ୍ର ହୋଇଥିଲା। ସୀମାକ୍ଷେତ୍ରରେ ସଂଘର୍ଷ ଚାଲିଥିବାବେଳେ କାମ୍ବୋଡିଆର ଜଣେ ସୈନିକ ପ୍ରାଣ ହରାଇ ଥିଲେ। ଯେସାକୁ ତେସା ନୀତିରେ ଏବଂ ସୀମା ବନ୍ଦକୁ ନେଇ ଗୁରୁବାର ସଂଘର୍ଷ ଆରମ୍ଭ ହୋଇଥିଲା। ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ କରିଥିବା ଅଭିଯୋଗ ଲଗାଇ ଥିଲେ। ଗୁଳିଗୋଳା ମାଡ଼ ହେବା

## ଗଲାଣି ୧୫ ଜୀବନ, ସୀମାରୁ ଲକ୍ଷେ ଲୋକଙ୍କୁ ହଟାଇଲା ଥାଇଲାଣ୍ଡ

## ୮ ଜିଲ୍ଲାରେ ମାର୍ଶାଲ ଲ' ଲଗାଇଲା

## ମାର୍ଗଦର୍ଶିକା ଜାରିକଲା ଭାରତୀୟ ଦୂତାବାସ

ସହିତ ଆରମ୍ଭ ହୋଇଥିବା ଏହି ସଂଘର୍ଷ ଏବେ ଭୟଙ୍କର ହେବାରେ ଲାଗିଛି। ଦୁଇ ଦେଶ ସୀମାରେ ଲଢୁଆ ବିମାନ, ତୋପ, ଟ୍ୟାଙ୍କ ଏବଂ ସେନା ମୁତୟନକୁ କରିଛନ୍ତି।

ଥାଇଲାଣ୍ଡ ଏବଂ କାମ୍ବୋଡିଆର ଇତିହାସ ଦୀର୍ଘ ଦିନ ହେଲା ଖମେର ସାମ୍ରାଜ୍ୟ (କାମ୍ବୋଡିଆ) ଏବଂ ସିୟାମ ସାମ୍ରାଜ୍ୟ (ଥାଇଲାଣ୍ଡ) ମଧ୍ୟରେ ସଂଘର୍ଷ ସହ ଜଡ଼ିତ। ଫ୍ରାନ୍ସ ଏବଂ ବ୍ରିଟିଶ ଶାସନ କାଳରେ ମଧ୍ୟ ଉଭୟ ଦେଶର ସୀମାରେ ଉତ୍ତେଜନା ଥିଲା। ଏଥିଯୋଗୁଁ ପ୍ରିୟ ବିହାର ଏବଂ ତା ମୁଏନ ଥାମ ମନ୍ଦିରର ଆଖପାଖରେ ଥିବା ଜମିର ଅଧିକାରକୁ ନେଇ ଆଇନଗତ ଏବଂ ରାଜନୈତିକ ବିବାଦ ଥମିବା ପରିବର୍ତ୍ତେ ବୃଦ୍ଧି ପାଇ ଚାଲିଥିଲା। ୧୯୦୭ରେ କାମ୍ବୋଡିଆ ଫ୍ରାନ୍ସ ଅଧିନରେ ଥିବାବେଳେ ଦୁଇ ଦେଶ ମଧ୍ୟରେ ୮୧୭ କିମିର ସୀମାରେଖା ନିର୍ଦ୍ଧାରଣ କରାଯାଇଥିଲା। କିନ୍ତୁ ଥାଇଲାଣ୍ଡ ଏହାକୁ ବିରୋଧ କରିଥିଲା। କାରଣ ନକ୍ସାରେ ପ୍ରିୟ ବିହାର ମନ୍ଦିରକୁ କାମ୍ବୋଡିଆର ଦର୍ଶା ଯାଇଥିଲା। ସେହିପରି ତା ମୁଏନ ଥାମ ମନ୍ଦିରକୁ ଥାଇଲାଣ୍ଡର ଦେଖା ଯାଇଥିଲା। କିନ୍ତୁ କାମ୍ବୋଡିଆ ଏହାକୁ ନିଜର ଭାବୁ ଥିଲା। ଏହି ମନ୍ଦିର ସେହି ସ୍ଥାନରେ ରହିଛି ଯେଉଁଠି ଦୁଇ ଦେଶ ମଧ୍ୟରେ କୌଣସି ସୀମା ଧାର୍ଯ୍ୟ କରାଯାଇ ନାହିଁ। ତେଣୁ ଏହା ଉପରେ ଉଭୟ ଦେଶ ଦାବି କରୁଛନ୍ତି। ଏହା ଥାଇଲାଣ୍ଡ ପଟେ ଥିବା ସତ୍ତ୍ୱେ କାମ୍ବୋଡିଆ ଏହାକୁ ନିଜର ଐତିହାସିକ ସ୍ଥାନ ମାନୁଛି। କାରଣ ଖମେର ସାମ୍ରାଜ୍ୟ ସମୟରେ ଏହାର ନିର୍ମାଣ ହୋଇଥିଲା। ଏହି ସାମ୍ରାଜ୍ୟ କାମ୍ବୋଡିଆର ଏକ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ସାମ୍ରାଜ୍ୟ ଥିଲା। ଏହା ନବମରୁ ୧୫ଶ ଶତାବ୍ଦୀ ପର୍ଯ୍ୟନ୍ତ ରହିଥିଲା। ଏହି ସାମ୍ରାଜ୍ୟ କାମ୍ବୋଡିଆ ବ୍ୟତୀତ ଲାଓସ, ଥାଇଲାଣ୍ଡ ଏବଂ ଭିଏତନାମର ବିଭିନ୍ନ ଭାଗରେ ଶାସନ କରିଥିଲା।

ଥାଇଲାଣ୍ଡ ଦାବି କରୁଛି ଯେ ଏହି ମନ୍ଦିର କାମ୍ବୋଡିଆର ହୋଇପାରେ। କିନ୍ତୁ ଏହାର ଚାରିପାଖରେ ଥିବା ଜମି ନିଜର। ଉଭୟ ଦେଶର ସେନା ଏହି ମନ୍ଦିର ଆଖପାଖରେ ନିୟମିତ ଭାବେ ପାଟ୍ରୋଲିଂ କରୁଛି। ତେଣୁ ଅନେକ ସମୟରେ ଏଠାରେ ସଂଘର୍ଷ ହେଉଛି। ଚଳିଥ ଥର ସଂଘର୍ଷ ମଧ୍ୟ ଏହି ମନ୍ଦିର ନିକଟରେ ହୋଇଛି।

ସେହିପରି ପ୍ରିହ ବିହିୟର ମନ୍ଦିରକୁ ନେଇ ଘମାଘୋଟ ବିବାଦ ରହିଛି। ଥାଇଲାଣ୍ଡ ଏହାକୁ ନିୟନ୍ତ୍ରଣକୁ ନେବା କ୍ରମାଗତ ଭାବେ ପ୍ରୟାସ କରି ଆସୁଛି। ୧୯୫୯ରେ ଏହି ବିବାଦ ଅନ୍ତର୍ଜାତୀୟ କୋର୍ଟକୁ ଯାଇଥିଲା। ୧୯୬୨ରେ କୋର୍ଟ ଏହା କାମ୍ବୋଡିଆର ବୋଲି ରାୟ ଦେଇ ଥାଇଲାଣ୍ଡକୁ ସେନା ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳ ଥାଇଲାଣ୍ଡ ଏହାକୁ ସ୍ୱୀକାର କରିଥିଲା, କିନ୍ତୁ ଆଖପାଖ ଜମିକୁ ନେଇ ବିବାଦ ଜାରି ରହିଥିଲା। ୨୦୦୮ରେ ଏହି ମନ୍ଦିର ୟୁନେସ୍କୋର ଐତିହ୍ୟ ସ୍ଥଳରେ ସାମିଲ ହେବାରୁ ବିବାଦ ଉଗ୍ର ହୋଇଥିଲା। ପୁଣି ଦୁଇ ଦେଶ ମଧ୍ୟରେ ସଂଘର୍ଷ ହୋଇଥିଲା। ୨୦୧୧ରେ ସ୍ଥିତି ବିଗିଡିବାରୁ ହଜାର ହଜାର ଲୋକେ ଘର ଛାଡ଼ିବାକୁ ବାଧ ହୋଇଥିଲେ। ୨୦୧୩ରେ ଅନ୍ତର୍ଜାତୀୟ କୋର୍ଟ ନିଜ ରାୟକୁ ସ୍ପଷ୍ଟ କରି ମନ୍ଦିର ସହିତ ଆଖପାଖର କ୍ଷେତ୍ର ବି କାମ୍ବୋଡିଆର ବୋଲି କହିଥିଲେ। ସେନାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ଥାଇଲାଣ୍ଡକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ସୀମା ବିବାଦର ସମାଧାନ ହୋଇପାରି ନାହିଁ।




ବିହାରରେ ଭୋଟର ତାଲିକା ଯାଞ୍ଚକୁ ବିରୋଧ କରି ସଂସଦ ବାହାରେ ବିରୋଧୀଙ୍କ ଡଷ୍ଟବିନ୍ ପ୍ରତିବାଦ

## ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟାକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

# ଶିକ୍ଷାନୁଷ୍ଠାନ ପାଇଁ ଜାରିକଲେ ମାର୍ଗଦର୍ଶିକା

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ଦେଶରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ଦିନକୁ ଦିନ ବୃଦ୍ଧିପାଉଛି। ଛାତ୍ରଛାତ୍ରୀଙ୍କ ମାନିସକ ସ୍ୱାସ୍ଥ୍ୟ ସଂକଟକୁ ସୁପ୍ରିମକୋର୍ଟ ଗମ୍ଭୀରତା ସହ ଗ୍ରହଣ କରିଛନ୍ତି। ଏହା ଉପରେ ଗମ୍ଭୀର ଚିନ୍ତା ପ୍ରକଟ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ବ୍ୟବସ୍ଥାର ବିଫଳତା ବୋଲି କହିଛନ୍ତି। ଏଭଳି ଘଟଣାକୁ ଅଣଦେଖା କରିହେବନି। ଏନ୍‌ସିଆରବିର ୨୦୨୨ର ତଥ୍ୟ ବିଚଳିତ କରିଦେଉଛି ବୋଲି ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହଟାଙ୍କ ଖଣ୍ଡପୀଠ କହିଛନ୍ତି। ଯୁବ ବର୍ଗଙ୍କ ମଧ୍ୟରେ ପଢ଼ାର ବୋଝ, ସମାଜର ନିନ୍ଦା, ମାନସିକ ଚାପ ଏବଂ ସ୍କୁଲ-କଲେଜର ଖାମଖିଆଲ ମନୋଭାବ ଆଦି ପାଇଁ ଛାତ୍ରଛାତ୍ରୀ ଜୀବନ ଦେଉଛନ୍ତି।

ଆତ୍ମହତ୍ୟାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଦେଶବ୍ୟାପୀ ଶିକ୍ଷାନୁଷ୍ଠାନଗୁଡିକ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ସରକାର ଏ ସଂକ୍ରାନ୍ତରେ ଯେପର୍ଯ୍ୟନ୍ତ କୌଣସି ଆଇନ୍ ବା

**ଆତ୍ମହତ୍ୟା ବ୍ୟବସ୍ଥାର ବିଫଳତା; ଅଣଦେଖା କରିହେବନି**

ନିୟାମକ ଢାଞ୍ଚା ଜାରି ନ କରିଛନ୍ତି, ସେ ପର୍ଯ୍ୟନ୍ତ ଏହି ମାର୍ଗଦର୍ଶିକାକୁ ସମସ୍ତେ ମାନିବେ ବୋଲି କୋର୍ଟ କହିଛନ୍ତି। ଦେଶରେ ଛାତ୍ର ଆତ୍ମହତ୍ୟା ରୋକିବା ପାଇଁ ପ୍ରଭାବୀ ଆଇନଗତ ଢାଞ୍ଚାର ଅଭାବ ରହିଛି ବୋଲି ଖଣ୍ଡପୀଠ ହୃଦୟଙ୍ଗମ କରିଛନ୍ତି। ଖାସ୍ କରି ସ୍କୁଲ, କଲେଜ ଓ କୋଚିଂ ସେଣ୍ଟରରେ ଏହାର ଅଭାବ ରହିଛି ବୋଲି କହିଛନ୍ତି। ସବୁ ଶିକ୍ଷାନୁଷ୍ଠାନରେ ମାନସିକ ସ୍ୱାସ୍ଥ୍ୟ ନୀତି ଲାଗୁ କରିବା ଜରୁରୀ। କୋଟା, ଜୟପୁର, ଚେନ୍ନଇ, ଦିଲ୍ଲୀ, ମୁମ୍ବଇ, ହାଇଦରାବାଦରେ ଥିବା କୋଚିଂ ସେଣ୍ଟରଗୁଡିକରେ ବିଶେଷ ସତର୍କତାର ସହିତ ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ଉପାୟ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୁଣି ସବୁ ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଆଗାମୀ ଦୁଇମାସ ମଧ୍ୟରେ କୋଚିଂ ସେଣ୍ଟରଗୁଡିକର ପଞ୍ଜୀକରଣ କରିବାକୁ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିୟମ ଓ ଅଭିଯୋଗ ନିବାରଣ ବ୍ୟବସ୍ଥା ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଜାତୀୟ ଟାସ୍କ ଫୋର୍ସ ଗଠନ କରି ୯୦ ଦିନରେ ରିପୋର୍ଟ ଦେବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି।


# ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

ଜୟପୁର, ୨୫।୭ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁନି। ଏବେ ପୁଣି ଏକ ବିମାନ ଶୁକ୍ରବାର ଜୟପୁର ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ଏହି ବିମାନ (ଏଆଇ -୬୧୨) ଜୟପୁରର ମୁମ୍ବାଇ ଅଭିମୁଖେ ଯାଉଥିଲା। ମାତ୍ର ୧୮ ମିନିଟ ପରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଦେଖା ଯାଇଥିଲା। ଏହାର କାର୍ଗୋ ଗେଟ୍ ଖୋଲା ଥିବା ଜଣା ପଡ଼ିଥିଲା। ତେଣୁ ଏହା




ଜରୁରୀ ଅବତରଣ କରିଥିଲା। ଯାନ୍ତ୍ରିକ ତ୍ରୁଟି ଠିକ୍ କରିବା ପରେ ଏହା ସନ୍ଧ୍ୟା ୪ଟା ୨୯ରେ ପୁଣି ମୁମ୍ବାଇ ଅଭିମୁଖେ ଉଡ଼ାଣ ଭରିଥିଲା। ତେବେ ଏୟାର ଇଣ୍ଡିଆ ପକ୍ଷରୁ ବିମାନର କୌଣସି ଯାନ୍ତ୍ରିକ ତ୍ରୁଟିକୁ ନେଇ ବିବୃତ୍ତି ଜାରି କରାଯାଇ ନାହିଁ। ସୂଚନା ଅନୁଯାୟୀ ଏହି ବିମାନ ଆଜି ଦ୍ୱିପହର ୧ଟା୩୫ରେ ଜୟପୁରରୁ ମୁମ୍ବାଇ ଅଭିମୁଖେ ଯିବାର ଥିଲା। ମାତ୍ର ଏହା ଧାର୍ଯ୍ୟ ସମୟର ୨୩ ମିନିଟ ବିଳମ୍ବରେ ଉଡ଼ାଣ ଆରମ୍ଭ କରିଥିଲା।

# ହାଇୱେ ଉପରେ ଖସିଲା ବିମାନ: ପତି-ପତ୍ନୀ ମୃତ



ରୋମ, ୨୫।୭(ଏଜେନ୍ସି): ଉତ୍ତର ଇଟାଲୀର ବ୍ରେସିଆ ସହର ନିକଟସ୍ଥ ହାଇୱେ ଉପରେ ଏକ ଅଲଟ୍ରାଲାଇଟ୍ ଛୋଟ ବିମାନ ଖସିପଡ଼ିବା ସହ ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଏହି ଦୁର୍ଘଟଣାରେ ଏକ ଦମ୍ପତି ମୃତ୍ୟୁବରଣ କରିଛନ୍ତି। ବିମାନକୁ ଉଡାଉଥିବା ୭୫ ବର୍ଷୀୟ ଓକିଲ ତଥା ପାଇଲଟ ସର୍ଗିଓ ରାଭାଗ୍ଲିଆ ଓ ତାଙ୍କ ପତ୍ନୀ ୬୦ ବର୍ଷୀୟା ଆନ ମେରୀ ଡି ଷ୍ଟିଫାନୋ ପ୍ରାଣ ହରାଇଛନ୍ତି। ଏହାର ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହୋଇଛି। ରାଭାଗ୍ଲିଆ ବିମାନକୁ ହାଇୱେ ଉପରେ ଜରୁରୀକାଳିନ ଅବତରଣ କରିବାକୁ ଚାହୁଁଥିଲେ। କିନ୍ତୁ ନିୟନ୍ତ୍ରଣ ହରାଇଥିଲେ ବୋଲି କୁହାଯାଇଛି। ବିମାନ ଖସିପଡ଼ିବା ପରେ ରାସ୍ତା ଉପରେ ଯାଉଥିବା ଗାଡିଗୁଡିକରେ ନିଆଁ ଲାଗି ଯାଇଥିଲା। ଏଥିରେ ଜଣେ ଡ୍ରାଇଭର ଗମ୍ଭୀର ଭାବେ ଆହତ ହୋଇଥିବା ବେଳେ ଜଣକୁ ହସ୍ପିଟାଲ ନିଆ ଯାଇଥିଲା। ଆଉ ଜଣେ ସାମାନ୍ୟ ଭାବେ ଆହତ ହୋଇଥିଲେ। ଇଟାଲୀର ନ୍ୟାସନାଲ ଏଜେନ୍ସି ଅଫ୍ ଫ୍ଲାଇଟ୍ ସେଫ୍ଟି ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

# ମାଳଦୀପକୁ ୪୮୫୦ କୋଟିର ଋଣ ଦେବ ଭାରତ

## ଉଭୟ ଦେଶର ସମ୍ବନ୍ଧକୁ ନେଇ ଡାକ ଟିକଟ ଜାରି

ନାପିତ୍ୟ, ୨୫।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଗସ୍ତରେ ଶୁକ୍ରବାର ମାଳଦୀପରେ ପହଞ୍ଚିଛନ୍ତି। ଏଠାରେ ତାଙ୍କୁ 'ଗାର୍ଡ ଅଫ ଅନର' ଦେଇ ସ୍ୱାଗତ କରାଯାଇଛି। ମାଳଦୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ତାଙ୍କୁ ବିମାନବନ୍ଦରରୁ ପାଛୋଟି ନେଇଛନ୍ତି। ଉଭୟ ନେତା ପରସ୍ପରକୁ ଆଲିଙ୍ଗନ ମଧ୍ୟ କରିଛନ୍ତି। ଏହା ପରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏହି ସମୟରେ ମାଳଦ୍ୱୀପକୁ ୪, ୮୫୦ କୋଟି ଟଙ୍କାର ଲାଇନ ଅଫ୍ କ୍ରେଡିଟ (ଋଣ) ଦେଇଥିଲା ଏବଂ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ଉପରେ ଆଲୋଚନା ହୋଇଥିଲା। ଉଭୟ ଦେଶର କୂଟନୈତିକ ସମ୍ବନ୍ଧକୁ ମଧ୍ୟ ୬୦ ବର୍ଷ ପୂରଣ ହୋଇଛି। ଏହାକୁ ନେଇ ସ୍ମାରକ ଡାକ ଟିକଟ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହା ତୃତୀୟ ମାଳଦ୍ୱୀପ ଗସ୍ତ। ସେ ରାଷ୍ଟ୍ରପତି ମୁଇଜ୍ଜୁଙ୍କ ଆମନ୍ତ୍ରଣରେ ମାଳଦ୍ୱୀପ ଯାଇଛନ୍ତି।

ଦୁଇ ଦେଶର ସମ୍ବନ୍ଧକୁ ନେଇ ମୋଦୀ କହିଛନ୍ତି ଯେ ଭାରତ ପାଇଁ ବନ୍ଧୁତା ଆଗ। ଭାରତ ହେଉଛି ମାଳଦ୍ୱୀପର ସବୁଠୁ ଘନିଷ୍ଠ ପଡ଼ୋଶୀ। ଏଥିପାଇଁ ଭାରତ ଗର୍ବିତ। ପଡ଼ୋଶୀ ପ୍ରଥମ ନୀତି ଏବଂ ମହାସାଗର ଭିଜନରେ ମାଳଦ୍ୱୀପର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି।



## ଉମା କାଞ୍ଜିଲାଲ୍ ଇଗ୍ନୋ କୁଳପତି

ଭୁବନେଶ୍ୱର, ୨୫।୭(ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ନୂତନ କୁଳପତି ଭାବେ ପ୍ରଫେସର ଉମା କାଞ୍ଜିଲାଲ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ତାଙ୍କୁ ଏହି ନୂତନ



ନିଯୁକ୍ତି ପ୍ରଦାନ କରିଛନ୍ତି। ପ୍ରଫେସର କାଞ୍ଜିଲାଲ୍ ଏହା ପୂର୍ବରୁ ଇଗ୍ନୋର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ସେ ପ୍ରୋ-ଭାଇସ୍‌ଚାନ୍‌ସେଲର୍ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଦୀର୍ଘ ଦିନରୁ ବିଭିନ୍ନ ପ୍ରଶାସନିକ ପଦରେ ଥିବାରୁ ବିଶ୍ୱବିଦ୍ୟାଳୟ ପରିଚାଳନାରେ ତାଙ୍କର ଅଭିଜ୍ଞତା ରହିଛି। ଇଗ୍ନୋର ଅନ୍‌ଲାଇନ୍ ଶିକ୍ଷା କେନ୍ଦ୍ର ଏବଂ ସାମାଜିକ ବିଜ୍ଞାନ ବିଦ୍ୟାପୀଠର ନିର୍ଦ୍ଦେଶିକା ଭାବେ ମଧ୍ୟ କାର୍ଯ୍ୟ କରିଥିବାରୁ ପ୍ରାୟ ସମସ୍ତ କ୍ଷେତ୍ରରେ ଅଭିଜ୍ଞତା ରହିଛି। ପ୍ରଫେସର କାଞ୍ଜିଲାଲ୍‌ଙ୍କ ନିଯୁକ୍ତି ପରେ ବିଶ୍ୱବିଦ୍ୟାଳୟ ଏକ ନୂତନ ସ୍ତରରେ ପହଞ୍ଚିପାରିବ ବୋଲି ଭୁବନେଶ୍ୱର ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

## 'ଉତ୍କଳ'ର ଭାରପ୍ରାପ୍ତ କୁଳପତି ଭାବେ ଯଜ୍ଞେଶ୍ୱର ଦଣ୍ଡପାଟ ପୁନଃ ନିଯୁକ୍ତ

ଭୁବନେଶ୍ୱର, ୨୫।୭(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟ ପୁନଃ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ମଧ୍ୟ ସେ ଭାରପ୍ରାପ୍ତ କୁଳପତି ଭାବେ କାର୍ଯ୍ୟରତ ଥିଲେ। ତାଙ୍କ



ନିଯୁକ୍ତିକୁ ବେଆଇନ୍ ଦର୍ଶାଇ ହାଇକୋର୍ଟରେ ଏକ ମାମଲା ହୋଇଥିବାରୁ ଦୁଇଦିନ ତଳେ ତାଙ୍କୁ ଭାରପ୍ରାପ୍ତ କୁଳପତି ପଦରୁ ପଦଚ୍ୟୁତ କରାଯାଇଥିଲା। ଭାରପ୍ରାପ୍ତ କୁଳପତି ନିଯୁକ୍ତ କରିବା ପାଇଁ ସରକାର ଅଧ୍ୟାଦେଶ ଆଣିବା ପରେ ପ୍ରଫେସର ଦଣ୍ଡପାଟଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି।

ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ର ଧାରା ୬(୧) ଅନୁସାରେ ସ୍ଥାୟୀ କୁଳପତି ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ନିକଟସ୍ଥ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ଦେବାର ପ୍ରାବଧାନ ରହିଛି। ହେଲେ ଉତ୍କଳ କ୍ଷେତ୍ରରେ ନିୟମକୁ ଉଲଂଘନ କରି ସେହି ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକଙ୍କୁ ଭାରପ୍ରାପ୍ତ କୁଳପତି କରାଯାଇଥିଲା। ଏହାକୁ ବେଆଇନ୍ ଦର୍ଶାଇ ହାଇକୋର୍ଟରେ ମାମଲା ହୋଇଥିଲା। ଫଳରେ କୁଳାଧିପତି ତାଙ୍କ ନିଯୁକ୍ତିକୁ ବାତିଲ୍ କରିଥିଲେ। ଏହାପରେ ଭାରପ୍ରାପ୍ତ କୁଳପତି ନିଯୁକ୍ତିରେ କୁଳାଧିପତିଙ୍କ କ୍ଷମତାକୁ ବୃଦ୍ଧି କରିବା ପାଇଁ ସରକାର ଅଧ୍ୟାଦେଶ ଆଣିଥିଲେ। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧ୍ୟାଦେଶ ୨୦୨୫ର ଧାରା-୬ ଓ ଉପଧାରା-୧୦ ଅନୁଯାୟୀ ପ୍ରଫେସର ଦଣ୍ଡପାଟଙ୍କୁ ପୁଣିଥରେ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି। ନୂତନ କୁଳପତି ନିଯୁକ୍ତ ପର୍ଯ୍ୟନ୍ତ ସେ ଏହି ପଦରେ କାର୍ଯ୍ୟ କରିବେ ବୋଲି କୁଳାଧିପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଖାଉଟିଙ୍କୁ ଦୁଃଖ ଦେଉଛି ମନ୍ତ୍ରୀଙ୍କ ବିଭ୍ରାନ୍ତିକର ବୟାନ

# ଅଗଷ୍ଟରେ ବି ମିଳିବନି ଗହମ

ଭୁବନେଶ୍ୱର, ୨୫।୭(ସମିସ): ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଗଷ୍ଟ ମାସରୁ ରାସନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ଗହମ ଯୋଗାଇଦେବାକୁ ସରକାର ନିଷ୍ପତ୍ତି ନେଇଥିବା ଗତ ମାସରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ। ମାତ୍ର ଚଳିତ ମାସର କୋଟା ଯୋଗାଣ ବିଭାଗର ଗୋଦାମ ଓ ଡିଲର୍ ପଏଣ୍ଟରେ ପହଞ୍ଚିଥିଲେ ହେଁ ହିତାଧିକାରୀଙ୍କ ଆବଶ୍ୟକତାନୁସାରେ, ପୂର୍ବଭଳି କେବଳ ଚାଉଳ ଆସିଛି। ତେଣୁ ଏ ମାସରେ ବି ଗହମ ମିଳିବା ଆଶା ସଂପୂର୍ଣ୍ଣ କ୍ଷୀଣ। ପୂର୍ବରୁ ମଧ୍ୟ ମନ୍ତ୍ରୀ ଗହମ ଆବଣ୍ଟନ ପାଇଁ କହିଥିଲେ। ହେଲେ ଲୋକଙ୍କୁ ମିଳି ନ ଥିଲା। ଏମିତିକି ଡିଲର୍‌ମାନେ ଗହମ କୋଟା ହିତାଧିକାରୀଙ୍କଠାରୁ ବାକି ରଖିଥିଲେ। ଗହମ ଯୋଗାଇ ନ ପାରିବାରୁ ପରେ ତାକୁ ଚାଉଳ ଦେଇ ଭରଣା କରିଥିଲେ। ଏବେ ବି ସେହି ସମାନ ଅବସ୍ଥା ଦେଖିବାକୁ ମିଳୁଛି।

ମନ୍ତ୍ରୀ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ବାରମ୍ବାର ଏଭଳି ମନ୍ତବ୍ୟ ଦେଉଥିବାବେଳେ ବାସ୍ତବରେ ତାହା କାର୍ଯ୍ୟକାରୀ ହୋଇପାରୁନି। ମନ୍ତ୍ରୀଙ୍କ ଏଭଳି ବିବୃତ୍ତି ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପାଇଛି। ବାରମ୍ବାର ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ବିଭ୍ରାନ୍ତିକର

**ଡିଲର୍ ପଏଣ୍ଟରେ ଖାଉଟିଙ୍କୁ କେବଳ ଚାଉଳ ମିଳିବ**

**ହୁ'ହୁ' ବଢୁଛି ଅଟା ଦର; ଚିନ୍ତାରେ ମଧୁମେହ ରୋଗୀ**



ମତ ମନ୍ତବ୍ୟ ଦେଉଛନ୍ତି। ଆଳୁ ହେଉକି ଗହମ, ବିଭିନ୍ନ ପ୍ରସଙ୍ଗରେ ଖାଉଟିଙ୍କୁ ମିଥ୍ୟା କଥା କହି ମନ୍ତ୍ରୀ ଭୁଆଁ ବୁଲାଉଛନ୍ତି। ଦିନକୁ ଦିନ ରାଜ୍ୟରେ ମଧୁମେହ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଗହମ ଚାହିଦା ବଢ଼ିବାରେ ଲାଗିଛି। ଗରିବ ହିତାଧିକାରୀମାନେ ମଧ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ପାଇବେ ବୋଲି ଆଶାବାନ୍ଧି ବସିଛନ୍ତି। ମାତ୍ର ସରକାର ଲୋକଙ୍କ ଗହମ ତ ଯୋଗାଉ ନାହାନ୍ତି; ବରଂ ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଛନ୍ତି।

କେନ୍ଦ୍ର ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ପ୍ରତ୍ୟେକ ହିତାଧିକାରୀଙ୍କୁ ସରକାର ମାସକୁ ୫ କେଜି ରାସନ ସାମଗ୍ରୀ ଯୋଗାଉଛନ୍ତି। ପୂର୍ବରୁ ଚାଉଳ ସହ ଗହମ ଯୋଗାଉଥିଲା। ଲୋକେ ନିଜ ଇଚ୍ଛାନୁସାରେ ଚାଉଳ ଓ ଗହମ ଭାଗକରି ନେଉଥିଲେ। ହିତାଧିକାରୀଙ୍କ ମୋଟ ପରିମାଣର ୨୦ ପ୍ରତିଶତ ଗହମ ଯୋଗାଇ ଦିଆଯାଉଥିଲା। ଏମିତିକି କରୋନା କାଳରେ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ମିସନ୍ ସହିତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଆରମ୍ଭ କରିଥିଲେ। ତଦନୁଯାୟୀ, ଲୋକେ ଡବଲ ଚାଉଳ ଓ ଗହମ ପାଉଥିଲେ। କିନ୍ତୁ ୨୦୨୨ ମସିହା ଏପ୍ରିଲ ମାସରୁ କେନ୍ଦ୍ର ସରକାର ଗହମ ଯୋଗାଣ ପ୍ରାୟତଃ ବନ୍ଦ କରି ଦେଇଛନ୍ତି। କେବଳ ଗରିବ କଲ୍ୟାଣ ଅନ୍ନ ଯୋଜନାରେ କିଛିଦିନ ସ୍ୱଳ୍ପ ପରିମାଣରେ ଗହମ ଯୋଗାଉଥିଲେ ମଧ୍ୟ ପରେ ତାହା ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ୪ ବର୍ଷ ଧରି ଲୋକଙ୍କୁ ସରକାରୀ ଡିଲର୍ ପଏଣ୍ଟରେ ଗହମ ମିଳୁନି।

ଏପଟେ ବଜାରରେ ଅଟା ଦର ହୁ'ହୁ' ବଢ଼ିବାରେ ଲାଗିଥିବାରୁ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି। ସୂଚନା ଅନୁସାରେ, ଓଡ଼ିଶାରେ ପ୍ରତିବର୍ଷ ୨୫ ଲକ୍ଷ ମେଟ୍ରିକ୍ ଟନ୍ ଗହମଜାତ ଦ୍ରବ୍ୟ ବିକ୍ରି ହୁଏ। ଏଥିମଧ୍ୟରୁ ସିଂହଭାଗ ହେଉଛି ଅଟା। ପୂର୍ବରୁ ବାର୍ଷିକ ହାରରେ ଅଟା ଦର କ୍ୱିଣ୍ଟାଲ୍ ପ୍ରତି ୩୦ରୁ ୪୦ ଟଙ୍କା ବଢୁଥିବାବେଳେ ଗତ ୪ ବର୍ଷ ହେଲା କ୍ରମାଗତ ଭାବେ ଅଟା ଦର ବଢ଼ିଚାଲିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ଦୁଇ ବର୍ଷ ଭିତରେ କ୍ୱିଣ୍ଟାଲ୍ ପିଛା ପାଖାପାଖି ୧୫ଶହ ଟଙ୍କା ବଢ଼ିସାରିଲାଣି। ତେଣୁ ୧ କିଲୋ ପ୍ୟାକେଟ୍ ଅଟା ୪୫ରୁ ୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଖୋଲା ବଜାରରେ ୪୦ ଟଙ୍କାରୁ କମ୍‌ରେ ମିଳୁନି। ତେଣୁ ସାଧାରଣ ପରିବାର ବାଧ୍ୟହୋଇ ୫ କିଲୋ ଜାଗାରେ ଅଢ଼େଇ କିଲୋ ଅଟାରେ ଗୁଜୁରାଣ ମେଣ୍ଟାଉଛନ୍ତି। ତେଣୁ ଗହମ ଯୋଗାଣ ନେଇ ସରକାର ତୁରନ୍ତ ବ୍ୟବସ୍ଥା କରିବାକୁ ଦାବି ହେଉଛି।

## କମଲ ହସନଙ୍କୁ ନବୀନଙ୍କ ଶୁଭେଚ୍ଛା



ଫାଇଲ୍‌ଫଟୋ

ଭୁବନେଶ୍ୱର,୨୫।୭ (ସମିସ): ରାଜ୍ୟସଭା ସଦସ୍ୟ ଭାବରେ ଶପଥ ଗ୍ରହଣ କରିଥିବା ବିଶିଷ୍ଟ ସିନେ କଳାକାର କମଲ ହସନଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସ ଯୋଗେ ନବୀନ କମଲ୍ ହସନଙ୍କୁ ସିନେମା ଆଇକନ୍ ଦର୍ଶାଇବା ସହ ରାଜ୍ୟସଭା ସଦସ୍ୟ ଭାବେ ସେ ସିନେମା, କଳା ଏବଂ ସଂସ୍କୃତି କ୍ଷେତ୍ରରେ ଅପାର ଅବଦାନ ଦେଇପାରିବେ ବୋଲି କହିଛନ୍ତି। ସଂସଦର ଉଚ୍ଚ ସଦନରେ ତାଙ୍କର ସଫଳ ଏବଂ ଫଳପ୍ରଦ କାର୍ଯ୍ୟକାଳ କାମନା କରୁଛି ବୋଲି ନବୀନ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତ। ପୋଷ୍ଟର ପ୍ରତ୍ୟୁତ୍ତରରେ କମଲ ହସନ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି। କମଲ୍ କହିଛନ୍ତି ଯେ ଆପଣଙ୍କ ରାଷ୍ଟ୍ରନୀତି ଅନେକ ଦିନ ଧରି ପ୍ରେରଣା ଯୋଗାଇ ଆସିଛି। ମୁଁ ଆପଣଙ୍କ କଥାକୁ ଗଭୀର ମୂଲ୍ୟ ଦେଉଛି ଓ ମୋର କର୍ତ୍ତବ୍ୟ ଅନୁଗ୍ରହ ସହିତ ନିର୍ବାହ କରିବାକୁ ଚେଷ୍ଟା କରିବି ବୋଲି କମଲ୍ ହସନ କହିଛନ୍ତି।

■ ଉପରମୁଣ୍ଡରେ ବର୍ଷା

## ହୀରାକୁଦ ବନ୍ଧର ୨୦ ଗେଟ୍ ଖୋଲା

ସମ୍ବଲପୁର, ୨୫।୭(ସମିସ): ଉପର ମୁଣ୍ଡରେ ବର୍ଷା ଏବଂ ନିୟମ ଅନୁଯାୟୀ ଜଳଭଣ୍ଡାରର ଜଳସ୍ତର ବଜାୟ ରଖିବା ପାଇଁ ହୀରାକୁଦ ଜଳଭଣ୍ଡାର ଆଜି ଆହୁରି ୧୨ଟି ଗେଟ୍ ଖୋଲିଛି। ଗତକାଲି ସୁଦ୍ଧା ୮ଟି ଗେଟ୍ ଖୋଲାଯାଇଥିବାରୁ, ଏବେ ମୋଟ ୨୦ଟି ଗେଟ୍ ଦେଇ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେଉଛି। ନଦୀବନ୍ଧର ବାମପଟର ୧୩ଟି ଗେଟ୍ ଓ ଡାହାଣ



ପଟର ୭ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୯.୩୯ ଫୁଟ୍ ରହିଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୦୪.୭୩ ଫୁଟ୍ ରହିଥିଲା। ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୩୫,୧୬୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାରଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୯୬,୨୨୦ ଘନଫୁଟ୍, ପାୱାର ଚ୍ୟାନେଲ ଦେଇ ୩୪,୫୧୨ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ୍, କେନାଲ ପାଇଁ ୪,୨୦୦ ଘନଫୁଟ୍ ଜଳ ନିଷ୍କାସିତ ହେଉଛି।

# ଆଉଟ୍‌ସୋର୍ସିଂ ନିଯୁକ୍ତିରେ କଟକଣା

ଭୁବନେଶ୍ୱର,୨୫।୭(ସମିସ): ଆଉଟସୋର୍ସିଂ ନିଯୁକ୍ତି କ୍ଷେତ୍ରରେ ଏଣିକି ଅର୍ଥ ବିଭାଗର ଅନୁମତି ବାଧ୍ୟତାମୂଳକ କରାଯାଇଛି। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଏ ସଂକ୍ରାନ୍ତରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ ନୂଆ କରି ଆଉଟସୋର୍ସିଂ ନିଯୁକ୍ତି ଆରମ୍ଭ କରିବା ପୂର୍ବରୁ ଔପଚାରିକ ଅନୁମତି

**ଅର୍ଥ ବିଭାଗର ଅନୁମତି ବିନା ହୋଇପାରିବନି ଆଉଟସୋର୍ସିଂ ନିଯୁକ୍ତି**

ନେବା ଆବଶ୍ୟକ। ପୂର୍ବରୁ ଅନୁମୋଦିତ ପଦବୀଗୁଡ଼ିକର ନବୀକରଣ ପାଇଁ ମଧ୍ୟ ଏହି ଅନୁମୋଦନ ଆବଶ୍ୟକ ହେବ। ଯଦି କୌଣସି ବିଭାଗରେ ପୂର୍ବ ଅନୁମୋଦନ ଥାଏ, ତେବେ ଚୁକ୍ତି ଅବଧି ଶେଷରେ ନବୀକରଣ ପାଇଁ ନୂଆ ଅନୁମତି ନେବାକୁ ପଡ଼ିବ। ପ୍ରାରମ୍ଭିକ ଅନୁମୋଦିତ ସଂଖ୍ୟାଠାରୁ ଅଧିକ କର୍ମଚାରୀ ନିଯୁକ୍ତି ପାଇଁ ମଧ୍ୟ ଅତିରିକ୍ତ ଅନୁମୋଦନ ଦରକାର ବୋଲି ଚିଠିରେ କୁହାଯାଇଛି। ସମସ୍ତ ବିଭାଗକୁ ତୁରନ୍ତ ଏହି ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଛି। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ରାଜ୍ୟରେ ବିଭିନ୍ନ ସରାକରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ସଂଖ୍ୟା ଉପରେ ପ୍ରଭାବ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି।

### ବିଏଡ୍ ପ୍ରବେଶିକା ପରୀକ୍ଷା ଆନ୍‌ସାର୍ କି

# ପରିବର୍ତ୍ତନ ହେଲା ୧୭ଟି ଉତ୍ତର

ଭୁବନେଶ୍ୱର, ୨୫।୭(ସମିସ): ବହୁ ବିବାଦ ପରେ ବିଏଡ୍ ପ୍ରବେଶିକା ପରୀକ୍ଷାର ଉତ୍ତର ପୁନଃ ଯାଞ୍ଚ କରାଯାଇଛି। ପ୍ରୋଭିଜିନାଲ୍ ଆନ୍‌ସାର୍ କି ପ୍ରକାଶ ସହ ପିଲାମାନେ ଆପତ୍ତି କରିବାକୁ ସୁଯୋଗ ପାଇଛନ୍ତି। ଆପତ୍ତି ଆଧାରରେ ଉତ୍ତରକୁ ପୁନଃ ଯାଞ୍ଚ କରିବା ପରେ ଚୂଡ଼ାନ୍ତ ଆନ୍‌ସାର୍ କି ପ୍ରକାଶ ପାଇଛି। ତହିଁରେ ପ୍ରାୟ ୧୭ଟି ଉତ୍ତରରେ ପରିବର୍ତ୍ତନ ହୋଇଥିବା ଜଣାପଡ଼ିଛି। ଫଳରେ ବହୁ ମେଧାବୀ ନିଜର ପ୍ରକୃତ ମାର୍କ ପାଇବା ସହ ବିଏଡ୍ ପଢ଼ିବାକୁ ସୁଯୋଗ ପାଇପାରିବେ। ହେଲେ ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ ପାଇଁ ୨୦୦ ଟଙ୍କା ଫି' ନିଆଯାଇଥିବାରୁ ପରୀକ୍ଷାର୍ଥୀମାନେ ଆର୍ଥିକ ବୋଝ ମୁଣ୍ଡାଇଛନ୍ତି। ଏବେ ଚ୍ୟାଲେଞ୍ଜ ଅନୁସାରେ ୧୭ଟି ଉତ୍ତର ପରିବର୍ତ୍ତନ ହୋଇଥିବାରୁ ସଠିକ୍ ନିଆଯାଇଥିବା ଫି'ରୁ ଉତ୍ତର ବାବଦ ଫି' ଫେରାଇବାକୁ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଚୂଡ଼ାନ୍ତ ଆନ୍‌ସାର୍ କି ପ୍ରକାଶ ପାଇବା ପରେ ବିଏଡ୍ କଳା ବର୍ଗରେ ମୋଟ୍ ୬ଟି ଉତ୍ତର ପରିବର୍ତ୍ତନ ହୋଇଛି। ୪ଟିରେ ଏକାଧିକ ଅପ୍‌ସନ୍ ସଠିକ୍ ଉତ୍ତର ହୋଇଥିବାବେଳେ ଗୋଟିକରେ ଅନ୍ୟ ଏକ ଅପ୍‌ସନ୍ ଏବଂ ଗୋଟିଏ ପ୍ରଶ୍ନ ପାଇଁ ଗ୍ରେସ୍ ମାର୍କ ପ୍ରଦାନ କରାଯାଇଛି। ସେହିପରି

**ଗୋଟିଏ ଚ୍ୟାଲେଞ୍ଜ ପାଇଁ ନିଆଯାଇଛି ୨ଶହ ଟଙ୍କା**

**ସଠିକ୍ ଉତ୍ତର ବାବଦ ଫି' ଫେରାଇବାକୁ ଦାବି**

ବିଏଡ୍ ବିଜ୍ଞାନ ବର୍ଗରେ ମୋଟ୍ ୭ଟି ଉତ୍ତର ପରିବର୍ତ୍ତନ ହୋଇଛି। ତିନିଟିରେ ଏକାଧିକ ଅପ୍‌ସନ୍ ସଠିକ୍ ଉତ୍ତର ହୋଇଥିବାବେଳେ ଆଉ ୩ଟିରେ ଗ୍ରେସ୍‌ମାର୍କ ମିଳିଛି। ବିଏଡ୍ ହିନ୍ଦୀ ବର୍ଗରେ ୪ଟି ଉତ୍ତର ଭୁଲ୍ ହୋଇଛି। ୨ଟିରେ ଦୁଇଟି ଅପ୍‌ସନ୍ ସଠିକ୍ ଉତ୍ତର ହୋଇଥିବାବେଳେ ଗୋଟିକରେ ତିନିଟି ଅପ୍‌ସନ୍ ସଠିକ୍ ଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଏମ୍‌ଏଡ୍ ପ୍ରଶ୍ନପତ୍ରର ଉତ୍ତରରେ କୌଣସି ତ୍ରୁଟି ହୋଇନାହିଁ। ଫଳରେ ବହୁ ପରୀକ୍ଷାର୍ଥୀ ସେମାନଙ୍କ ପ୍ରକୃତ ମାର୍କ ପାଇପାରିଛନ୍ତି। ବିଏଡ୍ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ବିଏଡ୍‌ରେ ୨୭୫୦ ସିଟ୍ ପାଇଁ ୪୭ ଗୁଣାରୁ ଅଧିକ ଅର୍ଥାତ୍ ୧ଲକ୍ଷ ୨୯ ହଜାର ୭୧୨ ଜଣ ଆବେଦନ କରିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସଂଶୋଧିତ ମାର୍କ ପାଇବା ପାଇଁ ପରୀକ୍ଷାର୍ଥୀମାନେ ଆର୍ଥିକ ଦଣ୍ଡ ଗଣିଛନ୍ତି। ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୨ଶହ ଟଙ୍କା ଲେଖାଏଁ ଫି' ନିଆଯାଇଛି। ତାହା ଆଉ ଆବେଦନକାରୀଙ୍କୁ ଫେରସ୍ତ କରାଯିବ ନାହିଁ। ପ୍ରୋଭିଜିନାଲ୍ ଆନ୍‌ସାର୍ କି'କୁ ଚ୍ୟାଲେଞ୍ଜ କରି ପ୍ରାୟ ୧୦ହଜାରରୁ ଅଧିକ ଆବେଦନ ହୋଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଫଳରେ ପ୍ରାୟ ୨୦ଲକ୍ଷ ଟଙ୍କା ଆର୍ଥିକ ଦଣ୍ଡ ଗଣିଛନ୍ତି ପରୀକ୍ଷାର୍ଥୀ। ରାଜ୍ୟରେ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି), ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପରି ବିଭିନ୍ନ ସଂସ୍ଥା ଆନ୍‌ସାର୍ କି' ଚ୍ୟାଲେଞ୍ଜ ପାଇଁ ଫି' ଫେରସ୍ତ ବ୍ୟବସ୍ଥା ରହିଛି। ପରୀକ୍ଷାର୍ଥୀଙ୍କ ଆବେଦନ ସଠିକ୍ ହେଲେ ଫି' ଫେରସ୍ତ ହୁଏ, ଭୁଲ୍ ହେଲେ ଫେରସ୍ତ କରାଯାଏ ନାହିଁ। ତା'ହେଲେ ବିଏଡ୍ ପରୀକ୍ଷା କ୍ଷେତ୍ରରେ ଏସ୍‌ଏସ୍‌ବି କାହିଁକି ଅଫେରସ୍ତ ଫି' ନେଇଛି ବୋଲି ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି। ଏସ୍‌ଏସ୍‌ବି ପକ୍ଷରୁ ଭୁଲ୍ ଉତ୍ତର ଦିଆଥିବା ବେଳେ ପରୀକ୍ଷାର୍ଥୀ କାହିଁକି ଆର୍ଥିକ ବୋଝ ବୋହିବେ ବୋଲି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ଏସ୍‌ଏସ୍‌ବିର ଜଣେ ଅଧିକାରୀଙ୍କ କହିବା କଥା, ନିର୍ଦ୍ଧାରିତ ଫି' ସିଧାସଳଖ ସାମ୍‌ସ ମାଧ୍ୟମରେ ସରକାରଙ୍କ ପାଖକୁ ଯାଇଛି। ଏଣୁ ଫି' ଫେରସ୍ତ ସମ୍ପର୍କରେ ସରକାର ହିଁ ନିଷ୍ପତ୍ତି ନେଇପାରିବେ। ସଠିକ୍ ଉତ୍ତର ପାଇଁ ଆବେଦନ ଫି' ଫେରାଇବାକୁ ସରକାର ତ୍ୱରିତ ପଦକ୍ଷେପ ନେବାକୁ ପରୀକ୍ଷାର୍ଥୀ, ଅଭିଭାବକ ଓ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

### କନ୍ଧମାଳରେ ଲଜ୍ଜା!

## ଆଶ୍ରମ ସ୍କୁଲର ଦୁଇ ଦଶମ ଛାତ୍ରୀ ଗର୍ଭବତୀ

ବାଲିଗୁଡ଼ା/ତୁମୁଡ଼ିବନ୍ଧ, ୨୫।୭(ସମିସ): କନ୍ଧମାଳରେ ପୁଣି ଲଜ୍ଜା। ଆଶ୍ରମ ସ୍କୁଲର ଦୁଇ ନାବାଳିକା ଛାତ୍ରୀ ଗର୍ଭବତୀ। ତୁମୁଡ଼ିବନ୍ଧ ବ୍ଲକ୍ ଅଞ୍ଚଳର ଜଲେଶପଟ୍ଟା ସରକାରୀ ଆବାସିକ ବାଳିକା ଉଚ୍ଚବିଦ୍ୟାଳୟରେ ଘଟିଛି ଏହି ଘଟଣା। ଛାତ୍ରୀଦ୍ୱୟ ଦଶମ ଶ୍ରେଣୀରେ ପଢୁଛନ୍ତି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ ଏତଲା ଦେବା ସହ ସେମାନଙ୍କ ପରିବାରଲୋକଙ୍କୁ ଖବର ଦେଇଛନ୍ତି। ଗ୍ରୀଷ୍ମ ଅବକାଶ ପରେ ଛାତ୍ରୀଦ୍ୱୟ ଆବାସିକ ବିଦ୍ୟାଳୟକୁ ଫେରିଥିଲେ। ହେଲେ ମାସେ ପରେ ଛାତ୍ରୀଦ୍ୱୟଙ୍କ ମାସିକ ରତୁସ୍ରାବ ନ ହେବାରୁ ସ୍କୁଲ କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲା। ଏନେଇ ପରୀକ୍ଷା କରାଯିବା ପରେ ଦୁଇଜଣଯାକ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଜଣେ ଛାତ୍ରୀଙ୍କ ଘର କୋଟଗଡ଼ ଥାନା ଅଞ୍ଚଳରେ ହୋଇଥିବା ବେଳେ ଅନ୍ୟଜଣଙ୍କ ଘର ବେଲଘର ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ପରେ ପୃଥକ ଭାବରେ ଦୁଇଟି ଥାନାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଲିଖିତ ଭାବରେ ଏତଲା ଦେଇଥିଲେ। ଏତଲାକୁ ଆଧାରକରି କୋଟଗଡ଼ ଥାନାରେ କେସ ନମ୍ବର ୧୦୩/୨୫ ଏବଂ ସେହିଭଳି ବେଲଘର ଥାନାରେ ୬୪/୨୫ ନମ୍ବରରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

■ ଆଜି ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ

# ବଢ଼ିଚାଲିଛି ମାମଲା ବୋଝ

### ୩୩ ବିଚାରପତି ପଦରୁ ୧୩ ଖାଲି ● ୧.୫୨ଲକ୍ଷ ମାମଲା ବିଚାରାଧୀନ

କଟକ, ୧୪।୪(ସମିସ): ଆସନ୍ତାକାଲି ଓଡ଼ିଶା ହାଇକୋର୍ଟ ତାହାର ୭୮ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ବଢୁଥିବା ମାମଲା ବୋଝ ଏବେ ବି ହାଇକୋର୍ଟ ପାଇଁ ଏକ ପ୍ରମୁଖ ଆହ୍ୱାନ ହୋଇଛି। ଗୋଟିଏପଟେ ବିଚାରାଧୀନ ମାମଲା ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ମାମଲା ଫଏସଲା ହାର କିନ୍ତୁ ହ୍ରାସ ପାଇଛି। ଗତ ୨୦୨୫ ଜାନୁଆରିରେ ୧ ଲକ୍ଷ ୪୬ ହଜାର ୩୭୩ ମାମଲା ବିଚାରାଧୀନ ଥିଲା ବେଳେ ଜୁଲାଇ ୨୩ସୁଦ୍ଧା ୧ଲକ୍ଷ ୫୨ହଜାର ମାମଲା ବିଚାରାଧୀନ ରହିଛି। ୨୦୨୩ ଓ ୨୦୨୪ର ପ୍ରଥମ ୬ମାସ ଜାନୁଆରିରୁ ଜୁନ୍ ତୁଳନାରେ ୨୦୨୫ର ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ମାମଲା ଫଏସଲା ହାର ଅହେତୁକ ହ୍ରାସ ପାଇଛି। ଅନ୍ୟପଟରେ, ବିଗତ ଦୁଇବର୍ଷ ତୁଳନାରେ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ସଂଖ୍ୟା ମଧ୍ୟ କମିଥିବା ଜଣାପଡ଼ିଛି।

ହାଇକୋର୍ଟରେ ମୋଟ ୩୩ଟି ମଞ୍ଜୁରିପ୍ରାପ୍ତ ବିଚାରପତି ପଦବି ଥିବା ବେଳେ ଏବେ ମୁଖ୍ୟ ବିଚାରପତିଙ୍କ ସମେତ ମୋଟ ୨୦ଜଣ ବିଚାରପତି ରହିଛନ୍ତି। ୧୩ଟି ବିଚାରପତି ପଦ ପୂରଣ ହୋଇପାରିନାହିଁ। ଏହା ହାଇକୋର୍ଟ ପାଇଁ ଏକ ଚାଲେଞ୍ଜ ହୋଇ ଉଭା ହୋଇଛି। ୨୦୨୩ ଜାନୁଆରିରେ ଯେଉଁଠି ହାଇକୋର୍ଟରେ ମୋଟ ୨୨ଜଣ ବିଚାରପତି କାର୍ଯ୍ୟରତ ଥିଲେ, ଏବେ ତାହା କମି କରି ୨୦ରେ ପହଞ୍ଚିଛି। ଗତ୨୦୨୩ ଜାନୁଆରୀ ୧ରୁ ଜୁନ୍ ୩୦ ମଧ୍ୟରେ ମାମଲା ଫଏସଲା ହାର ଥିଲା ୧୨୬.୧୩ ପ୍ରତିଶତ। ୨୦୨୩ର



ପ୍ରଥମ ୬ ମାସରେ ମୋଟ ୪୯୬୩୫ଟି ମାମଲା ରୁଜୁ ସ୍ଥଳେ ୬୨୮୬୯ଟି ଫଏସଲା ହୋଇଥିଲା। ସେହିଭଳି ୨୦୨୪ର ପ୍ରଥମ ୬ମାସରେ ୪୩୫୫୦ଟି ମାମଲା ରୁଜୁ ହୋଇଥିବା ବେଳେ ଫଏସଲା ହୋଇଥିଲା ୪୭୩୦୩ଟି। ୨୦୨୪ ମସିହାର ଏହି ୬ମାସରେ ଫଏସଲା ହାର ରହିଥିଲା ୧୧୦.୯୦ ପ୍ରତିଶତ। ହେଲେ ଚଳିତ ୨୦୨୫ ଜାନୁଆରୀ ପହିଲାରୁ ଜୁନ୍ ୩୦ପର୍ଯ୍ୟନ୍ତ ପ୍ରଥମ ୬ ମାସ ଅବଧି ମଧ୍ୟରେ ଫଏସଲା ହାର ହ୍ରାସ ପାଇ ୮୪.୮୭ ପ୍ରତିଶତ ରହିଛି। ଚଳିତ ବର୍ଷ ଜୁନ୍‌ରେ ମାମଲା ଫଏସଲା ହାର ସର୍ବନିମ୍ନ ୬୭.୬୨ ପ୍ରତିଶତ ଥିବା ବେଳେ ମାର୍ଚ୍ଚରେ ସର୍ବାଧିକ ୯୭.୭୩ ପ୍ରତିଶତ ଥିବା ଜଣାପଡ଼ିଛି। ଏହି ୬ ମାସ ଅବଧି ମଧ୍ୟରେ ମୋଟ ୪୪,୦୭୭ଟି ମାମଲା ରୁଜୁ ହୋଇଥିଲା ବେଳେ ୩୭୪୦୭ଟି ମାମଲା ଫଏସଲା ହୋଇପାରିଥିବା ଜଣାପଡ଼ିଛି।

### କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ

# ଦୁଇବର୍ଷିଆ ବିଏଡ୍ ଆବେଦନକାରୀଙ୍କୁ ସୁଯୋଗ ଦିଅ: ହାଇକୋର୍ଟ

କଟକ, ୨୫।୭(ସମିସ): ଦୁଇବର୍ଷିଆ ବିଏଡ୍ କରିଥିବା ପ୍ରାର୍ଥୀଙ୍କୁ କନିଷ୍ଠ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ବଞ୍ଚିତ କରାଯାଇଥିବା ଅଭିଯୋଗ ନେଇ ଦାୟର ମାମଲାର ଶୁଣାଣି କରି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଦୁଇବର୍ଷିଆ ବିଏଡ୍ ଡିଗ୍ରିଧାରୀ ମଧ୍ୟ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ ସୁଯୋଗ ପାଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ସ୍ନାତକ ପରେ ଦୁଇବର୍ଷିଆ ବିଏଡ୍ (ସ୍ୱତନ୍ତ୍ର ଶିକ୍ଷା) ପାସ୍ କରିଥିବା ଆବେଦନକାରୀଙ୍କ ପ୍ରାର୍ଥିତ୍ୱ ଖାରଜ କରି ୨୦୨୪, ଜୁଲାଇ ୨୫ରେ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସନ୍ତୋଷ କୁମାର ବେହେରାଙ୍କ ତରଫରୁ ଦାୟର ରିଟ୍ ଅପିଲର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ମାନସ ରଂଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରଦାନ କରିଛନ୍ତି।

କନିଷ୍ଠ ଶିକ୍ଷକ ପଦ ପାଇଁ ୨୦୨୩, ସେପ୍ଟେମ୍ବର ୧୦ର ବିଜ୍ଞପ୍ତି ଆଧାରରେ ଅନୁଷ୍ଠିତ ନିଯୁକ୍ତି ପ୍ରକ୍ରିୟାର ପ୍ରକାଶିତ ପ୍ରୋଭିଜିନାଲ ମେଧା ତାଲିକାରେ ଆବେଦନକାରୀଙ୍କ ନାଁ ପୁନଃସ୍ଥାପିତ କରାଯିବା ସହ ନିଯୁକ୍ତି ପ୍ରସଙ୍ଗରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି।

ମାମଲାରୁ ପ୍ରକାଶ, ଓସେପା ପକ୍ଷରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକରେ ପ୍ରାୟ ୨୦ ହଜାର କନିଷ୍ଠ ଶିକ୍ଷକ ପଦ ପୂରଣ ପାଇଁ ୨୦୨୩, ସେପ୍ଟେମ୍ବର୍ ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରାର୍ଥୀ ଅନ୍ୟ ଶିକ୍ଷାଗତ ଯୋଗ୍ୟତା ସହ ଏକବର୍ଷିଆ ବିଏଡ୍ (ସ୍ୱତନ୍ତ୍ର ଶିକ୍ଷା) କରିଥିଲେ ଏହି ପଦବି ପାଇଁ ଆବେଦନ କରିପାରିବେ ବୋଲି ସ୍ପଷ୍ଟ କରାଯାଇଥିଲା। ତେବେ ଆବେଦନକାରୀ ଦୁଇବର୍ଷିଆ ବିଏଡ୍ (ସ୍ୱତନ୍ତ୍ର ଶିକ୍ଷା) କରିଥିବା ବେଳେ ଏହି ପଦ ପାଇଁ ଦରଖାସ୍ତ ଦାଖଲ କରିଥିଲେ ଓ ପ୍ରକାଶିତ ଚିଠା ମେଧା ତାଲିକାରେ ସ୍ଥାନ ପାଇଥିଲେ। କିନ୍ତୁ, ପରବର୍ତ୍ତୀ ସମୟରେ ଏକବର୍ଷିଆ ବିଏଡ୍ କରିନଥିବାରୁ ଆବେଦନକାରୀଙ୍କ ପ୍ରାର୍ଥିତ୍ୱ ଖାରଜ କରାଯାଇଥିଲା। ଏହା ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୪, ଅକ୍ଟୋବର ୪ରେ ଜଣିକିଆ ବିଚାରପତି ଏହାକୁ ଅଗ୍ରାହ୍ୟ କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟର ଦୁଇଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ।

## ପୁରୀ ସଦର କଂଗ୍ରେସର ଦୀପଦାନ

ପୁରୀ,୨୫ା୭(ସମିସ): ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ରାଜେଶ ମିଶ୍ର ଓ ସଦର ନେତା ଅର୍ଜୁନ ସାହୁଙ୍କ ତତ୍ତ୍ୱାବଧାନରେ ପୁରୀ ସଦର କଂଗ୍ରେସ କମିଟି ତରଫରୁ ପିତେଇପୁର ଛକଠାରେ ବାଲେଶ୍ୱର ଘଟଣା ଓ ନାରୀ ସୁରକ୍ଷା ପାଇଁ ଦୀପଦାନ ଓ ନିରବ ସଭା ହୋଇଥିଲା। ଏଥିରେ ପୁରୀ ସଦର ନେତାମାନେ ଯୋଗଦେଇଥିଲେ। ବ୍ରଜରାଜ ବେହେରା, ଅଭିମନ୍ୟୁ ବାରିକ, ଅରକ୍ଷିତ ବାରିକ, ଭାଗିରଥି ମହାପାତ୍ର, ଜୟରାମ ବେହେରା, ରାଜକିଶୋର ବେହେରା, ଶିବନାରାୟଣ ସାହୁ, ସିଲୁ ସାହୁ, ଗଣେଶ ସ୍ୱାଇଁ, କୈଳାସ ଜେନା, ଅପର୍ତ୍ତି ପ୍ରଧାନ, ସୁରେନ୍ଦ୍ର ପାଇକରାୟ (ପୁରୀ ସଦର କିଷାନ କଂଗ୍ରେସ ସଭାପତି) ଏବଂ ବିଭିନ୍ନ ପଞ୍ଚାୟତ ନେତୃବୃନ୍ଦ ଯୋଗଦେଥିଲେ।

## ନାରୀ ସୁରକ୍ଷା ପାଇଁ ବିତର୍କ

ପୁରୀ,୨୫ା୭(ସମିସ): ନାରୀ ସୁରକ୍ଷା ପାଇଁ ଭାରତୀୟ ସଂସ୍କୃତିକୁ ବିକୃତ କରିଥିବା ଲିଭ୍ ଇନ୍ ଟୁଗେଦର ରାୟର ପୁନଃବିଚାର ଏକ ଆବଶ୍ୟକତା ବୋଲି କହିଛନ୍ତି ସମାଜସେବୀ ବଦ୍ରି ମିଶ୍ର। ଓଡ଼ିଶା ଯୁବ ଚେତନା ସଂଗଠନ ଓ ଭକ୍ତି ନିର୍ମାଲ୍ୟ ପକ୍ଷରୁ ତାଳବଣିଆଠାରେ "ନାରୀ ସୁରକ୍ଷା ଏକ ଆହ୍ୱାନ' ଶୀର୍ଷକ ବିତର୍କରେ ଯୋଗଦେଇ ଶ୍ରୀ ମିଶ୍ର କହିଥିଲେ ଯେ ମୋବାଇଲରେ ଅଶ୍ଳୀଳତା ଓ ଗଣମାଧ୍ୟମରେ ପ୍ରସାରିତ ଅପରାଧ କାହାଣୀ ଆଜି ଯୁବଗୋଷ୍ଠୀକୁ ପଥଭ୍ରଷ୍ଟ କରୁଛି। ତେବେ ଆତ୍ମହତ୍ୟା ବା ଆତ୍ମଦାହ ନୁହେଁ, ପ୍ରତିଟି ସମୟରେ ପ୍ରତିଟି ନାରୀ ସମସ୍ତ ବାଧାବିଘ୍ନର ସଠିକ୍ ମୁକାବିଲା କଲେ ସମାଜ ଶୃଙ୍ଖଳିତ ଓ ବିକଶିତ ହେବ। ଏହି ବିତର୍କରେ ପ୍ରଫେସର ଆଲୋକ ଜେନା, ଅଧ୍ୟାପକ ସୁଦର୍ଶନ ତ୍ରିପାଠୀ, ଅଧିବକ୍ତା ନରେଶ ଦାସ, ବୁଦ୍ଧିଜୀବୀ ଶିବରାମ ପ୍ରଧାନ ଓ ସୌମ୍ୟରଞ୍ଜନ ପାତ୍ର ଭାଗନେଇ ନାରୀ ସଶକ୍ତୀକରଣ ଓ ଗଣମାଧ୍ୟମର କୁପ୍ରଭାବ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିରେ ପୁରୀ ଓ ପୁରୀ ସଦରର ଅନେକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

### ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ମାନବ ଚାଲାଣ ବିରୋଧୀ ଦିବସ

## ରେଳ ଯାତ୍ରୀ, କର୍ମଚାରୀଙ୍କ ସୁରକ୍ଷା ଦିଗରେ ଗୁରୁତ୍ୱାରୋପ




ଜଟଣୀ,୨୫ା୭(ସମିସ): ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ମାନବ ଚାଲାଣ ବିରୋଧୀ ଦିବସ ପାଳନ ପାଇଁ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଦ୍ୱାରା ୧୫ ଦିନବ୍ୟାପୀ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଆସନ୍ତା ୩୦ ତାରିଖରେ ବିଶ୍ୱସ୍ତରରେ ପାଳିତ ହେଉଥିବା ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସକୁ ନଜରରେ ରଖି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଏହାର ପରିସୀମା ମଧ୍ୟରେ ବିଭିନ୍ନ ପ୍ରମୁଖ ରେଳ ଷ୍ଟେସନଗୁଡ଼ିକରେ ୧୫ ଦିନ ଧରି ସଚେତନତା ଅଭିଯାନ ଆରମ୍ଭ କରିଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଯାତ୍ରୀ, ରେଳ କର୍ମଚାରୀ ଏବଂ ସାଧାରଣ ଲୋକଙ୍କୁ ମାନବ ଚାଲାଣର ବିପଦ ବିଷୟରେ ସଚେତନତା କରାଇବା, ବିଶେଷ ଭାବରେ ଶିଶୁ ଏବଂ ଦୁର୍ବଳ ଗୋଷ୍ଠୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା।

ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, କଟକ, ପୁରୀ, ତାଳଚେର, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ୍, କେନ୍ଦୁଝରଗଡ଼, ଅନୁଗୋଳ, ବ୍ରହ୍ମପୁର, ପଲାସା ଏବଂ ରେଳମଣ୍ଡଳର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ସମେତ ପ୍ରମୁଖ ଷ୍ଟେସନଗୁଡ଼ିକରେ ଏହି ସଚେତନତା ଅଭିଯାନ କରାଯାଉଛି। କାର୍ଯ୍ୟକଳାପରେ ସୂଚନାପ୍ରଦ ପ୍ରଦର୍ଶନ, ସାର୍ବଜନୀନ ଘୋଷଣା, ଯାତ୍ରୀ ପାରସ୍ପରିକ କ୍ରିୟା ଅଧିବେଶନ ଏବଂ ଶିଶୁ ହେଲ୍ପଲାଇନ୍-୧୦୯୮ ବିଷୟରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି ଯାହା ଲୋକମାନଙ୍କୁ ଶିଶୁ କିମ୍ବା ଦୁର୍ବଳ ବ୍ୟକ୍ତିମାନଙ୍କ ସହିତ ଜଡ଼ିତ ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ରିପୋର୍ଟ କରିବାକୁ ପ୍ରୋତ୍ସାହିତ କରିଥାଏ। ଏହି ଅଭିଯାନରେ ସରକାରୀ ରେଳବାଇ ପୁଲିସ (ଜିଆର୍‌ପି), ରାଜ୍ୟ ସରକାରୀ କର୍ତ୍ତୃପକ୍ଷ, ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା (ଆଇସିପିଏସ୍) ଅଧିକାରୀ, ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି), ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ (ଡିସିପିଓ), ମହିଳା ଏବଂ ଶିଶୁ ବିକାଶ ବିଭାଗ (ଡବ୍ଲୁଆଣ୍ଡସିଡି), ସ୍ୱେଚ୍ଛାସେବୀ କାର୍ଯ୍ୟ ସଂଘ (ଏଭିଏ) ଏବଂ ବଚପନ ବଚାଓ ଆନ୍ଦୋଳନ (ବିବିଏ) ସମେତ ଅଣ ସରକାରୀ ସଂଗଠନ (ଏନ୍‌ଜିଓ) ଭଳି ଅନେକ ଅଂଶୀଦାରଙ୍କ ସହ ଘନିଷ୍ଠ ସମନ୍ୱୟରେ ପରିଚାଳିତ କରାଯାଇ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହି ପଦକ୍ଷେପ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ମାନବ ଚାଲାଣ ମୁକାବିଲା ପାଇଁ ଏକ ସମନ୍ୱିତ ରାଜ୍ୟସ୍ତରୀୟ ପ୍ରତିକ୍ରିୟାକୁ ପ୍ରତିଫଳିତ କରୁଛି। ଯାହାର ଲକ୍ଷ୍ୟ ରେଳବାଇ ମାଧ୍ୟମରେ ସଚେତନତା ବୃଦ୍ଧି ଏବଂ ସାମୂଦାୟିକ ସଚେତନତା ସୃଷ୍ଟି କରିବା ପ୍ରାୟତଃ ଚାଲାଣ ଘଟଣାରେ ଏକ ପରିବହନ କେନ୍ଦ୍ରବିନ୍ଦୁ। ସମ୍ଭାବ୍ୟ ପୀଡ଼ିତ ଏବଂ ଚାଲାଣକାରୀଙ୍କୁ ଚିହ୍ନଟ କରିବା ଏବଂ ସଙ୍କଟରେ ଥିବା ପିଲାମାନଙ୍କୁ ତୁରନ୍ତ ଉଦ୍ଧାର ଏବଂ ସହାୟତା ସୁନିଶ୍ଚିତ କରିବା ପାଇଁ ଶିଶୁ ସୁରକ୍ଷା ଅଧିକାରୀଙ୍କ ସହିତ ମିଶି କାମ କରିବା ପାଇଁ ଆର୍‌ପିଏଫ୍ କର୍ମଚାରୀମାନଙ୍କୁ ସଚେତନ ଏବଂ ତାଲିମ ମଧ୍ୟ ଦିଆଯାଇଛି।

## ମନ୍ଦିରରୁ ଠାକୁରାଣୀଙ୍କ ଆଖି ଓ ଆସବାବପତ୍ର ଲୁଟ୍

କଣାସ,୨୫ା୭(ସମିସ): ଗୁରୁବାର ମଧ୍ୟରାତ୍ରିରେ କଣାସ ଥାନା ଗଡ଼ସାନପୁଟ ଗ୍ରାମପଞ୍ଚାୟତ ଗଡ଼ସାନପୁଟ ଗ୍ରାମର ପ୍ରତ୍ୟକ୍ଷ ଠାକୁରାଣୀ ମା' ଜାଗୁଲେଇ ମନ୍ଦିରର ତାଲା ଭାଙ୍ଗି କୌଣସି ଦୁର୍ବୃତ୍ତ ଠାକୁରାଣୀଙ୍କ ଦୁଇଟି ରୁପା ଆଖି ଓ ପିତ୍ତଳର ସମସ୍ତ ଆସବାବପତ୍ର, ଦୁଇଟି ରୁପା ଘୋଡ଼ା, ଦାନବାକ୍ସ ଭାଙ୍ଗି ସମସ୍ତ ଟଙ୍କା ଲୁଟିନେଇଛନ୍ତି। ସକାଳୁ ପୂଜାରୀ ଓ ଗ୍ରାମବାସୀ ଆସି ଦେଖନ୍ତି ତ ମନ୍ଦିରର ମୁଖ୍ୟ ତାଲା ଭଙ୍ଗାଯାଇ ଠାକୁରାଣୀଙ୍କ ଆଖି, ଘୋଡ଼ା, ସମସ୍ତ ଆସବାବପତ୍ର ଚୋରି ହୋଇଯାଇଛି। ପୂଜାରୀ ଭାସ୍କର ମହାପାତ୍ର ମନ୍ଦିର ଚୋରି ସମ୍ପର୍କରେ ପ୍ରଥମେ ମନ୍ଦାରବସ୍ତ ଫାଣ୍ଡି ଓ କଣାସ ଥାନାରେ ଜଣାଇବା ପରେ କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ଦେବୀପ୍ରସାଦ ଲେଙ୍କା ଏବଂ ମନ୍ଦାରବସ୍ତ ଫାଣ୍ଡି ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସେହିପରି ମନ୍ଦିର ନିକଟରେ ଥିବା ଗଡ଼ସାନପୁଟ ପ୍ରାଥମିକ ବିଦ୍ୟାଳୟର ତାଲା ଭାଙ୍ଗାଯାଇଥିବା ପ୍ରଧାନଶିକ୍ଷୟିତ୍ରୀ ମମତାରାଣୀ ବେହେରା ଓ ବିଦ୍ୟାଳୟ ସଭାପତି ଦିଲ୍ଲୀପ କୁମାର ପରିଡ଼ା ମନ୍ଦାରବସ୍ତ ଫାଣ୍ଡିରେ ଅଭିଯୋଗ କରିଛନ୍ତି।

## ନଦୀ ବନ୍ଧରେ ବୃଦ୍ଧଙ୍କ ମୃତଦେହ; କାରଣ ଅସ୍ପଷ୍ଟ!



ଅସ୍ତରଙ୍ଗ/କୁଣ୍ଢେଇ,୨୫ା୭(ସମିସ): ଶୁକ୍ରବାର ସକାଳ ସମୟରେ ଅସ୍ତରଙ୍ଗ ବାଉରିଆକଣ ଦେବୀ ନଦୀ ବନ୍ଧରେ ପାଖାପାଖି ୬୫ ବର୍ଷର ଜଣେ ବୃଦ୍ଧଙ୍କ ମୃତଦେହ ସ୍ଥାନୀୟ ଲୋକେ ଦେଖି କାକଟପୁର ଥାନାକୁ ସୂଚନା ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଉକ୍ତ ବ୍ୟକ୍ତିଙ୍କ ଫଟୋ ଭାଇରାଲ ହେବା ପରେ ଏହାକୁ ଚିହ୍ନଟ କରି ଉକ୍ତ ବୃଦ୍ଧଙ୍କ ପରିବାର ଲୋକ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକ ଜଣକ ହେଲେ ନଗର ପଞ୍ଚାୟତ ବାଲିପନ୍ତାଳ ଗ୍ରାମର ହର୍ଷ ବେହେରା। ତାଙ୍କ ପୁଅ ଭୋଳାନାଥ ବେହେରା ଘଟଣାସ୍ଥଳରେ ପହଞ୍ଚି ବାପାଙ୍କ ମରଶରୀରକୁ ଚିହ୍ନଟ କରିଥିଲେ। ଗ୍ରାମବାସୀ ଓ ପୁଅଙ୍କ ନିକଟରୁ ମିଳିଥିବା ସୂଚନା ଅନୁସାରେ ସେ ଜଣେ ସାମାନ୍ୟ ମାନସିକ ରୋଗୀ ଥିଲେ। କାମ କରିବା ସହ ଅନେକ ସ୍ଥାନକୁ ଏହିପରି ଏକୁଟିଆ ଚାଲିଆସନ୍ତି। ବୁଧବାର ମଧ୍ୟ ଘରୁ ଏମିତି ବାହାରି ଆସିଥିଲେ। ଏହି ଘଟଣାକୁ ନେଇ ତାଙ୍କ ପୁଅ ତରଫରୁ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ ହେବା ପରେ ପୁଲିସ ତରଫରୁ ୧୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କାକଟପୁର ଥାନା ଅଧିକାରୀ ଉମେଶ ସାହୁ ପ୍ରକାଶ କରିଛନ୍ତି।

## କଲେଜରେ ଆଇନ ସଚେତନତା ଶିବିର

ପୁରୀ,୨୫ା୭(ସମିସ): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ସୁରଜମଲ ସାହା କଲେଜରେ ମହିଳାମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନର ପ୍ରତିରୋଧ ଓ ପ୍ରତିକାର ଅଧିନିୟମ, ଅନୁସୂଚିତ ଜାତି ଓ ଉପଜାତି ଆକ୍ଷେପ କିମ୍ବା ଜାତିପ୍ରଥା ନେଇ ଅସମ୍ମାନିତ କରିବା ଏବଂ ଏହାର ପ୍ରତିକାର ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ପରିଚାଳନା କରିଥିଲେ। ସଚିବ ଶ୍ରୀ ସେଠୀ ଏହାକୁ ଉଦ୍‌ଘାଟନ କରିବା ସହ ଯୌନ ନିର୍ଯାତନା ନିରୋଧ ଆଇନରେ ଥିବା ବ୍ୟବସ୍ଥା, ଦୁଷ୍କର୍ମ ପୀଡ଼ିତାଙ୍କୁ ଆଇନ ସହାୟତା ଓ ଆର୍ଥିକ କ୍ଷତିପୂରଣ ବ୍ୟବସ୍ଥା ଓ ଅନୁସୂଚିତ ଜାତି ଓ ଉପଜାତିଙ୍କ ଜାତିଗତ ଆକ୍ଷେପ କିମ୍ବା ଜାତିପ୍ରଥାକୁ ନେଇ ଅସମ୍ମାନିତ କରିବା ଏକ ଦଣ୍ଡନୀୟ ଅପରାଧ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇଥିଲେ। ଆଇନ ସେବା କ'ଣ ଏବଂ କେଉଁମାନେ ଏହା ପାଇବା ପାଇଁ ଯୋଗ୍ୟ ସେ ବିଷୟରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ସୁରଜମଲ ସାହା କଲେଜର ଅଧକ୍ଷ ଶରତ କୁମାର ସାହୁଙ୍କ ସମେତ କଲେଜର ଅନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।

## ସାମାନ୍ୟ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ



ନୟାହାଟ,୨୫ା୭(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ନୟାହାଟ ଅଞ୍ଚଳରେ ବର୍ଷା ଦିନରେ ରାସ୍ତାଘାଟ ଅବସ୍ଥା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଯାହାଫଳରେ ଖାଲି ପାଦରେ ଯିବା ସାଧାରଣ ଲୋକଙ୍କ ପାଇଁ କଷ୍ଟସାଧ ହୋଇପଡ଼ିଛି। ପିଚୁ ରାସ୍ତା ମାଟି ରାସ୍ତାରେ ପରିଣତ ହୋଇଛି। ନୟାହାଟ-ନାଗପୁର, ନୟାହାଟ-କଳାବୁଦା, ନୟାହାଟ-ନରସିଂହପୁର, ପାଣିଛତ୍ରରୁ ରାଉଳପାଟଣା ପ୍ରମୁଖ ରାସ୍ତା ମରାମତି ଅଭାବରୁ ବଉଲାଙ୍ଗ ପଞ୍ଚାୟତ ଅଫିସଠାରୁ କୋରୂଆଳ ପର୍ଯ୍ୟନ୍ତ ଇଟାରେ କରାଯାଇଥିବା ୪୦ ଲକ୍ଷ ବ୍ୟୟରେ ନିର୍ମିତ ରାସ୍ତା ନଷ୍ଟ ହୋଇ ଦବିଗଲାଣି। ତିରୁଣାଠାରୁ ବାଉଲାଙ୍ଗ ରାସ୍ତାରେ ବଡ଼ ବଡ଼ ଖାଲମାନ ସୃଷ୍ଟି ହୋଇ ବର୍ଷା ଦିନରେ ପାଣି ଜମି ରହିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ନୟାହାଟ ବଜାରକୁ ଲାଗି ରହିଥିବା ଧୂମାଳ ଗୋହୋରୀ ରାସ୍ତା ମାଟି ରାସ୍ତାରେ ପରିଣତ ହୋଇଥିବାବେଳେ ଜଗତସିଂହପୁର ଓ ପାରାଦୀପରୁ ପୁରୀ ଅଭିମୁଖେ ଆସୁଥିବା ଯାତ୍ରୀବାହୀ ବସ୍ ଏହି ରାସ୍ତା ଦେଇ ବିପଜ୍ଜନକ ଭାବେ ଯିବାଆସିବା କରିଥାନ୍ତି। ନୟାହାଟରୁ ନିପାଣିଆଁ ଗଡ଼ ରାସ୍ତା ବିଭିନ୍ନ ସ୍ଥାନରେ ଢଳେଇ ରାସ୍ତା ଫାଟି ନଷ୍ଟ ହୋଇ ପାଣି ଜମୁଛି। ଏ ବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ନବୀନ ବେହେରାଙ୍କୁ ପଚାରିବାରେ ସେ କହିଲେ, ବର୍ଷା ଦିନରେ ପିଚୁ କାମ ହୋଇପାରିବ ନାହିଁ ଶୀତ ଦିନ ଆସିଲେ ଟେଣ୍ଡର ଡକାଯାଇ କାମ କରାଯିବ।

## କୁଇଜ୍, ଭାଷଣ ପୁସ୍ତକ ଉନ୍ମୋଚିତ



କଣାସ,୨୫ା୭(ସମିସ): କଣାସ ବ୍ଲକ୍ କାଦୁଆ ଗ୍ରାମ ପଞ୍ଚାୟତର ସାହସପୁରଠାରେ ଏକ କୁଇଜ୍, ଭାଷଣ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ସାନଓରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଦ୍ୱାରା ଲିଖିତ ଉକ୍ତ ପୁସ୍ତକକୁ ସାଧନ କେନ୍ଦ୍ର ସଂଯୋଜକ ରାମଚନ୍ଦ୍ର ସାହୁ, ମାଳିସାହି ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଦୈତ ବେହେରା, କଳାପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁମନ ବେହେରା, ସାହସପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧୂଳିରାମ ବେହେରା, ହରଚଣ୍ଡୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ ପ୍ରଧାନ, ଜାଗୁଲେଇପଦର ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉତ୍କଳ ପରିଡ଼ା, ଲେଖକ ଦିଲ୍ଲୀପ ଶ୍ରୀଚନ୍ଦନ, ଶିକ୍ଷକ ରବିନ୍ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ଉନ୍ମୋଚନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହା ଉପାଦେୟ ହେବ ବୋଲି ସିଆର୍‌ସିସି ଶ୍ରୀ ସାହୁ କହିଛନ୍ତି। ସୂଚନା ଥାଉକି ଲେଖକ ଶ୍ରୀ ଶ୍ରୀଚନ୍ଦନଙ୍କ ପୂର୍ବରୁ ୧୮ ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି।

## ଡେଲାଙ୍ଗ ବ୍ରାଞ୍ଚ୍ କେନାଲ ବନ୍ଧରେ ୫୦ ଫୁଟ୍‌ର ଘାଇ



ପିପିଲି,୨୫ା୭(ସମିସ): ଜଇଶପାଟଣା ଛକ ନିକଟରେ ଭାଙ୍ଗିଲା କେନାଲ ବନ୍ଧ। ଡେଲାଙ୍ଗ ବ୍ରାଞ୍ଚ୍ କେନାଲ୍ ଡାହାଣ ପାଶ୍ୱର୍ ବନ୍ଧ ଭାଙ୍ଗିବାରୁ ସୃଷ୍ଟି ହେଲା ୫୦ ଫୁଟ୍‌ର ଘାଇ। ସ୍ଥାନୀୟ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଗୁରୁବାର ମଧ୍ୟରାତ୍ରୀରେ ବନ୍ଧ ଭାଙ୍ଗିବା ପରେ ଉପରମୁଣ୍ଡରୁ ବନ୍ଦ ରହିଛି ଜଳ ଯୋଗାଣ। ବନ୍ଧର ଅନ୍ୟ ସ୍ଥାନରୁ ଧସୁଛି ମାଟି ଅତଡ଼ା। ଚାଷ କାର୍ଯ୍ୟ ଚାଲିଥିବାବେଳେ ଏବେ ଚିନ୍ତାରେ ଅଛନ୍ତି ଚାଷୀ। କେନାଲ ପାଣି ଉପରେ ନିର୍ଭର କରୁଛନ୍ତି ପିପିଲି-ଡେଲାଙ୍ଗର ଲକ୍ଷାଧିକ ଚାଷୀ ପରିବାର। କେନାଲ ବନ୍ଧର ସଠିକ୍ ରକ୍ଷଣାବେକ୍ଷଣ ହୋଇ ନ ଥିବାରୁ ବନ୍ଧଟି ଭାଙ୍ଗିଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ବନ୍ଧର ତୁରନ୍ତ ମରାମତି କରିବାକୁ ଚାଷୀମାନେ ଦାବି କରିଛନ୍ତି। ପୁରୀ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, ପିପିଲି ଏସ୍‌ଡିଓ, ଜେଇ ଘନଘନ ଘଟଣାସ୍ଥଳରେ ପହଞ୍ଚି ବନ୍ଧ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି। ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଚିତ୍ରାନନ୍ଦ ମାଝୀଙ୍କ ସହିତ କନିଷ୍ଠ ଯନ୍ତ୍ରୀ ତନ୍ମୟ ବେହେରା ଘଟଣାସ୍ଥଳରେ ଉପସ୍ଥିତ ରହି ଯୁଦ୍ଧକାଳୀନ ଭିତିରେ କେନାଲ ବନ୍ଧ ମରାମତି କରିବା ସହିତ କାର୍ଯ୍ୟର ତଦାରଖ କରୁଛନ୍ତି।

## ଶ୍ରାବଣରେ ମୁଣ୍ଡଫଟା ଖରା; କେନାଲରେ ପାଣି ନାହିଁ


ଗମ୍ଭାରୀପଦା,୨୫ା୭(ସମିସ): ପରିବେଶରେ ଅବକ୍ଷୟ, ପ୍ରାକୃତିକ ସମ୍ପଦର ଦୁରୁପଯୋଗ, ଜଙ୍ଗଲ ସମ୍ପଦ କ୍ଷୟ ହେବା ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହୋଇ ଋତୁଚକ୍ରରୁ କାଳକ୍ରମେ ଋତୁଗୁଡ଼ିକ ବିଲୁପ୍ତ ହେଉଥିବା ଅନୁଭବ ହେଉଛି। ବର୍ଷାରେ ଆଷାଢ଼ ଶ୍ରାବଣ ମେଘ ବରଷେ ଘନଘନ, ଉକ୍ତି ଇତିହାସ ହେବାକୁ ଯାଉଛି। ଫଳରେ ଦୁନିଆକୁ ଆହାର ଯୋଗାଉଥିବା ଚାଷୀ ଭାଇ ବର୍ତ୍ତମାନ ନିଜ ଆହାର ପାଇଁ ରାସନ୍ କାର୍ଡ ଧରି ଲାଇନ୍‌ରେ ଠିଆ ହେଲାଣି। ଏଥିପାଇଁ ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ନାଗରିକ କିଛି ଅଂଶରେ ଦାୟୀ ରହିଥିବାବେଳେ ଅନେକାଂଶରେ ପ୍ରଶାସନ ଓ ପ୍ରଶାସକମାନେ ଦାୟୀ ବୋଲି କାକଟପୁରର ବୁଦ୍ଧିଜୀବୀ ଓ ପୁରୁଖା ଚିନ୍ତାଶୀଳ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ବର୍ଷାର ଅନିୟମିତତାକୁ ଦେଖି ସରକାର ଜଳସେଚନ ବିଭାଗ ମାଧ୍ୟମରେ ଉପଯୁକ୍ତ ସମୟରେ ଚାଷୀଙ୍କ ଚାଷ କାର୍ଯ୍ୟ ପାଇଁ କେନାଲ, ଉଠା ଜଳସେଚନ ଓ ବୋର୍‌ୱେଲ୍ ମାଧ୍ୟମରେ ଜଳ ଯୋଗାଇଦେବାର ବନ୍ଦୋବସ୍ତ କରି କର୍ମଚାରୀ ନିଯୁକ୍ତି କରିଛନ୍ତି। ସେସବୁ କାର୍ଯ୍ୟ ସମୟ ଭିତ୍ତିରେ ହେବା ପାଇଁ ତଦାରଖ କରିବାକୁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ପ୍ରତିନିଧିମାନେ ରାଜକୋଷରୁ ମଧ୍ୟ ଦରମା ପାଉଛନ୍ତି। କିନ୍ତୁ ପରିତାପର ବିଷୟ ଶ୍ରାବଣ ମାସ ଅଧା ହେଲାଣି ଅଥଚ କାକଟପୁର ଜଳସେଚନ ଉପଖଣ୍ଡରେ ଏ ପର୍ଯ୍ୟନ୍ତ କେନାଲରେ ପାଣି ଆସିପାରିଲା ନାହିଁ କି କାକଟପୁର ବ୍ଲକ୍‌ର ଉଠା ଜଳସେଚନ କିମ୍ବା ବୋର୍‌ୱେଲ୍‌ର ଜଳ ଚାଷଜମିରେ ମାଡ଼ି ପାରିଲା ନାହିଁ। ଉଠା ଜଳସେଚନ ବିଭାଗର କାର୍ଯ୍ୟ କାକଟପୁର ବ୍ଲକ୍‌ରେ ଅନୁଭୂତ ହେଉନଥିବା କେତେକ ଚାଷୀ କହୁଥିବାବେଳେ କେନାଲଗୁଡ଼ିକ ପ୍ରାୟ ଅଞ୍ଚଳରେ ମାଟିରେ ମିଶିଗଲାଣି। ଅବଶିଷ୍ଟ ଯେତିକି କେନାଲ ଦୃଷ୍ଟିଗୋଚର ହେଉଛି ସେଥିରେ ଅଦ୍ୟାବଧି ପାଣି ନ ଆସିବା ଫଳରେ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସମୟ ଆସିବ ଯେଉଁ ସବୁଜ ବିପ୍ଳବ ମାଧ୍ୟମରେ ଆମେ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଥିଲେ ପ୍ରଶାସକ ଓ ପ୍ରଶାସନିକ ଅବ୍ୟବସ୍ଥା ଦ୍ୱାରା ତାହାକୁ ହରାଇ ବସିବା। ବେଳହୁଁ ପ୍ରଶାସକମାନେ ଆତ୍ମବଡ଼ିମା ଓ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ପ୍ରଶାସନକୁ ସଜାଗ କରି ଚାଷ ପାଇଁ ଅନୁକୂଳ ପରିବେଶ ଓ ସମୟ ମଧ୍ୟରେ ଜଳସେଚନ ସୁବିଧା ଉପଲବ୍ଧ କରାଇବା ପାଇଁ କାକଟପୁର ବ୍ଲକ୍‌ର ଚାଷୀ ସମୂହ ଦାବି କରିଛନ୍ତି।

## ଅଷ୍ଟଶମ୍ଭୁ ବିଦ୍ୟାଳୟରେ ମେଧା ସମ୍ମାନ ଉତ୍ସବ



ପିପିଲି,୨୫ା୭(ସମିସ): ଶୁକ୍ରବାର ଅଷ୍ଟଶମ୍ଭୁ ବିଦ୍ୟାଳୟ ପରିସରରେ ମେଧା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରୁ ଚଳିତ ବର୍ଷ ଏ୧ ପାଇଥିବା ଛାତ୍ରୀ ସୁଚିତ୍ରା ପ୍ରାମାଣିକ ଓ ବିଗତ ବର୍ଷ ଛାତ୍ର ଶ୍ରୀମାନ ଅମିତ୍ କୁମାର ଖଟୋଇଙ୍କ ସହ ଏ୨ ପାଇଥିବା ୨୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷୟିତ୍ରୀ ସ୍ୱତିକା ବେହେରା। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ସୁସାହିତ୍ୟିକ ଅର୍ଜୁନ ଘଡ଼େଇ, ଅତିଥିଭାବରେ ଅର୍ଜୁନ ପରମଗୁରୁ, ରଘୁନାଥ ପ୍ରଧାନ, ଉଦ୍ଧବ ଚନ୍ଦ୍ର ଦାସ, ସରପଞ୍ଚ ସଞ୍ଜୟ ବରାଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ଆହୁରି ଭଲ ଫଳାଫଳ କରି ବିଦ୍ୟାଳୟର ସୁନାମ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଘଡ଼େଇ ଦୁଇ କୃତୀ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ନିଜ ତରଫରୁ ପ୍ରଦାନ କରିଥିଲେ। ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବାବେଳେ ସଞ୍ଜୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟିର ସଭ୍ୟସଭ୍ୟା ଓ ସମସ୍ତ ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ଇଣ୍ଡିଆ ବୁକ୍ସ ଅଫ୍ ରେକର୍ଡସ୍‌ରେ ୨୦ ମାସର ଶିଶୁ ଶ୍ରେୟାଂଶୀ



ସାକ୍ଷୀଗୋପାଳ,୨୫ା୭(ସମିସ): ଭଲଭାବେ କଥା କହିପାରି ନ ଥିବା ୨୦ ମାସ ବୟସର ଶିଶୁକନ୍ୟା ଶ୍ରେୟାଂଶୀ ପଣ୍ଡା ଇଣ୍ଡିଆ ବୁକ୍ସ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ୧୯ଟି ବନ୍ୟଜନ୍ତୁ, ୧୭ ଗୃହପାଳିତ ପଶୁ, ୧୩ ପକ୍ଷୀ, ୧୮ ପ୍ରକାର ପନିପରିବା, ୨୦ଟି ଯାନବାହନ, ୨୬ଟି ଇଂରାଜୀ ଅକ୍ଷର ଓ ବ୍ୟବହୃତ ଶବ୍ଦ, ୨୦ଟି ଫଳ, ମଣିଷ ଶରୀରର ୧୪ଟି ଅଙ୍ଗ ପ୍ରତ୍ୟଙ୍ଗ ଚିହ୍ନଟ କରିବା ସହ ୫ଟି ସାଧାରଣ ଜ୍ଞାନର ତତ୍‌କ୍ଷଣାତ୍ ସଠିକ୍ ଉତ୍ତର ଦେବାରେ ସଫଳ ହୋଇଛନ୍ତି। ଏହି କୃତିତ୍ୱ ପାଇଁ ଇଣ୍ଡିଆ ବୁକ୍ସ ଅଫ୍ ରେକର୍ଡସ୍‌ରେ ମୁଖ୍ୟ ସମ୍ପାଦକ ଡ. ବିଶ୍ୱରୂପ ରାୟ ଚୌଧୁରୀ ଶିଶୁଟିକୁ ଗତ ୧୪ ତାରିଖରେ ପ୍ରମାଣପତ୍ର ଓ ପଦକ ପ୍ରଦାନ କରି ଉତ୍ସାହିତ କରିଛନ୍ତି। ସତ୍ୟବାଦୀ ଥାନା ଅନ୍ତର୍ଗତ ଇନ୍ଦିପୁର ଗ୍ରାମର କୁନିଝିଅ ଶ୍ରେୟାଂଶୀଙ୍କ ମାଆ ତପସ୍ୱିନୀ ପଣ୍ଡା ଓ ବାପା ଶିବଶଙ୍କର ପଣ୍ଡାଙ୍କ ପରିବାରରେ ଖୁସିର ଲହରୀ ଖେଳିଯାଇଛି।

## ପ୍ରାଚୀ ବାଳିକା ବିଦ୍ୟାପୀଠ ପରିଚାଳନା କମିଟି ବୈଠକ



ଚାରିଛକ,୨୫ା୭(ସମିସ): ଚାରିଛକ ନିକଟସ୍ଥ ତୁଳସୀପୁରସ୍ଥିତ ପ୍ରାଚୀ ବାଳିକା ବିଦ୍ୟାପୀଠ ପରିଚାଳନା କମିଟିର ଏକ ବୈଠକ ପ୍ରଧାନଶିକ୍ଷୟିତ୍ରୀ ସବିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଦ୍ୟାଳୟର ଉନ୍ନତି କଳ୍ପେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ବିଦ୍ୟାଳୟଟି ଲଗାତର ୩ ବର୍ଷ ଧରି ମ୍ୟାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳ ହୋଇଥିବାରୁ କମିଟିର ସଦସ୍ୟ ଓ ଅଭିଭାବକମାନେ ବେଶ୍ ଖୁସିବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀଙ୍କ ଉଦ୍ୟମରେ ୨୦୨୩-୨୪ରେ ଏହି ବିଦ୍ୟାଳୟଟି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ପୁରୀ ଜିଲ୍ଲାରେ ଉନ୍ନତମାନ ସୃଷ୍ଟି କରିପାରିଛି। ଉକ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲୁଥିବାରୁ ବିଦ୍ୟାଳୟ ପରିସରରେ ଥିବା ଖାଲି ସ୍ଥାନରେ ଏକ କିଚେନ୍ ଗାର୍ଡେନ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ, ବିଦ୍ୟାଳୟ ପରିସରରେ କିଛି ଔଷଧୀୟ ବୃକ୍ଷ ଲଗାଯାଇ ଗାଇଗୋରୁ, ଛେଳିମେଣ୍ଢା ଓ ମାଙ୍କଡ଼ଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ଗଛ ଲଗାଯାଇଛି। ମାତ୍ର କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ବିଦ୍ୟାଳୟ ବିରୋଧରେ ଅପପ୍ରଚାର କରୁଥିବାରୁ କମିଟି ତରଫରୁ ତାହାକୁ ଘୋର୍ ନିନ୍ଦା କରାଯାଇଛି। ଏଥି ସହିତ ବିଦ୍ୟାଳୟର ଉନ୍ନତି ପାଇଁ ପ୍ରଧାନଶିକ୍ଷୟିତ୍ରୀ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## ଆସାମୀକୁ ଗିରଫ ଦାବିକରି ଗଡ଼ିଶାଗୋଦା ଥାନାରେ ଧାରଣା



କଣାସ,୨୫ା୭(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ବସନ୍ତପୁର ଗ୍ରାମର କାମଦେବ ପଶ୍ଚିମକବାଟ ଗତ ୨୧ ତାରିଖ ରାତିରେ କାର୍ ଯୋଗେ ଘରକୁ ଦୟାନଦୀ ବନ୍ଧରେ ଫେରୁଥିବାବେଳେ ଗୋଲରା ଗ୍ରାମର ୩ ଜଣ ବ୍ୟକ୍ତି ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ କାମଦେବ ଗୁରୁତର ଭାବେ ଆହାତ ହୋଇଥିଲେ। ଖବରପାଇ ଗଡ଼ିଶାଗୋଦା ଥାନା ଅଧିକାରୀ ଘଟଣାସ୍ଥଳକୁ ଆସି କାମଦେବକୁ ଚିକିତ୍ସା ପାଇଁ କଣାସ ଡାକ୍ତରଖାନା ଆଣି ଚିକିତ୍ସା କରି ତାଙ୍କ ବାସଗୃହରେ ଛାଡ଼ିଦେଇଥିଲେ। ତାଙ୍କର ଅବସ୍ଥା ଖରାପ ହେବାରୁ ସକାଳୁ ପୁରୀ ଡାକ୍ତରଖାନା ଓ ପରେ ଭୁବନେଶ୍ୱର ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। କାମଦେବଙ୍କ ପତ୍ନୀ ଅଞ୍ଜନା ପଶ୍ଚିମକବାଟ ଗଡ଼ିଶାଗୋଦା ଥାନାରେ ଏତଲା ଦେବାକୁ ଯାଇଥିବାବେଳେ ଥାନା ଅଧିକାରୀ ଆକ୍ରମଣସ୍ଥଳ ଆମ ଅଧୀନରେ ନାହିଁ, କଣାସ ଥାନା ଅଧୀନରେ ଥିବାରୁ କଣାସ ଥାନାରେ ଅଭିଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ଅନ୍‌ଲାଇନ୍‌ରେ କଣାସ ଥାନାକୁ ଏତଲା ପଠାଇ ଦେଇଥିଲେ। ୩ ଦିନ ବିତିଯାଇଥିବାରୁ ଆସାମୀକୁ କାହିଁକି ପୁଲିସ ଗିରଫ କରୁନାହିଁ ବୋଲି ପ୍ରତିବାଦ କରି ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଗଡ଼ିଶାଗୋଦା ଥାନା ଆଗରେ ଧାରଣାରେ ବସିରହିଥିଲେ। ଥାନା ଅଧିକାରୀ ସୁଧୀର ଦାସ ମହିଳାମାନଙ୍କୁ ବୁଝାସୁଝା କରିବା ସହିତ ତୁରନ୍ତ ଆସାମୀକୁ ଧରି କଣାସ ଥାନାକୁ ହସ୍ତାନ୍ତର କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ଧାରଣାରତ ମହିଳା ଓ ପୁରୁଷମାନେ ଧାରଣାରୁ ଉଠିଥିଲେ।

# ଶ୍ରୀକ୍ଷେତ୍ର ସିଟି

୨୫/୭/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୪୭,୦୪୭/- ସୁନା: ୦୯.୨୦୦ ଗ୍ରାମ୍ ରୁପା: ୧୮.୩୦୦ ଗ୍ରାମ୍



## ଜିଲ୍ଲାର ସମୀକ୍ଷା କଲେ ନୂତନ ଜିଲ୍ଲାପାଳ

# କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପରାମର୍ଶ

ପୁରୀ,୨୫।୭ (ସମିସ)

ପୁରୀର ନୂତନ ଜିଲ୍ଲାପାଳ ଭାବେ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି ଦିବ୍ୟଜ୍ୟୋତି ପରିଡ଼ା। କାର୍ଯ୍ୟରେ ଯୋଗଦେବା ପରେ ପ୍ରଥମେ ପୁରୀ ଜିଲ୍ଲାର ସମୀକ୍ଷା କରିଛନ୍ତି। ସର୍କିଟ୍ ହାଉସ ସମ୍ମିଳନୀ କକ୍ଷରେ ବରିଷ୍ଠ ଅଧିକାରୀ, ତହସିଲ୍‌ଦାର, ବିଡିଓ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରି ଜିଲ୍ଲାର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ବିଶେଷକରି ମେଗା ପ୍ରକଳ୍ପ, ଉନ୍ନୟନମୂଳକ କାର୍ଯ୍ୟ, ଜନହିତକାରୀ ଯୋଜନାଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ବର୍ଷା ଋତୁ। ତେଣୁ ଯେଉଁ ଅଞ୍ଚଳଗୁଡ଼ିକ ଜଳ ପ୍ଲାବିତ ହେବାର ସମ୍ଭାବନା ରହିଛି ତାହା ପାଇଁ ପ୍ରସ୍ତୁତ ରହିବା, ପ୍ରସ୍ତୁତ ହୋଇ ରହିଥିବା ଆଶ୍ରୟ ସ୍ଥଳଗୁଡ଼ିକର ପୁନଃ ନିରୀକ୍ଷଣ ସହ ସମସ୍ତ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ଅତ୍ୟାବଶ୍ୟକ ସାମଗ୍ରୀ, ଖାଦ୍ୟ, ଔଷଧ ବିଶେଷକରି ସାପ କାମୁଡ଼ାର ଅଧିକ ଆଶଙ୍କା ଥିବାରୁ ଆଣ୍ଟି ଭେନମ୍ ଔଷଧ ମହଜୁଦ୍ ରଖିବା, ସହରାଞ୍ଚଳରେ ଯେଉଁଠାରେ ଜଳବନ୍ଦୀର ଆଶଙ୍କା ରହୁଛି ସେଠାରେ ଜଳ ନିଷ୍କାସନ ପାଇଁ ପମ୍ପ୍ ସେଟ୍‌ର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟ ପରିଚାଳନା ପାଇଁ ଯୋଜନା ପ୍ରସ୍ତୁତ କରିବା, ନିଜ ଅଞ୍ଚଳର ଦୈନିକ ସାମାଜିକ ସମସ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ କରି ତାହାର ନିରାକରଣ ପାଇଁ ପଦକ୍ଷେପ ନେବା, ଆବଶ୍ୟକସ୍ଥଳେ ବରିଷ୍ଠ ଅଧିକାରୀମାନଙ୍କ ସହଯୋଗ ନେଇ ସମସ୍ୟାର ସମାଧାନ ପାଇଁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ପରିଡ଼ା ପୁରୀ ଜିଲ୍ଲାକୁ ଆଗକୁ ନେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲାର ସମସ୍ତ ବିଡିଓ, ତହସିଲ୍‌ଦାର ପ୍ରମୁଖ ଯୋଗଦେଇ ସେମାନଙ୍କ ଅଞ୍ଚଳ ଓ ବିଭାଗର ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।



## ନୂଆ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ପୁରୀ,୨୫।୭ (ସମିସ): ପୁରୀର ନୂତନ ଜିଲ୍ଲାପାଳ ଭାବେ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି ଦିବ୍ୟଜ୍ୟୋତି ପରିଡ଼ା। କାର୍ଯ୍ୟରେ ଯୋଗଦାନ ପୂର୍ବରୁ ମହାପ୍ରଭୁଙ୍କ ଦର୍ଶନ କରି ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଜିଲ୍ଲାପାଳଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ସ୍ୱାଗତ କରିଥିଲେ। ପରେ ଅନ୍ୟ ବିଭାଗୀୟ ଅଧିକାରୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ୍ କରି ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ ପରିଡ଼ା ନିଜ ପ୍ରତିକ୍ରିୟାରେ ଜିଲ୍ଲାକୁ ଆଗକୁ ନେବାକୁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଏହା ପୂର୍ବରୁ ଶ୍ରୀ ପରିଡ଼ା ଗଞ୍ଜାମର ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ପୁରୀ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିବା ଚଞ୍ଚଳ ରାଣାଙ୍କର ବିଏମ୍‌ସି କମିଶନର ଭାବେ ବଦଳି ହୋଇଛି।

## ଭଉଁରିଆ ସେତୁ ଉପରେ ଭାରୀଯାନକୁ ନା

ପୁରୀ,୨୫।୭ (ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷକ ଯନ୍ତ୍ରୀ ନିମାପଡ଼ାଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟକୁ ବିଚାର କରି ଅସ୍ତରଙ୍ଗରୁ ପାଟସୁନ୍ଦରପୁର ରାସ୍ତାର "ଭଉଁରିଆ ନାଳ (ପୁରୁଣା ସେତୁ) ସେତୁ' ଉପରେ ଭାରୀଯାନ ଚଳାଚଳକୁ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ତୁରନ୍ତ ପ୍ରତିବନ୍ଧକ ଲଗାଇଛନ୍ତି। ସାଧାରଣ ଜନତାଙ୍କ ସୁରକ୍ଷା ଦୃଷ୍ଟିରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ପୁରୁଣା ସେତୁ ଦେଇ ଭାରୀଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହି ସ୍ଥାନରେ ଆବଶ୍ୟକୀୟ ସାଇନେଜ୍ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଝରକାରେ ବାଉଁଶ ବତା ପୂରାଇ ଟଙ୍କା, ସୁନା ଲୁଟ୍

ପୁରୀ,୨୫।୭ (ସମିସ): ଝରକାରେ ବାଉଁଶ ବତା ପୂରାଇ ଘରୁ ଭ୍ୟାନିଟି ବ୍ୟାଗ୍ ଚୋରି କରିନେଇଛନ୍ତି ଦୁର୍ବୃତ୍ତ। ଏଭଳି ଏକ ଅଭିନବ ଉପାୟରେ ଚୋରି ହୋଇଛି ଭାରତୀପୁର ଅଞ୍ଚଳରେ। ଦୁର୍ବୃତ୍ତ ଚୋରି କରି ନେଇଥିବା ଭ୍ୟାନିଟି ବ୍ୟାଗ୍‌ରେ ପ୍ରାୟ ୧୫ ହଜାର ଟଙ୍କା, ଏକ ସୁନାଚେନ୍ ଓ ମୁଦି ରହିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଭାରତୀପୁରର ବାସିନ୍ଦା ବାମଦେବ ମହାନ୍ତିଙ୍କ ଅଭିଯୋଗ ଅନୁସାରେ ଚୋରିର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ରାତି ପାଖାପାଖି ୨ଟାବେଳେ ଜଣେ ଦୁର୍ବୃତ୍ତ ପ୍ରଥମେ ହାତରେ ଏକ ଶାବଳ ଧରି ଆସିଥିଲା। ଶାବଳ ଲମ୍ବ କମ୍ ଥିବାରୁ ପୁଣିଥରେ ସେ ବାହାରକୁ ଯାଇ ବତା ଆଣି ସେଥିରେ ଭ୍ୟାନିଟି ବ୍ୟାଗ୍‌କୁ ଟେକି ଝରକା ପାଖକୁ ଆଣି ସେଥିରୁ ଟଙ୍କା, ସୁନା ଅଳଙ୍କାର ନେଇ ଫେରାର୍ ହୋଇଯାଇଥିଲା। ତେବେ ଏହି ଘଟଣାର ତଦନ୍ତ ଜାରି ରହିଥିବା କହିଛନ୍ତି ଥାନା ଅଧିକାରୀ ସୁନିଲ ପ୍ରଧାନ।

• ଛାତ୍ର ସଂସଦ ନିର୍ବାଚନ ପାଇଁ କ୍ୟାମ୍ପସରେ ହିଂସା

## ଏସ୍‌ସିଏସ୍‌ରେ ଦୁଇ ଛାତ୍ର ଦଳ ମୁହାଁମୁହିଁ

ପୁରୀ,୨୫।୭ (ସମିସ): କଲେଜରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ତାରିଖ ଘୋଷଣା ହୋଇନାହିଁ କି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଅଥଚ କ୍ୟାମ୍ପସ୍‌ରେ ଘନେଇଲାଣି ହିଂସା। ଆଶାୟୀମାନେ ସେମାନଙ୍କ ସମର୍ଥନ ପାଇଁ ପଇଁତରା ମାରିବା ଆରମ୍ଭ କରିଦେଇଥିବାବେଳେ ଏସ୍‌ସିଏସ୍ କଲେଜରେ ଶୁକ୍ରବାର ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏହି ଘଟଣାରେ ଦୁଇଜଣ ଛାତ୍ର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଦଳୀୟ ସମର୍ଥନ ପାଇବାକୁ ଲକ୍ଷ୍ୟ ରଖିଥିବା ଛାତ୍ରମାନେ ପରସ୍ପରକୁ ଆକ୍ରମଣ କରିବାକୁ ପଛାଇ ନାହାନ୍ତି। ଶୁକ୍ରବାର ଏସ୍‌ସିଏସ୍ କଲେଜର ଜଣେ ଛାତ୍ର ପରୀକ୍ଷା ସାରି ଫେରୁଥିଲେ। ଏହି ସମୟରେ ପ୍ରତିପକ୍ଷ ଦଳର ଜଣେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଜଣଙ୍କ ଉପରେ ଆକ୍ରମଣ ହେବାରୁ ଆଉ ଜଣେ ଛାତ୍ର ତାଙ୍କୁ ସୁରକ୍ଷା ଦେବାକୁ ଆସି ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣାରେ ଶୁଭମ୍ ୪ ଜଣଙ୍କ ନାମରେ ଅଭିଯୋଗ ଆଣିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖି ଟାଉନ ପୁଲିସ ପଚରାଉଚରା କରୁଛି। ଏ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ସେ ନେଇ ଏପର୍ଯ୍ୟନ୍ତ ବିଧିବଦ୍ଧ ଭାବେ କୌଣସି ନିଷ୍ପତ୍ତି ଆସିନାହିଁ। ହେଲେ ଆଶାୟୀମାନେ ନିଜ ନିଜ ସପକ୍ଷରେ ଭୋଟ୍ ହାତେଇବା ଉଦ୍ଦେଶ୍ୟରେ ଅଭିଯାନ ଆରମ୍ଭ କରିଦେଲେଣି। ଆଶାୟୀମାନେ ସକ୍ରିୟ ହେଉଥିବାବେଳେ ମୁହାଁମୁହିଁ ପରିସ୍ଥିତି ଉପୁଜିଲାଣି। ଏବିଭିପି ଓ ବିଜୁ ଛାତ୍ର ଜନତା ଦଳ ସମର୍ଥିତ କିଛି ଛାତ୍ର ପରସ୍ପର ମୁହାଁମୁହିଁ ହୋଇଛନ୍ତି। ଛାତ୍ରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିବାରୁ ଦୁଇ ଛାତ୍ର ଗୋଷ୍ଠୀ ପୂର୍ବତନ ଛାତ୍ରମାନଙ୍କୁ ଡକାଇବା ପରେ ଘଟଣା ଉଗ୍ର ରୂପ ନେଇଥିଲା।

## ମହାପ୍ରଭୁଙ୍କୁ ଧନ୍ୟବାଦ ଜଣାଇଲେ ନବକଳେବର ଟିମ୍



ପୁରୀ,୨୫।୭ (ସମିସ): ଶ୍ରୀଜଗନ୍ନାଥଙ୍କ ନବକଳେବରକୁ ନେଇ ନିର୍ମିତ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର ସାରା ଓଡ଼ିଶାରେ ଚହଳ ସୃଷ୍ଟି କରିଛି। ମୁକ୍ତିଲାଭ ହେବାର ୨୧ ଦିନ ପରେ ମଧ୍ୟ ସବୁଠି ହାଉସ୍‌ଫୁଲ୍। ସାକ୍ଷାତ୍ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପ୍ରେକ୍ଷାଳୟରେ ଭକ୍ତଙ୍କର ଏକପ୍ରକାର ଭିଡ଼ ଜମିବାରେ ଲାଗିଛି। ଯେଉଁଠି ଦେଖିବେ ନବକଳେବର ଚଳଚ୍ଚିତ୍ରକୁ ନେଇ ଚର୍ଚ୍ଚା। କାନ ଡେରିଲେ ଶୁଭୁଛି ସେଇ ଆଧ୍ୟାତ୍ମିକ ଭଜନ "ସିଏ ମୋ ଜଗନ୍ନାଥ ତା' ବିନୁ ଶ୍ରୀହୀନ ସାରା ଜଗତ..' ଓ ଜଗା ପ୍ରେମରେ ଯିଏ ପଡ଼ିଛି ସେ ତାରି ନାମ ଜପିଛି। ସତରେ ଆମ ଆରାଧ୍ୟ ଦେବତା ଜଗନ୍ନାଥଙ୍କ କାହାଣୀ ସମସ୍ତଙ୍କୁ ଭାବରେ ବାନ୍ଧି ରଖିଛି। ଜଗନ୍ନାଥଧାମ ପୁରୀରୁ ଆରମ୍ଭ ହୋଇଥିଲା ନବକଳେବର ଅଡିଓ ରିଲିଜ୍ ମାଧ୍ୟମରେ ଚଳଚ୍ଚିତ୍ରର ପ୍ରଚାରପ୍ରସାର। ଶୁକ୍ରବାର ୨୧ ଦିନରେ ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲ, କାର୍ଯ୍ୟକାରୀ ପ୍ରଯୋଜକ ପ୍ରଣୟ ଜେଠୀ, ଅଭିନେତା ଶ୍ରୀତମ ଦାସ, ଅଭିନେତ୍ରୀ ପିଙ୍କି ପ୍ରଧାନ, ଅଭିନେତା ଅଂଶୁମାନ (କଳାପାହାଡ଼) ଏବଂ ଅଭିନେତା ଶମ୍ଭୁ ଖୁଣ୍ଟିଆ ପ୍ରଭୁଙ୍କ ଶରଣାଶ୍ରିତ ହୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଚଳଚ୍ଚିତ୍ରର ମାର୍ଗଦର୍ଶକ ଡ. ଚନ୍ଦ୍ରଭାନୁ ଶତପଥୀଙ୍କୁ ମଧ୍ୟ ଟିମ୍ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି।

## ଶଙ୍କରାଚାର୍ଯ୍ୟଙ୍କୁ ଶ୍ରୀମନ୍ଦିର ସମସ୍ୟା ଜଣାଇଲେ ସେବାୟତ

ପୁରୀ,୨୫।୭ (ସମିସ)

ପବିତ୍ର ଚିତାଲାଗି ପର୍ବ ଅବସରରେ ଗୋବର୍ଦ୍ଧନ ପୀଠରେ ଅଲ୍ ଓଡ଼ିଶା ମନ୍ଦିର ସେବାୟତ ସଂଘ ତରଫରୁ ଅନୁଷ୍ଠିତ ହୋଇଥିଲା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ। ସେବାୟତମାନଙ୍କ ସମସ୍ୟା, ପାଉଣା ବୃଦ୍ଧି, ମନ୍ଦିର ହୁଣ୍ଡିରୁ ଭାଗ, ଭେଷ୍ଟ ହୋଇଥିବା ଜାଗା, ସେବାପୂଜା ଏବଂ ରାଜ୍ୟର ମନ୍ଦିରମାନଙ୍କରେ କିପରି ଶୃଙ୍ଖଳିତ ସେବା, ପର୍ବ ପାଳନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଦେବୋତ୍ତର ବିଭାଗ ଗୁରୁଦେବଙ୍କ ନିର୍ଦ୍ଦେଶ କ୍ରମେ ଅଲ୍ ଓଡ଼ିଶା ମନ୍ଦିର ସେବାୟତ ସଂଘ ପକ୍ଷରୁ ମନ୍ଦିର ଏବଂ ସେବାୟତମାନଙ୍କ ବିଷୟରେ ଦେବୋତ୍ତର ବିଭାଗରୁ ଏବଂ ମନ୍ଦିରମାନଙ୍କରୁ ଏକ ସୂଚନା ସଂଗ୍ରହ ପରେ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରାଯିବା ପାଇଁ ନିଷ୍ପତ୍ତି ନିଆଗଲା।



ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୧୪ ମନ୍ଦିରର ୨୫ ଜଣ ସେବାୟତ ଏବଂ ସଂଘର ଉପଦେଷ୍ଟା ପଣ୍ଡିତ ମାତୃପ୍ରସାଦ ମିଶ୍ର, ଡାକ୍ତର ସିଦ୍ଧାର୍ଥ ସାହୁ ଜଗଦ୍‌ଗୁରୁଙ୍କ ସହିତ ଓଡ଼ିଶାର ମନ୍ଦିରମାନଙ୍କର ସମସ୍ୟା, ଅଧୀନରେ ଥିବା ମନ୍ଦିରମାନଙ୍କର ଦୁରବସ୍ଥା ଏବଂ ସେବାୟତମାନଙ୍କ ସମସ୍ୟା ବିଷୟରେ ଶୁଣିବା ସହିତ ସେମାନଙ୍କ ଦିନକୁ ୧୮ ଟଙ୍କା, ୬୦ ଟଙ୍କା, ୮୦ ଟଙ୍କା ପାଉଣା ଏବଂ ବିଲବାଡ଼ି ଭେଷ୍ଟ ହୋଇଯାଇଥିବା ଶୁଣି ଜଗଦ୍‌ଗୁରୁ ମର୍ମାହତ ହୋଇଥିଲେ। ଏଥିରେ ଅନୁଷ୍ଠାନର ସଭାପତି କାମେଶ୍ୱର ତ୍ରିପାଠୀ, ସମ୍ପାଦକ ସିଂହାରୀ ଆଲୋକ ଖୁଣ୍ଟିଆ ଏବଂ ସଦସ୍ୟ ପୁଣ୍ୟଶ୍ଳୋକ ନନ୍ଦ, ରଞ୍ଜିତ ମହାପାତ୍ର, ଜଗମୋହନ ସୂଆର, ମଧୁସୂଦନ ପୂଜାପଣ୍ଡା, ଦେବଦତ୍ତ ମହାପାତ୍ର, ରଞ୍ଜନ କୁମାର ମହାପାତ୍ର, କାଳୀପ୍ରାସାଦ ମହାପାତ୍ର ଏବଂ ମଠ ପରିଚାଳକ ସ୍ୱୟଂ ପ୍ରଶାନ୍ତ, ଗୋବର୍ଦ୍ଧନ ପୀଠ ଗଣମାଧ୍ୟମ ସଚିବ ଦେବାଶିଷ ମିଶ୍ରଙ୍କ ସହିତ ବିଭିନ୍ନ ମନ୍ଦିରର ସେବାୟତ ଉପସ୍ଥିତ ଥିଲେ।

■ ଚିକିତ୍ସାରେ ଅବହେଳା ଅଭିଯୋଗ

## ରୋଗୀ ମୃତ୍ୟୁକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ପୁରୀ,୨୫।୭ (ସମିସ): ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାନା ପ୍ରକାର ସମସ୍ୟା ଲାଗିରହିଛି। କେତେବେଳେ ଲିଫ୍ଟ ଅଚଳ ତ ପୁଣି କେତେବେଳେ ମେସିନ ଅଚଳ ରହୁଛି। ସେହିପରି ଡାକ୍ତରଙ୍କ ଅଭାବ ମୁଖ୍ୟ ସମସ୍ୟା ରହିଥିବାବେଳେ ଅନେକ ସମୟରେ ଚିକିତ୍ସା ଅବହେଳା ଅଭିଯୋଗ ମଧ୍ୟ ଆସୁଛି। ଏହାକୁ ନେଇ ପୂର୍ବରୁ ବହୁଥର ହସ୍ପିଟାଲରେ ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ଶୁକ୍ରବାର ଏହାର ପୁନରାବୃତ୍ତି ଘଟିଛି। ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରାଯାଇଛି। ମୃତ ରୋଗୀ ହେଉଛନ୍ତି ବାଲିପାଟଣା ଅଞ୍ଚଳର ନିଧି ଖଟେଇ।

ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ଣରେ ନିଧି ମେଡିକାରେ ଭର୍ତ୍ତି ହୋଇଥିଲେ। ଡାକ୍ତର ତାଙ୍କୁ ସାଲାଇନ ଓ ଇଞ୍ଜେକ୍ସନ ଦେଇଥିଲେ। ତେବେ ସାଲାଇନ ଓ ଇଞ୍ଜେକ୍ସନ ନେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାକୁ ଲାଗିଥିଲା। ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ହେଲେ ଏହାକୁ ଗ୍ରହଣ କରିପାରି ନ ଥିଲେ ରୋଗୀଙ୍କ ପରିବାର ଏବଂ ସମ୍ପର୍କୀୟ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ଦେଖିବାକୁ ମିଳିଥିଲା।

ଡାକ୍ତରଙ୍କ ଚିକିତ୍ସା ଅବହେଳା ଯୋଗୁଁ ନିଧିଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିବାବେଳେ ପୁଲିସ ପହଞ୍ଚି ବୁଝାଶୁଝା କରିଥିଲା। ଏହି ଘଟଣାକୁ ନେଇ କିଛି ସମୟ ପାଇଁ ହସ୍ପିଟାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

## ରାଜ୍ୟସ୍ତରୀୟ ଟେବୁଲ୍ ଟେନିସ୍ ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଉଦ୍‌ଘାଟିତ

ପୁରୀ,୨୫।୭ (ସମିସ): ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଟେବୁଲ୍ ଟେନିସ୍ ଖେଳାଳିଙ୍କୁ ପହଞ୍ଚାଇବା ଦିଗରେ ପୁରୀ ଜିଲ୍ଲା ଟେବୁଲ୍ ଟେନିସ ଆସୋସିଏସନ ପକ୍ଷରୁ ରାଜ୍ୟ ଟେବୁଲ୍ ଟେନିସ୍ ଆସୋସିଏସନ ସହଭାଗିତାରେ ରାଜ୍ୟ ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତାର ଅବଦାନ ସ୍ମରଣ ରହିବ ବୋଲି କହିଛନ୍ତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର। ତାଳବଣିଆସ୍ଥିତ ଖୋଖୋ ଏକାଡେମୀ ପରିସରରେ ଏହାକୁ ଉଦ୍‌ଘାଟନ କରି ସେ କହିଥିଲେ ଯେ ଓଡ଼ିଶାର ବିଶିଷ୍ଟ ଖେଳାଳିମାନଙ୍କ ଏହି ପ୍ରତିଯୋଗିତା ନୂଆ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରୁ। ଦାମୋଦର ପ୍ରଧାନୀଙ୍କ ସଭାପତିତ୍ୱ ଓ ସମ୍ପାଦକ ଡ. ବିମଳ ପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ଶ୍ରୀନିବାସ ଆଚାର୍ଯ୍ୟ, ପ୍ରଫେସର ଦୁର୍ଗାପ୍ରସାଦ ଦାସ ମହାପାତ୍ର, ସେବାୟତ ଈପ୍‌ସିତ ପ୍ରତିହାରୀ, ଶିକ୍ଷାବିତ୍ ପରିକ୍ଷିତ ସାହୁ, ରାମନାରାୟଣ ଗୋଛିକାର ଓ ଶ୍ୟାମଳ କୁଣ୍ଡୁ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ ଖେଳାଳି ଉତ୍କଳିକା ପତି, ରଞ୍ଜିତା ଭଟ୍ଟାଚାର୍ଯ୍ୟ, ପି.ପରିତୋଷ ଓ ଜିଜ୍ଞାସୁ ସାଇକିରଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିଯୋଗିତାରେ କଟକ, ପୁରୀ, ଭୁବନେଶ୍ୱର, ବାଲେଶ୍ୱର, ରାଉରକେଲା ସମେତ କିସ୍, ଏଜି ଓ ରେଲ୍‌ୱେ ସମେତ ଅନେକ ଜିଲ୍ଲା ଓ ସଂସ୍ଥାର ୨୨୦ ଖେଳାଳି ଯୋଗଦେଇଛନ୍ତି। ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ଯୁଗଳ ପ୍ରସାଦ ମହାନ୍ତି, ବିବେକାନନ୍ଦ ପ୍ରଧାନ, ଆଶିଷ ଭଟ୍ଟାଚାର୍ଯ୍ୟ, ସତ୍ୟଜିତ୍ ମହାନ୍ତି, ଜୟନାରାୟଣ ପୂଜାପଣ୍ଡା, ଆଶିଷ ଚନ୍ଦୁକା ଓ ଅଭିଜିତ୍ ମହାନ୍ତି ପ୍ରମୁଖ ପରିଚାଳନା କରୁଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୭ରେ ଉଦ୍‌ଯାପିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ବଦ୍ରି ମିଶ୍ର ଜଣାଇଛନ୍ତି।

## ନିର୍ମାଣ ନିବାସରେ ଅଗ୍ନିକାଣ୍ଡ

ପୁରୀ,୨୫।୭ (ସମିସ): ପୁରୀ ନିର୍ମାଣ ନିବାସରେ ଘଟିଛି ଅଗ୍ନିକାଣ୍ଡ। ଗୁରୁବାର ରାତିରେ ସର୍ଟସର୍କିଟ୍ ଯୋଗୁ ନିଆଁ ଲାଗି ଯାଇଥିବାବେଳେ ଏଥିରେ ବିଶେଷ କ୍ଷତି ହୋଇନାହିଁ। ଆଚାର୍ଯ୍ୟ ହରିହର ଛକ ନିକଟରେ ରହିଛି ପୂର୍ତ୍ତ ବିଭାଗର ନିର୍ମାଣ ନିବାସ। ତେବେ ୨୦୨ ନମ୍ବର ରୁମ୍‌ରେ ଲାଗିଥିବା ଏସିରୁ ସର୍ଟସର୍କିଟ୍ ହୋଇଥିଲା। ପରେ ଏହି ନିଆଁ ଧୀରେ ଧୀରେ ବ୍ୟାପିଥିଲା। ଏହା ଦେଖି ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଦାଶିବ ପରିସରରେ ସଚେତନତା କାର୍ଯ୍ୟକ୍ରମ



ପୁରୀ,୨୫।୭ (ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତରଫରୁ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୁଦେଷ୍ଣା ପଣ୍ଡା ଯୋଗଦେଇ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ପରାମର୍ଶ ଦେବା ସହ ମହିଳାଙ୍କୁ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା (ପ୍ରତିରୋଧ, ନିଷେଧ, ପ୍ରତିକାର) ଆକ୍ଟ ୨୦୧୩ କିଭଳି ରହିଛି ସେ ସଂକ୍ରାନ୍ତରେ ବିଭିନ୍ନ ପ୍ରକାର ଉଦାହରଣ ଦେଇ ଆଲୋଚନା କରିଥିଲେ। ଆପାତ୍‌କାଳୀନ ବିପଦ ପଡ଼ିଲେ ମହିଳାମାନଙ୍କୁ କ'ଣ କରିବାକୁ ପଡ଼ିବ ସେ ସମ୍ପର୍କରେ ଚର୍ଚ୍ଚା ମଧ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିସରର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧ୍ୟକ୍ଷା ପ୍ରଫେସର ନିର୍ମଳା ପାଣିଗ୍ରାହୀ, ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ୍ କଛୱା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସମ୍ପର୍କରେ ବିସ୍ତୃତ ଆଲୋଚନା କରି କୌଣସି ଅସୁବିଧା ହେଲେ କେମିତି ଅଭିଯୋଗ କରିବାକୁ ପଡ଼ିବ ସେ ସଂକ୍ରାନ୍ତରେ ଚର୍ଚ୍ଚା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର ପ୍ରଦାନ କରିଥିବାବେଳେ ଧନ୍ୟବାଦ ଦେଇଥିଲେ ଲାଇବ୍ରେରୀ ପ୍ରଫେସନାଲ ନିତ୍ୟା ରାହି। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପିକା ସ୍ୱାଗତିକା ମହାନ୍ତି।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

# ସୁଚାରୁ ରୂପେ ଦାୟିତ୍ୱ ସମ୍ପାଦନ ପାଇଁ ପରାମର୍ଶ

ପୁରୀ,୨୫।୭ (ସମିସ)

ପୁରୀ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମିତ୍ତ ପ୍ରସ୍ତୁତି ବୈଠକ ଶୁକ୍ରବାର ସର୍କିଟ୍ ହାଉସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିବା ସହ ଏହି ଜାତୀୟ ଦିବସକୁ ଆନନ୍ଦ, ଉଲ୍ଲାସ ଓ ଶୃଙ୍ଖଳାର ସହ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ।

ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ, ବିଗତ ବର୍ଷ ପରି ଚଳିତ ବର୍ଷ ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସର ମୁଖ୍ୟ ଅତିଥି ସକାଳ ୯ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ ଓ ଉଦ୍‌ବୋଧନ ଦେବେ। ପରେ ପଡ଼ିଆରେ ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ, ବୃକ୍ଷରୋପଣ କରାଯିବ। ପରେ ମୁଖ୍ୟଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ, ରକ୍ତଦାନ ଶିବିରରେ ଯୋଗଦେବେ। ଅପରାହ୍ଣରେ ଶ୍ରୀଜଗନ୍ନାଥ କ୍ରିକେଟ ପଡ଼ିଆଠାରେ ଏକ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ଜିଲ୍ଲା କାର୍ଯ୍ୟାଳୟ ଓ ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଅଗଷ୍ଟ ୧୫ ତାରିଖ ସକାଳ ୮ଟା ସୁଦ୍ଧା ଜାତୀୟ ପତାକା ଉତ୍ତୋଳନ କରିବାକୁ ପରାମର୍ଶ ଦିଆଗଲା। ସ୍ୱାଧୀନତା ଦିବସ ଦିନ ଭୋର୍ ୪ଟା ୩୦ରେ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ୍ ପରିବେଷଣ କରାଯିବ। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ରଭାତଫେରି ଶେଷ କରି ଗାନ୍ଧୀ ସ୍ମୃତି ପୀଠଠାରେ ଏକତ୍ରିତ ହେବେ। ସେଠାରେ ସକାଳ ୭ଟା ୧୫ରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୌରପାଳିକା ପକ୍ଷରୁ ମାଲ୍ୟାର୍ପଣ କରାଯିବା ସହ ଆଲୋକମାଳାରେ ସଜ୍ଜିତ କରାଯିବ। ଅଗଷ୍ଟ ୧୪ ତାରିଖ ଅପରାହ୍ଣ ୩ଟାରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବାଭ୍ୟାସ ଅନୁଷ୍ଠିତ ହେବ। ପରେଡ୍ ପଡ଼ିଆ ସଜ୍ଜା, ବ୍ୟାରିକେଡ୍ ନିର୍ମାଣ, ଶାନ୍ତିଶୃଙ୍ଖଳା ରକ୍ଷା, ପରିଷ୍କାର ପରିଚ୍ଛନ୍ନତା, ପାନୀୟଜଳ ଯୋଗାଣ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦିଆଗଲା। ଜିଲ୍ଲା ଶିକ୍ଷା ଅଧିକାରୀ ମାଧ୍ୟମିକ ବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ଓ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ନୋଡାଲ କଲେଜ ଭାବେ ମହାବିଦ୍ୟାଳୟସ୍ତରରେ ଓଡ଼ିଆ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତାର ଆୟୋଜନ କରି କୃତୀ ପ୍ରତିଯୋଗୀଙ୍କ ନାମ ଜିଲ୍ଲା ପ୍ରଶାସନକୁ ଅଗଷ୍ଟ ୮ ତାରିଖ ସୁଦ୍ଧା ପ୍ରେରଣ କରିବେ। ସେହିପରି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଝୋଟି ପ୍ରତିଯୋଗିତା ଆୟୋଜନ କରି ସଫଳ ପ୍ରତିଯୋଗୀଙ୍କ ନାମ ପ୍ରଦାନ କରିବେ। ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

ବୈଠକରେ ଏଡିଏମ୍‌ଓ ଡା. ବିନୋଦ ରଥ, ଟ୍ରାଫିକ ଡିଏସ୍‌ପି ରାଜ କୁମାର ପରିଡ଼ା, ପୁଲିସ ରିଜର୍ଭ ଇନ୍ସପେକ୍ଟର ଚିତ୍ତରଞ୍ଜନ ମହାନ୍ତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଶିକ୍ଷାବିତ୍, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।

# ସମ୍ପାଦକୀୟ



ନିଜର ଦୁନିଆକୁ ଆବିଷ୍କାର କରିବା ଜୀବନର ପ୍ରଥମ ଲକ୍ଷ୍ୟ ଏବଂ ତାହାର ସାମଗ୍ରିକ କଲ୍ୟାଣ ପାଇଁ ପୂର୍ଣ୍ଣପ୍ରାଣରେ ନିଜକୁ ସମର୍ପଣ କରିବା ପ୍ରଥମ କର୍ତ୍ତବ୍ୟ।
-ଗୌତମ ବୁଦ୍ଧ

ସକାଳ
THE SAKALA

## ଚୀନାଙ୍କୁ ଭିସା

ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ପୂର୍ବରୁ ଚୀନ ସହ ଗତ ୫ ବର୍ଷ ଧରି ଥିବା ତିକ୍ତ ସଂପର୍କକୁ ସହଜ ଓ ସାବଲୀଳ କରିବା ପାଇଁ ଭାରତ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ ଜୁଲାଇ ୨୪ରୁ ଚୀନ ନାଗରିକଙ୍କୁ ପର୍ଯ୍ୟଟନ ଭିସା ଦେବା ସକାଶେ ରାଜି ହୋଇଛି ଭାରତ। ଏହା ଫଳରେ ଦୁଇ ଦେଶର ନାଗରିକଙ୍କ ମଧ୍ୟରେ ସଂପର୍କ ଓ ସହଯୋଗ ପ୍ରତିଷ୍ଠା ହୋଇପାରିବ। ଗଲୱାନ ଉତ୍ତେଜନା ଓ କୋଭିଡ ମହାମାରୀ ପ୍ରେକ୍ଷାପଟରେ ଏହି ସଂପର୍କ ଏକପ୍ରକାର ତୁଟି ଯାଇଥିଲା। ନିକଟରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ବେଜିଂ ଗସ୍ତରେ ଯାଇ ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କ ସହ କରିଥିବା ଆଲୋଚନା ଏ ଦିଗରେ ପଥ ପରିଷ୍କାର କରିଛି। ଦ୍ୱିପାକ୍ଷିକ ସଂପର୍କର ଭିତ୍ତିଭୂମି ଗତ ଅକ୍ଟୋବରରେ ଜିନପିଙ୍ଗ ଓ ମୋଦୀଙ୍କ ମସ୍କୋ ବୈଠକରେ ପଡ଼ିଥିଲେ ମଧ୍ୟ 'ଅପରେସନ ସିନ୍ଦୂର'ରେ ଚୀନର ଭୂମିକା କ୍ଷେତ୍ରପ୍ରସ୍ତୁତିରେ ବାଧକ ସାଜିଥିଲା। ତେବେ ପରିବର୍ତ୍ତିତ କୂଟନୈତିକ ଦୃଶ୍ୟପଟ୍ଟ ଦୁଇପକ୍ଷଙ୍କୁ ପୁନର୍ବିଚାର କରିବାର ସୁଯୋଗ ଆଣିଦେଇଛି। ଏଥିସହ କୈଳାସ ମାନସରୋବର ଯାତ୍ରା ସକାଶେ ମଧ୍ୟ ପଥ ପରିଷ୍କାର ହୋଇଛି।

ଏକଥା ସତ ଯେ ସୋଭିଏତ ରୁଷ ବିଭାଜନ ପରେ ଆମେରିକାର ପ୍ରତିପତ୍ତି ଓ ପଇଁତରା ବଢ଼ିଛି। ପୂର୍ବ ୟୁରୋପର କମ୍ୟୁନିଷ୍ଟ ଦୁର୍ଗର ପତନ ଘଟିଛି। ଅଧିକାଂଶ ବିଭାଜିତ ରାଷ୍ଟ୍ର ନାଟୋ ମେଣ୍ଟରେ ଅଂଶୀଦାର ହୋଇଛନ୍ତି, ଯାହାର ପରିଣତି ହେଉଛି ରୁଷ-ୟୁକ୍ରେନ ଯୁଦ୍ଧ। ରୁଷର ଦୁର୍ବଳ ଅର୍ଥନୀତି ପୁଟିନଙ୍କ ନେତୃତ୍ୱରେ ସବଳ ହୋଇଛି। ସର୍ବଶକ୍ତିମାନ ଆମେରିକା ପାଇଁ ଆହ୍ୱାନ ସୃଷ୍ଟି କରିପାରି ନଥିଲେ ମଧ୍ୟ ରୁଷ ନିଜର ସ୍ଥିତି ଜାହିର କରିବାକୁ ସମର୍ଥ ହୋଇଛି। ଆମେରିକାରେ ଟ୍ରମ୍ପଙ୍କ ପରିବର୍ତ୍ତିତ ନେତୃତ୍ୱ ନିଜର ବାଣିଜ୍ୟ ନୀତି ମାଧ୍ୟମରେ ସମଗ୍ର ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବା ବେଳେ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ବିକଳ୍ପ କ୍ଷମତା କେନ୍ଦ୍ରର ଆବଶ୍ୟକତା ରହିଛି। ଏସବୁ ସତ୍ତ୍ୱେ ଚୀନର ମୁକାବିଲାମୂଳକ ଆଭିମୁଖ୍ୟ ନିକଟରେ ଆମେରିକା ନିଜ ବଜାରର ଚାହିଦା ଦୃଷ୍ଟିରୁ କେତେକାଂଶରେ ସାଲିସ କରିବାକୁ ବାଧ୍ୟ ହୋଇଛି। ଆମେରିକା ପଛକୁ ଚୀନ ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ହୋଇଥିଲେ ହେଁ ନିଜର ବାଣିଜ୍ୟିକ ସ୍ୱାର୍ଥରକ୍ଷା ପାଇଁ ମାର୍କିନ ବଜାର ଉପରେ ନିର୍ଭରଶୀଳତାକୁ ଅଣଦେଖା କରିପାରିବ ନାହିଁ। ଉଭୟ ସାମରିକ ଓ ବୈଷୟିକ ଜ୍ଞାନକୌଶଳ ହାସଲ କରିବାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଚୀନ ଯେ ଅନ୍ୟତମ ଶକ୍ତି ଏକଥା ସ୍ୱୀକାର କରିବାକୁ ହେବ। ରୁଷ ଓ ଚୀନ ସଂପର୍କ ଆମେରିକା ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ପୁଟିନଙ୍କ ପକ୍ଷରୁ ରୁଷ-ଭାରତ-ଚୀନ (ଆରଆଇସି) ସଂପର୍କ ଓ ସହଯୋଗ ପ୍ରତିଷ୍ଠା ସକାଶେ ଆରମ୍ଭ ହୋଇଥିବା ଉଦ୍ୟମରେ ଚୀନର ବିସ୍ତାରବାଦୀ ଆଭିମୁଖ୍ୟ ବାଧକ ସାଜିଛି। ଅଗଷ୍ଟ ୩୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସଂଘାଇ ସହଯୋଗ ସଂଗଠନର ଶିଖର ସମ୍ମିଳନୀ ପୂର୍ବରୁ ଭାରତ ଓ ଚୀନ ମଧ୍ୟରେ ଆରମ୍ଭ ହୋଇଥିବା ଭିସା ରାଜନୀତି ସ୍ୱାଭାବିକ ସଂପର୍କ ପାଇଁ ପଥ ପରିଷ୍କାର କରିବ ବୋଲି ଆଶା କରାଯାଉଛି।

ଚୀନ ପଞ୍ଚମଥର ପାଇଁ ସଂଘାଇ ସହଯୋଗ ସଂଗଠନ ସମ୍ମିଳନୀ ଆୟୋଜନ କରୁଛି। ୯ଟି ରାଷ୍ଟ୍ରକୁ ନେଇ ଗଠିତ ଏହି ସଂଗଠନରେ ରୁଷ, ଚୀନ, ଭାରତ, ପାକିସ୍ତାନ ଓ ଇରାନ ସଦସ୍ୟ ଥିବାରୁ ଏହାର ସ୍ୱତନ୍ତ୍ର କୂଟନୈତିକ ଗୁରୁତ୍ୱ ରହିଛି। ଆମେରିକାର ରୁଷ ଓ ଇରାନ୍ ବିରୋଧୀ ଆଭିମୁଖ୍ୟକୁ ଆହ୍ୱାନ ଦେଲା ଭଳି ଯଦି କୌଣସି ନିଷ୍ପତ୍ତି ସମ୍ମିଳନୀରେ ଗ୍ରହଣ କରାଯାଏ ତେବେ ଟ୍ରମ୍ପ ବ୍ରିକ୍ସ ଘୋଷଣାନାମା ଭଳି ଏକ୍ଷେତ୍ରରେ ବିଷୋଦ୍‌ଗାର କରିବା ଏକ ପ୍ରକାର ନିଶ୍ଚିତ। ଆମେରିକା ସହ ୟୁରୋପୀୟ ରାଷ୍ଟ୍ରସଂଘ ରୁଷ ସହ ବାଣିଜ୍ୟିକ ସଂପର୍କ ରକ୍ଷା ନ କରିବା ସକାଶେ ଯେଉଁ ଚେତାବନୀ ଦେଇଛି ତାହା ବିରୋଧରେ ଭାରତ ଓ ବ୍ରାଜିଲ ସ୍ପଷ୍ଟ ମତ ରଖିଛନ୍ତି। ଯେତେଦୂର ମନେ ହୁଏ ସଂଘାଇ ସହଯୋଗ ସମ୍ମିଳନୀରେ ସେନେଇ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇପାରେ। ଦକ୍ଷିଣ ଏସିଆରେ ଭାରତ ନିଜର ଶକ୍ତି ଓ ସାମର୍ଥ୍ୟ 'ଅପରେସନ ସିନ୍ଦୂର' ମାଧ୍ୟମରେ ପ୍ରଦର୍ଶନ କରିସାରିଛି। ତେଣୁ ଏଭଳି ଏକ ମହାମେଣ୍ଟ ସଂରଚନା ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୋଇଛି ସେଥିରେ ଟ୍ରମ୍ପ ଭାରତ ବିରୋଧୀ ଆଭିମୁଖ୍ୟ ବଦଳାଇବାକୁ ବାଧ୍ୟ ହେବେ। ପାକିସ୍ତାନକୁ ଯୁଦ୍ଧ ବେଳେ ତୁର୍କୀ ଓ ଚୀନ ଉଭୟ ସହାୟତା ଦେଇଥିଲେ ମଧ୍ୟ ଭାରତ ନିଜର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ବେଜିଂ ସଂପୃକ୍ତି ନେଇ ନିରବ ରହିଛି।

ଗଲୱାନ ଉତ୍ତେଜନା ପରେ ପରେ ଏଲଏସିକୁ ନେଇ ବୁଝାମଣା ଓ ସୈନ୍ୟ ପ୍ରତ୍ୟାହାର ପରେ ଭାରତ ଓ ଚୀନ ମଧ୍ୟରେ ସ୍ୱାଭାବିକ ସଂପର୍କ ପ୍ରତିଷ୍ଠା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିଲେ ହେଁ ଦୁଇ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଓ ବାଂଲାଦେଶ ସହ ବେଜିଂର ଆଭିମୁଖ୍ୟ ସମ୍ଭାବନା ପ୍ରତିଷ୍ଠାରେ ପ୍ରତିବନ୍ଧକ ସୃଷ୍ଟି କରିଛି। ତିବ୍ବତ ସ୍ୱୟଂଶାସିତ ଅଞ୍ଚଳରେ ଚୀନ ଏଥିମଧ୍ୟରେ ବିଶ୍ୱର ସର୍ବବୃହତ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଭାରତ ଓ ଭୂଟାନ ସୀମା ନିକଟବର୍ତ୍ତୀ ଅଞ୍ଚଳରେ ବ୍ରହ୍ମପୁତ୍ର ନଦୀରେ ନିର୍ମାଣାଧୀନ ଏହି ନଦୀବନ୍ଧ ଯୋଜନା ମାଧ୍ୟମରେ ଚୀନ ନିଜ ଦେଶର ୩୦ ଟି ସହରକୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ଶକ୍ତି ଯୋଗାଇବାକୁ ସମର୍ଥ ହେବ। ବ୍ରହ୍ମପୁତ୍ରର ଉପରମୁଣ୍ଡରେ ନଦୀଜଳକୁ ନିୟନ୍ତ୍ରଣ କରାଗଲେ ତଳମୁଣ୍ଡରେ ଜଳ ସଂକଟ ସୃଷ୍ଟି ହେବା ଏକ ପ୍ରକାର ନିଶ୍ଚିତ। ଭାରତର ଉତ୍ତର ଓ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟବାସୀଙ୍କୁ ବ୍ରହ୍ମପୁତ୍ର ନଦୀଜଳ ଉପରେ ନିର୍ଭରଶୀଳତାକୁ ବିଚାର କଲେ ଚୀନ ଯେ ଆଗାମୀ ଦିନରେ ଏହାକୁ ଜଳବୋମା ରୂପେ ପ୍ରୟୋଗ ନ କରିବ ଏକଥା କିଏ କହିବ। ଭାରତର ଆପତ୍ତି ଓ ଚୀନର ପ୍ରତିଶ୍ରୁତି ଶେଷକଥା ନୁହେଁ। ୧୬୦ ବିଲିୟନ ଡଲାର ବ୍ୟୟରେ ନିର୍ମାଣାଧୀନ ଏହି ଜଳ ପ୍ରକଳ୍ପର ଭବିଷ୍ୟତ ନେଇ ଚିନ୍ତା କଲେ ଆମେ ଯେଉଁ ସଂପର୍କର ସେତୁ ବାନ୍ଧୁଛେ ତାହାର ସୀମିତତା ବାରି ହୋଇପଡୁଛି।

ଚୀନ ଭାଇ ଭାଇ ସଂପର୍କ ୧୯୬୨ ଆକ୍ରମଣରେ ଭୁଶୁଡ଼ି ପଡ଼ିଥିଲା। ଦୁଇ ପଡ଼ୋଶୀ ରାଷ୍ଟ୍ରମଧ୍ୟରେ ଦୀର୍ଘ ବର୍ଷ ଧରି ସ୍ୱାଭାବିକ ସଂପର୍କ ପ୍ରତିଷ୍ଠା ହୋଇପାରିନଥିଲା। ନବେ ଦଶକରେ ଏହି ତିକ୍ତତା ଦୂର ହେବା ସହ ବାଣିଜ୍ୟିକ ସଂପର୍କ ମଧ୍ୟ ସୁଦୃଢ଼ ହୋଇଥିଲା। ଏସବୁ ସତ୍ତ୍ୱେ ଭାରତର ପ୍ରଗତି ଓ ସମୃଦ୍ଧି ଚୀନ ପାଇଁ ଅସହଣୀୟ। ଶକ୍ତି ଓ ସାମର୍ଥ୍ୟ ଦୃଷ୍ଟିରୁ ଆମେ ଚୀନର ପ୍ରତିଦ୍ୱନ୍ଦ୍ୱୀ ହୋଇନଥିଲେ ମଧ୍ୟ ବିଶ୍ୱର ଚତୁର୍ଥ ଅର୍ଥନୀତି ଭାବେ ଦକ୍ଷିଣ ଏସିଆରେ ଭାରତର ଯେ ପତିଆରା ଓ ପଇଁତରା ରହିଛି ତାହାକୁ ଅସ୍ୱୀକାର କରିହେବନି। ତେଣୁ ଯୋଜନାବଦ୍ଧ ଭାବେ ଆମର ପଡ଼ୋଶୀ ରାଷ୍ଟ୍ରଙ୍କୁ କୁଟିଳ କୂଟନୀତି ପ୍ରୟୋଗ କରି କରାୟତ୍ତ କରିରଖିଛି ଚୀନ। ଭାରତକୁ ସଂପର୍କ ଯୋଡ଼ିଲା ବେଳେ ହାତେ ମାପି ଚାଖଣ୍ଡେ ଚାଲିଲା ଭଳି ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ। ●

## ତୋତେ ହିଁ ତୁହି ରକ୍ଷା କର

**ପ୍ରହଲାଦ କୁମାର ସିଂହ**

ଯେଉଁଠି ନାରୀମାନଙ୍କ ପୂଜା କରାଯାଏ ସେଠାରେ ଦେବତାମାନେ ଅବସ୍ଥାନ କରନ୍ତି ବୋଲି ଆମ ଶାସ୍ତ୍ରପୁରାଣରେ ଉଲ୍ଲେଖ ରହିଛି। ଏବେ ଆମ ରାଜ୍ୟ ଓ ଦେଶରେ ନାରୀମାନଙ୍କ ପ୍ରତି ଯେଭଳି ଅପରାଧ ବଢ଼ି ଚାଲିଛି ଏବଂ ଘରେ ଓ ବାହାରେ କୁନିକୁନି ଝିଅଙ୍କଠାରୁ ଆରମ୍ଭ କରି ବୟସ୍କାମାନେ ଅସୁରକ୍ଷିତ ହୋଇ ପଡୁଛନ୍ତି ଦେବଲୀଳା ଭୂମି ଆମ ରାଜ୍ୟ ଓ ଦେଶ ଏକପ୍ରକାର ଈଶ୍ୱରଙ୍କ ପରିତ୍ୟକ୍ତ ଅଞ୍ଚଳରେ ପରିଣତ ହୋଇଛି ବୋଲି କୁହାଯାଇପାରେ। ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ ଓ ମନ୍ଦୋଦରୀଙ୍କ ଭଳି ପଞ୍ଚକନ୍ୟାଙ୍କ ନାମ ପ୍ରତିଦିନ ସ୍ମରଣ କଲେ ମହାପାତକ ନାଶ ହୁଏ ବୋଲି ଶାସ୍ତ୍ର କହୁଛି। ତେବେ ଆମ ରାଜ୍ୟ ଓ ଦେଶରେ ଲକ୍ଷଲକ୍ଷ କନ୍ୟା ନିର୍ଯାତନାର ଶିକାର ହେବା ସହ ନ୍ୟାୟ ନପାଇ ପ୍ରାଣ ବିସର୍ଜନ କରୁଥିବା ବେଳେ ଆମ ଉପରେ କେତେ ଯେ ପାପ ଲଦି ହୋଇଯାଉଥିବ ତାହା ମାପିବ କିଏ?

ମା'ଦୁର୍ଗା, କାଳୀ, ପାର୍ବତୀ ଆଦି ମହାଶକ୍ତିମାନେ ବହୁ ପରାକ୍ରମଶାଳୀ ରାକ୍ଷସମାନଙ୍କ ନିପାତ କରି ସୃଷ୍ଟିର ସୁରକ୍ଷା କରିଥିବା ପୁରାଣର କଥାବସ୍ତୁ। ଘରେଘରେ ପାଳନ କରାଯାଉଥିବା ମାଣବସା ବେଳେ ବୋଲାଯାଉଥିବା ମହାଲକ୍ଷ୍ମୀଙ୍କ ପୁରାଣ ଏକଥା କୁହେ ଯେ ମଣିଷ ହେଉ କି ଦେବତା, ଯିଏ ବି ନାରୀର ଅସମ୍ମାନ କରେ ସେମାନେ କଠୋର ଦଣ୍ଡରେ ଦଣ୍ଡିତ ହୁଅନ୍ତି। ନାରୀମାନଙ୍କ ନିରାପତ୍ତା ଲାଗି ଆମ ଆଇନ୍‌ରେ ବହୁ ବ୍ୟବସ୍ଥା ରହିଛି। ଭାରତୀୟ ପିଙ୍ଗଳ କୋଡ୍, ଭାରତୀୟ ନ୍ୟାୟ ସଂହିତା, ପୋସ୍, ପକ୍‌ସୋ ଆଦି ମାଳମାଳ ଆଇନ୍‌ରେ ନିର୍ଯାତିତା ନାରୀଙ୍କୁ ନ୍ୟାୟ ଦେବା ସହ ଏହାର ନିରାକରଣ ପାଇଁ ବି ଅନେକ କଥା କୁହାଯାଇଛି। କିନ୍ତୁ ବାସ୍ତବ ଚିତ୍ର ହେଉଛି ସତେଯେମିତି ଆମ କଠୋର ଆଇନ୍ କାନୁନ୍‌କୁ ଅପରାଧୀମାନେ ଖାତିର କରୁନାହାନ୍ତି। ଫଳରେ ବର୍ଷକୁ ବର୍ଷ ମହିଳାଙ୍କ ପ୍ରତି ଅପରାଧିକ ମାମଲା ସଂଖ୍ୟା ବଢ଼ିବଢ଼ି ଚାଲିଥିବା ବେଳେ ଏ କ୍ଷେତ୍ରରେ ମାମଲା ଫଇସଲା ଓ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଛି।

ନିକଟରେ ଯୁକ୍ତରାଷ୍ଟ୍ର ଆମେରିକା ତାହାର ଅଧିବାସୀମାନଙ୍କ ପାଇଁ ଭାରତ ସଂକ୍ରାନ୍ତରେ ଯେଉଁ ମାର୍ଗନିର୍ଦ୍ଦେଶିକା ଜାରି କରିଛି ତାହା ଯେକୌଣସି ଦାୟିତ୍ୱସଂପନ୍ନ ଭାରତୀୟଙ୍କୁ ଲଜ୍ଜିତ କରିବ। ଓଡ଼ିଶା ସମେତ ଭାରତର ବିଭିନ୍ନ ଅଞ୍ଚଳରେ ମହିଳାମାନଙ୍କ ପ୍ରତି ବଳାତ୍କାର ସମେତ ବିଭିନ୍ନ ହିଂସା ଘଟୁଥିବା ଏବଂ ଅନ୍ୟାନ୍ୟ ଅପରାଧ ବଢୁଥିବାର ଉଦାହରଣ ଦେଇ ଏସବୁ ଅଞ୍ଚଳକୁ ଆମେରିକୀୟମାନେ ଆସିବା ବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଏହା ଆମ ସଂସ୍କୃତି, ସ୍ୱାଭିମାନ, ଅସ୍ମିତା ଓ ବ୍ୟବସ୍ଥା ଆଦି ପାଇଁ ଆହ୍ୱାନ ନିଶ୍ଚୟ।

ଏବେ ବାଲେଶ୍ୱରର ଫକୀର ମୋହନ କଲେଜ୍ ଛାତ୍ରୀ ଆତ୍ମାହୁତିଠାରୁ ବଳଙ୍ଗାର ନାବାଳିକାଙ୍କୁ ଦିନବେଳା ରାସ୍ତାଘାଟରେ ପୋଡ଼ି ମାରିବାକୁ ଉଦ୍ୟମ କରାଯିବା ଘଟଣା ଘେନି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ କମ୍ପନ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ, ବଳାତ୍କାର ଅଭିଯୋଗରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଏବଂ ଅନୁଗୁଳ ଜିଲ୍ଲା ବିଜେପି ସଂପାଦକଙ୍କୁ ଦଳ ନିଲମ୍ବନ କରିଛି। ବ୍ରହ୍ମପୁର ସହରରେ ଦିବଙ୍ଗତ ପ୍ରଧାନମନ୍ତ୍ରୀଙ୍କ ନାମରେ ଏକ କ୍ଲିନିକ ଖୋଲିଥିବା ଜଣେ ନକଲି ଡାକ୍ତର ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଛନ୍ତି। ବାଲେଶ୍ୱର ଘଟଣାରେ କଲେଜ୍‌ର ଅଧ୍ୟକ୍ଷ ଓ ଜଣେ ଅଧ୍ୟାପକ ନିଲମ୍ବିତ ହେବା ସହ ଏବେ ଜେଲ୍‌ରେ ଅଛନ୍ତି। ଏପରି ଅଘଟଣର ତାଲିକା ବେଶ୍ ଲମ୍ବା। ପ୍ରାୟ ପ୍ରତିଦିନ ଗଣମାଧ୍ୟମରେ ଏଭଳି ଦୁଃସମ୍ବାଦମାନ ପ୍ରକାଶ ପାଉଛି।

ସ୍ୱାଧୀନତା ସଂଗ୍ରାମ ବେଳେ କୁହାଯାଉଥିଲା ଯେ ସ୍ୱାଧୀନ ଭାରତର ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ଏତେ ମାର୍ଜିତ ହେବ ଏବଂ ଆମ ଦେଶର ଲୋକେ ଏତେ ସୁଶୃଙ୍ଖଳ ହେବେ ଯେ ରାତି ଅଧରେ ବି ଜଣେ ଯୁବତୀ କୌଣସି ସ୍ଥାନକୁ ଯାଇ ନିରାପଦରେ ଫେରିଆସିପାରିବ। କେନ୍ଦ୍ର ସରକାରଙ୍କ ରିପୋର୍ଟ ମୁତାବକ ପ୍ରତି ତିନି ଜଣରେ ଦୁଇଜଣ ମହିଳା ଘରୋଇ ହିଂସାର ଶିକାର ହେଉଛନ୍ତି। ଏମିତିକି ନିକଟରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଝିଅ ନିରାପତ୍ତା ରକ୍ଷୀମାନଙ୍କ ଉପସ୍ଥିତିରେ ଅସାମାଜିକ ବ୍ୟକ୍ତିଙ୍କ ଅସୌଜନ୍ୟ ଆଚରଣର ଶିକାର ହେବା ଘଟଣାରେ ନିଜେ କେନ୍ଦ୍ରମନ୍ତ୍ରୀ ରକ୍ଷା ଖଡ଼୍‌ସେ ମହାରାଷ୍ଟ୍ର ପୁଲିସ ନିକଟରେ ଅଭିଯୋଗ ରଖି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରା ଅଭିଯାନରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ହିମାନୀ ନରୱାଲ୍ ନାମ୍ନୀ ଜଣେ ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତ ଶରୀର ବାକ୍ସ ଭିତରୁ ହରିଆନାର ଏକ ବସ୍‌ଷ୍ଟାଣ୍ଡ ନିକଟରୁ ମିଳିଛି। କିଛିବର୍ଷ ତଳେ ନୈନା ସାହାଣୀ ନାମ୍ନୀ ଜଣେ ଯୁବନେତ୍ରୀଙ୍କୁ ଖଣ୍ଡଖଣ୍ଡ କରି କାଟି ଦିଲ୍ଲୀର ଏକ ତନ୍ଦୁରୀ ଚୁଲିରେ ପୋଡ଼ି ଦିଆଯାଇଥିଲା। ସେହିଭଳି ଦିଲ୍ଲୀର ନିର୍ଭୟାରୁ କଲିକତାର ଅଭୟା ହତ୍ୟା ଘଟଣା ଏବେ ବି ଜନମାନସରେ ରହିଛି। ଗତ ଯୁକ୍ତଦୁଇ ପରୀକ୍ଷା ସମୟରେ ପଟ୍ଟାମୁଣ୍ଡାଇର ଜଣେ ବାଣିଜ୍ୟ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯିବାରୁ ସେ ଆତ୍ମହତ୍ୟା କରିବା ଭଳି ଅଭାବନୀୟ ଘଟଣା ଏବଂ ନିଜ ଝିଅକୁ ବଳାତ୍କାର କରି ଜେଲ୍ ଦଣ୍ଡ ଭୋଗୁଥିବା ବାଣପୁର ଅଞ୍ଚଳର ଅପରାଧୀ ପିତାଙ୍କ କଳା କାହାଣୀ ଆମ ସମସ୍ତଙ୍କ ମୁହଁରେ କାଳିମା ବୋଳି ଦେଇଛି।

୧୯୯୦ ଦଶକରେ ମୟୂରଭଞ୍ଜ ଜିଲ୍ଲାର ଜଣେ ଆଦିବାସୀ ଯୁବକ ମଦ ନିଶାରେ ନିଜର ନାବାଳିକା ଝିଆରୀକୁ ବଳାତ୍କାର ପରେ ହତ୍ୟା ଅଭିଯୋଗରେ ବ୍ରହ୍ମପୁର ଜେଲ୍‌ରେ ଫାଶୀ ଖୁଣ୍ଟରେ ଝୁଲିଥିଲା। ତା'ପରଠାରୁ ଆଉ କାହାକୁ ଫାଶୀ ଦିଆଯାଇନାହିଁ। ଏହାପରେ ସମ୍ବଲପୁର, ଝାରସୁଗୁଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ତିନୋଟି ବଳାତ୍କାର ଘଟଣାରେ ଅଭିଯୁକ୍ତଙ୍କୁ ଦୌରା ଅଦାଲତ ଫାଶୀ ଦଣ୍ଡାଦେଶ ଦେଇଥିଲେ ମଧ୍ୟ ସେମାନେ ଉପର ଅଦାଲତରେ ଖସିଯାଇଛନ୍ତି। ଆମ ରାଜ୍ୟରେ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ଏବଂ ମହିଳା କର୍ମଚାରୀ କିମ୍ବା ଛାତ୍ରୀମାନଙ୍କୁ ନିର୍ଯାତନା ଦିଆଯିବା ସଂକ୍ରାନ୍ତୀୟ ଯେତେ ଅଭିଯୋଗ ଦରଜ ହେଉଛି ତାହାର ଢେର ଅଧିକ ଗୁଣ ମାମଲା କିନ୍ତୁ ଲୋକଲଜ୍ଜା ଏବଂ ଅନ୍ୟାନ୍ୟ କାରଣରୁ ଚାପି ହୋଇ ରହିଯାଉଛି।

ଏ ସମସ୍ୟାର ସମାଧାନ ପାଇଁ ୧୯୯୭ରେ ସୁପ୍ରିମକୋର୍ଟ 'ବିଶାଖା ମାମଲା'ରେ ଦେଇଥିବା ମାର୍ଗ ନିର୍ଦ୍ଦେଶିକା ଆଧାରରେ ଆଭ୍ୟନ୍ତରୀଣ ତଦନ୍ତ କମିଟି ପ୍ରତି ସଂସ୍ଥାରେ ରହିବା ଦରକାର। ପୋସ୍ ଆଇନ୍‌ରେ ବି ବ୍ୟବସ୍ଥା ରହିଛି। ରାଜ୍ୟ ସରକାରୀ କର୍ମଚାରୀ ଆଚରଣ ବିଧିରେ ମଧ୍ୟ ଏହାକୁ ବିଶୃଙ୍ଖଳା ଭାବେ ଗଣନା କରାଯାଏ। କିନ୍ତୁ ଏତେସବୁ ଆଇନଗତ ବ୍ୟବସ୍ଥା ସତ୍ତ୍ୱେ ସଂଖ୍ୟାଧିକ କ୍ଷେତ୍ରରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନହେବା ଏବଂ ଆଇନଗତ ପଛାକୁ ମୋଡ଼ିମକଚି ଦିଆଯିବା ଫଳରେ ମହିଳା ଓ ଶିଶୁଙ୍କ ପ୍ରତି ଅପରାଧ ସମେତ ଅନ୍ୟ ବହୁ ସାଙ୍ଘାତିକ ଘଟଣା ଘଟୁଛି। ନିଶା ସମସ୍ତ ଦୁଷ୍କୃତିର ଜନନୀ ବୋଲି କୁହାଯାଉଥିବା ବେଳେ ଏହାର ନିବାରଣ ପରିବର୍ତ୍ତେ ପ୍ରସାରଣ କରାଯାଉଛି।

ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରାଳୟର ନ୍ୟାସନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋର ସର୍ବଶେଷ ପ୍ରକାଶିତ ତଥ୍ୟ ମୁତାବକ ଓଡ଼ିଶାରେ ୨୦୨୨ ଶେଷ ସୁଦ୍ଧା ୧, ୬୯, ୫୭୨ଟି ମହିଳାଙ୍କ ପ୍ରତି ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବା ବେଳେ ସେଥିରୁ ଉକ୍ତ ବର୍ଷରେ ମାତ୍ର ୭୩୯୩ଟି ଫଇସଲା ହୋଇଥିଲା ଏବଂ ତନ୍ମଧ୍ୟରୁ ମାତ୍ର ୬୭୧ଟିରେ ଅପରାଧୀଙ୍କୁ ଦଣ୍ଡିତ କରାଯାଇଥିଲା। ଅବଶ୍ୟ ଏହା ବିରୋଧରେ ସେମାନଙ୍କ ଭିତରୁ ଅନେକ ଉପର ଅଦାଲତରେ ଅପିଲ୍ କରିଥିବେ। ସେହିବର୍ଷରେ ମହିଳାଙ୍କ ପ୍ରତି ଅପରାଧିକ ମାମଲାର ଫଇସଲା ହାର ମାତ୍ର ୪.୨ ପ୍ରତିଶତ ଥିବା ବେଳେ ଦଣ୍ଡବିଧାନ ହାର ଥିଲା ୯.୨ ପ୍ରତିଶତ। ଏବେ ଆମ ରାଜ୍ୟରେ ମହିଳାଙ୍କ ପ୍ରତି ଅପରାଧିକ ବିଚାରାଧୀନ ମାମଲା ସଂଖ୍ୟା ୨ଲକ୍ଷରୁ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। କ୍ରାଇମ୍ ରେଟ୍ ରିପୋର୍ଟ ଅଫ୍ ଇଣ୍ଡିଆ-୨୦୨୪ର ଅନ୍ୟ ଏକ ତଥ୍ୟ ମୁତାବକ ଦେଶରେ ବଳାତ୍କାର ଓ ଅପହରଣ ମାମଲା ବଢ଼ି ଚାଲିଛି।

ନୀତି ବିହୀନ ରାଜନୀତିର ପଶାପାଲିରେ ଗୋଟି ହୋଇଛି ଚରିତ୍ର ବିହୀନ ଶିକ୍ଷା, ବିବେକ ବିହୀନ ବିଳାସ, ଶ୍ରମ ବିହୀନ ସଂପଦ ଓ ତ୍ୟାଗ ବିହୀନ ଉପାସନା। ଆମ ସାମାଜିକ, ଆଧ୍ୟାତ୍ମିକ ଓ ରାଜନୈତିକ ବ୍ୟବସ୍ଥାରୁ ନୈତିକତା ଶବ୍ଦ ହଜି ଯାଉଥିବା ବେଳେ ନାଗରିକ ସମାଜ ଜଡ଼ବତ୍ ପଡ଼ିଛି। ବ୍ୟକ୍ତି, ସମାଜ ଓ ଜାତୀୟ ଜୀବନ କଳୁଷିତ ହେବାରେ ଲାଗିଥିବା ବେଳେ ଏହାକୁ ସ୍ୱଚ୍ଛ କରିବା ପରିବର୍ତ୍ତେ ମଦ୍ୟ ବନ୍ୟାରେ ଆମେ ଆମ ବ୍ୟବସ୍ଥାକୁ ଉବୁଟୁବୁ କରାଉଛୁ।

ଯେଉଁ ଭାରତ ମାଟି ଦିନେ ସାରା ବିଶ୍ୱକୁ ଭାଇଚାରାର ବନ୍ଧନରେ ବାନ୍ଧିବା ପାଇଁ 'ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ' ଘୋଷଣା କରୁଥିଲା ସେଠି ଆଜି ସତ୍ୟ, ଅହିଂସା, କରୁଣା, ସେବା ପରିବର୍ତ୍ତେ ହିଂସା ଓ ଭ୍ରଷ୍ଟାଚାରର ତାଣ୍ଡବ ଚାଲିଛି। ମହାସତୀ ସୀତା ଓ ଦ୍ରୌପଦୀ ଆଦି ସେମାନଙ୍କ ନିଜସ୍ୱ ସାଧନା ବଳରେ ନିଜ ନିଜର ଇଜ୍ଜତ ସୁରକ୍ଷିତ ରଖିପାରିଥିଲେ। ଏବେ ଆମ ମା', ଝିଅ, ଭଉଣୀ ଆଦିଙ୍କ ଇଜ୍ଜତ କୁରୁସଭାର ପଶାପାଲିରେ ବାଜି ଲାଗିଥିବା ବେଳେ ପୁରୁଷ ପ୍ରଧାନ ବ୍ୟବସ୍ଥା ଅସହାୟ ପାଣ୍ଡବଙ୍କ ଭଳି ଅନାଇ ବସିଛି। ଏ ପରିପ୍ରେକ୍ଷୀରେ ମାତୃଶକ୍ତି ଜାଗ୍ରତ ହୋଇ ନିଜେ ନିଜର ସୁରକ୍ଷା ଲାଗି ଆଗେଇ ନଆସିଲେ ଆଗକୁ ପରିସ୍ଥିତି ଅଧିକ ବିଗିଡ଼ିଯିବ। ଅପରାଧୀର ଅପରାଧକୁ ଯେଉଁମାନେ ନିୟନ୍ତ୍ରଣ କି ବିରୋଧ କରିପାରୁ ନାହାନ୍ତି ସେମାନେ ମଧ୍ୟ ମହାପାତକର ଅଂଶୀଦାର ହେଉଛନ୍ତି। ବ୍ୟବସ୍ଥାର ଉଦ୍‌ବେଗ ପୀଡ଼ିତାଙ୍କ ପୀଡ଼ା ଉପଶମ କରିପାରୁନାହିଁ କିମ୍ବା ଭବିଷ୍ୟତରେ ଏଭଳି ଅଘଟଣ ନଘଟିବ ବୋଲି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇପାରୁନଥିବା ବେଳେ ବିଗିଡ଼ା ପରିସ୍ଥିତିକୁ ସଜାଡ଼ିବା ପାଇଁ ନୀତି ନୈତିକତାର ଆଧାରରେ ଆମକୁ ବ୍ୟବସ୍ଥାର ପରିବର୍ତ୍ତନ ଲାଗି ଲମ୍ବା ଲଢ଼େଇ ଲଢ଼ିବାକୁ ପଡ଼ିବ। ଏହା ହିଁ ସମୟର ଆହ୍ୱାନ। ●

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ବିବାହର ପ୍ରତିଶ୍ରୁତି ବିବାହ ନୁହେଁ

**ବୈଷ୍ଣବ ମେହେର**

ପ୍ରେମ କରି ବିବାହର ପ୍ରତିଶ୍ରୁତି ଦେବା ଏବଂ ଅନ୍ତରଙ୍ଗ ସମ୍ପର୍କ ପରେ ପ୍ରତାରଣା କରିବା ଖବରକୁ ନେଇ ଏବେ ଲୋକେ ଆଉ ବିଶେଷ ବିଚଳିତ ହେଉନାହାନ୍ତି। କିନ୍ତୁ ବିବାହର ପ୍ରତିଶ୍ରୁତି ଦେଇଥିବା ଅନ୍ତଃସତ୍ତ୍ୱା ପ୍ରେମିକାକୁ ନିର୍ଯାତନା ଦେବା କିମ୍ବା ହତ୍ୟା କରିବା ନିଶ୍ଚିତ ଭାବରେ ବିଚଳିତ କଲା ଭଳି ଘଟଣା। ଏସବୁ ସାଂଘାତିକ ଘଟଣା ସମାଜରେ ବାରମ୍ବାର ଘଟୁଥିଲେ ହେଁ ସେସବୁରୁ ଶିକ୍ଷା ଲାଭ କରିବାରେ କିନ୍ତୁ ଅନେକ ବିଫଳ ହେଉଛନ୍ତି। ଫଳରେ ଏଭଳି ଅମାନବୀୟ ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଉଛି।

ନିଜର ଅପରିଣାମଦର୍ଶିତା କାରଣରୁ ଯେଉଁମାନେ ଏଭଳି ପ୍ରତାରଣାର ଶିକାର ହେଉଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଦୁଇବର୍ଷ ତଳେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ମାମଲାର ବିଚାର କରି ଦେଇଥିବା ରାୟ ବିଷୟରେ ଏଠାରେ ଉଲ୍ଲେଖ କରିବା ଉଚିତ ହେବ। ମାନ୍ୟବର ନ୍ୟାୟାଳୟର ରାୟ ଅନୁଯାୟୀ ଭଲ ସମ୍ପର୍କରୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ମନୋମାଳିନ୍ୟ ଘଟି ବିବାହ କରିବାକୁ ରାଜି ନ ହେବାକୁ ଦୁଷ୍କର୍ମ ବୋଲି କୁହାଯାଇ ପାରିବ ନାହିଁ। ସେତେବେଳେ ଭୁବନେଶ୍ୱରର ନର୍ଦ୍ଦିଷ୍ଟ ଘଟଣାରେ ଜଣେ ମହିଳା ତାଙ୍କ ପୁରୁଷବନ୍ଧୁଙ୍କ ନାଁରେ କରିଥିବା ମାମଲାର ଶୁଣାଣି କରି ବିଚାରପତିଙ୍କ ଖଣ୍ଡପୀଠ ଅଭିଯୁକ୍ତଙ୍କ ବିରୋଧରେ ଥିବା ଆଇପିସିର ଧାରା ୩୭୬କୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଏଭଳି ଘଟଣାରେ ବିଶେଷ ଭାବରେ ଝିଅ କିମ୍ବା ମହିଳାମାନେ ଶିକାର ହେଉଥିବାରୁ ସେଦିନର ଉକ୍ତ ବିଚାର ବିଶେଷ କରି ଝିଅ ଓ ମହିଳାଙ୍କ ପାଇଁ ଏକ ସତର୍କବାଣୀ ଥିଲା।

ସମସ୍ତେ ହେଜିବା ଦରକାର ଯେ ବିବାହ ଓ ବିବାହର ପ୍ରତିଶ୍ରୁତି ଦୁଇଟି ଆଦୌ ଏକା କଥା ନୁହେଁ। ବରଂ ଏହି ଦୁଇଟି ମଧ୍ୟରେ ଯୋଜନେ ଦୂରତା ରହିଛି। ତେଣୁ ସାମୟିକ ଉତ୍ସାହ ବା ଭାବପ୍ରବଣତାରେ ଭାସି ନଯାଇ ସତର୍କତାର ସହ ବୁଝି ବିଚାରି ପଦକ୍ଷେପ ନେଲେ ହିଁ ନିଜ ଭବିଷ୍ୟତ ସୁରକ୍ଷିତ ହୋଇପାରିବ। ବର୍ତ୍ତମାନର ଝିଅ ମାନେ ତ କେବଳ ଉଚ୍ଚଶିକ୍ଷିତ ନୁହନ୍ତି, ବରଂ ସେମାନଙ୍କ ମଧ୍ୟରେ ଥିବା ଭଲମନ୍ଦ ବିଚାର କରିବାର ଅପାର ଶକ୍ତି ଯୋଗୁଁ ବିବେକାନୁମୋଦିତ ନିଷ୍ପତ୍ତି ନେବାରେ ମଧ୍ୟ ସେମାନେ ଧୁରନ୍ଧର। କହିବାକୁ ଗଲେ ଝିଅଟିଏ ଲାଞ୍ଛନାର ପ୍ରତିଟି ଫନ୍ଦକୁ ପ୍ରତିହତ କରି ନିଜ ପାଇଁ ତିଆରି କରିସାରିଛି ନୂଆ ପରିଚୟ। ତଥାପି ବେଳେ ବେଳେ ସେମାନେ ଅନ୍ୟର ଶଠତାକୁ ଅନେକାଂଶରେ ବୁଝି ନପାରି କିପରି ତା'ର ମାୟାଜାଲରେ ପଡ଼ିଯାଉଛନ୍ତି, ଏନେଇ ସେମାନଙ୍କୁ ଗଭୀର ଚିନ୍ତନ କରିବାର ଆବଶ୍ୟକତା ଅଛି। ପ୍ରେମର ପ୍ରକୃତ ପରିଭାଷାକୁ ବୁଝି ପ୍ରେମ ନିବେଦନ କରୁଥିବା ବ୍ୟକ୍ତିର ଉଦ୍ଦେଶ୍ୟକୁ ଉପଯୁକ୍ତ ଭାବରେ ଠଉରେଇବାକୁ ପଡ଼ିବ। ଦ୍ୱିତୀୟତଃ, ପ୍ରେମ ଯଦି ହୋଇଗଲା ତେବେ ପ୍ରେମକୁ ପ୍ରେମର ପରିସୀମା ଭିତରେ ହିଁ ସୀମିତ ରଖିବାର ପ୍ରୟାସ କରାଯିବା ଅପରିହାର୍ଯ୍ୟ। ପ୍ରେମ ଯେମିତି ଶାରୀରିକ ବାସନା ମଧ୍ୟକୁ ଚାଲି ନଯାଉ। ଯାହା ବିବାହ ପରେ ହେବା କଥା ତାକୁ ଆଦୌ ବିବାହ ପୂର୍ବରୁ କେହି ସ୍ୱୀକାର ନ କରନ୍ତୁ।

ଏକଥାକୁ ଭୁଲି ଯିବା ନାହିଁ ଯେ ଆମର ଅନେକ ଆପଣାର ମଣିଷ, ଯେଉଁମାନେ ଜୀବନକାଳ ମଧ୍ୟରେ ଆମକୁ ଅନେକ ପ୍ରତିଶ୍ରୁତିରେ ପୋତି ପକାଇଥା'ନ୍ତି। ସେସବୁ ପ୍ରତିଶ୍ରୁତି ମଧ୍ୟରୁ କିଛି ପୂରଣ ହୁଏ ତ ଅନେକ ପୂରଣ କରି ପାରନ୍ତି ନାହିଁ। ଏପରିକି ପିତାମାତାମାନେ ମଧ୍ୟ ନିଜ ସନ୍ତାନକୁ ଦେଇଥିବା ଅନେକ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥା'ନ୍ତି। ଏହି ପରିପ୍ରେକ୍ଷୀରେ ଜଣେ ପରପୁରୁଷ ଯିଏ ଆକସ୍ମିକ ଭାବରେ ଆସି ତା'ର ପ୍ରତିଶ୍ରୁତି ପୂରଣ କରିବ ବୋଲି ଆମେ କିପରି ବିଶ୍ୱାସ କରିବା? ଏକଥା ଜାଣିରଖିବା ଦରକାର ଯେ, ସେ କେବଳ ଜଣେ ପ୍ରେମିକ ନୁହେଁ, ବରଂ ସେ ବି କାହାର ପୁଅ, କାହା ଭାଇ, କାହା ମାମୁଁ ତ କାହାର ବନ୍ଧୁ ଭଳି ଅନେକ ପାରିବାରିକ ଓ ସାମାଜିକ ସମ୍ବନ୍ଧରେ ବନ୍ଧା। ସେ ଦୃଷ୍ଟିରୁ ତା' ପ୍ରତି ଅନେକଙ୍କ ଅପାର ଆଶା ଓ ବିଶ୍ୱାସ ରହିଥିବା ବେଳେ ଅନୁରୂପ ଭାବେ ସେମାନଙ୍କ ପ୍ରତି ମଧ୍ୟ ତା'ର ଗୁରୁଦାୟିତ୍ୱ ରହିଛି। ସେହି ସମ୍ବନ୍ଧମାନଙ୍କ ମଧ୍ୟରୁ ଅନେକଙ୍କୁ ଏଭଳି ଅନେକ ପ୍ରତିଶ୍ରୁତି ଦେଇ କିଛି ପୂରଣ କରିବାରେ ସମର୍ଥ ହେଉଥିବା ବେଳେ ଅନେକ ପୂରଣ କରିପାରେ ନାହିଁ। ସେଭଳି ଏକ ପ୍ରତିଶ୍ରୁତି ପ୍ରେମିକାକୁ ଦେଇ ପୂରଣ କରି ନ ପାରିବା ବି ତା' ପାଇଁ ଏକ ସାଧାରଣ କଥା ହୋଇଯାଏ। କିନ୍ତୁ ସେହି ସାଧାରଣ ପ୍ରତିଶ୍ରୁତି ଜଣେ ଝିଅର ଜୀବନକୁ ନଷ୍ଟ କରିଦେଇ ପାରେ, ସେକଥା ବର୍ତ୍ତମାନର ଯୁବସମାଜ ଭୁଲିଯିବା ଉଚିତ ହେବ ନାହିଁ। ତେଣୁ ସାମୟିକ ଭାବପ୍ରବଣତାରେ ପଡ଼ି ବିବାହର ପ୍ରତିଶ୍ରୁତି ଦେବା ଯେ ବାସ୍ତବ ବିବାହ କରିବା ନୁହେଁ, ଏକଥାକୁ ବୁଝି ପାରିଲେ ପ୍ରେମ ପ୍ରତିଶ୍ରୁତି ଓ ପ୍ରତାରଣା ଭଳି ଘଟଣା ଆଗକୁ ଘଟିବ ନାହିଁ। ଅନେକ ଶାରୀରିକ ଓ ମାନସିକ ଭାବରେ ନିଜକୁ ସୁରକ୍ଷିତ ମଣିବେ। ●

ସିନାପାଲି(ନୂଆପଡ଼ା), ମୋ: ୯୭୭୭୭୫୩୯୩୫

## ତିବ୍ବତରେ ବୌଦ୍ଧଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

### ଦ୍ୱିତୀୟ-ବୁଦ୍ଧ କଥା

ରାଜା ଖ୍ରୀ-ସ୍ରନ୍ ବୌଦ୍ଧଧର୍ମ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ତାଙ୍କର ଜନ୍ମକାଳ ଖ୍ରୀ୭୩୦। ତାଙ୍କୁ ତେର ବର୍ଷ ବୟସ ହୋଇଥିବା ସମୟରେ ପିତାଙ୍କ ତିରୋଧାନ ଯୋଗୁଁ ସେ ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ। ଦେଶର ପ୍ରାଚୀନ ତଥ୍ୟର ଅନୁଧ୍ୟାନ ସହ ବିଭିନ୍ନ ଶାସ୍ତ୍ର ଅଧ୍ୟୟନରେ ତାଙ୍କର ଅନୁରକ୍ତି ରହିଥିଲା। ତାଙ୍କର ମନ୍ତ୍ରିମଣ୍ଡଳ ଧାର୍ମିକ ଦୃଷ୍ଟିରୁ ବୌଦ୍ଧଧର୍ମ ଏବଂ ପ୍ରଚଳିତ ଧର୍ମମତର ଅନୁଗାମୀ ଭାବେ ଦୁଇଟି ଭିନ୍ନ ଗୋଷ୍ଠୀ ହୋଇ ରହିଥିଲେ। ସମସ୍ତ ତଥ୍ୟ ଅନୁଧ୍ୟାନ ପରେ ରାଜା ବୌଦ୍ଧଧର୍ମ ସପକ୍ଷବାଦୀ ହୋଇଗଲେ। ଏହି ରାଜାଙ୍କ ଶାସନକାଳ ହେଲା ଖ୍ରୀ୭୫୫-୭୯୭। ରାଜା ବୌଦ୍ଧଧର୍ମକୁ ତିବ୍ବତର ରାଜଧର୍ମ ଭାବେ ଘୋଷଣା କଲେ। ବୌଦ୍ଧଧର୍ମ ସପକ୍ଷବାଦୀ ମନ୍ତ୍ରୀ ଓ ନେତୃସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନାକ୍ରମେ ସେ ସମୟରେ ଜଣେ ପ୍ରଖ୍ୟାତନାମା ବୌଦ୍ଧ ଆଚାର୍ଯ୍ୟ ଶାନ୍ତରକ୍ଷିତଙ୍କୁ ଧର୍ମର ପ୍ରଚାର ପ୍ରସାର ପାଇଁ ଭାରତରୁ ତିବ୍ବତ ଆଣିବା ପାଇଁ ସ୍ଥିର ହେଲା। ଆଚାର୍ଯ୍ୟ ଶାନ୍ତରକ୍ଷିତ ସେତେବେଳେ ମଗଧର ବିଖ୍ୟାତ ନାଳନ୍ଦା ବିଶ୍ୱବିଦ୍ୟାଳରେ ଅଧ୍ୟାପନା କରୁଥିଲେ। ରାଜା ତାଙ୍କର ମନ୍ତ୍ରୀ ବାସଲନାଙ୍ଗ୍‌ଙ୍କୁ ଶାନ୍ତରକ୍ଷିତଙ୍କ ନିକଟକୁ ନିମନ୍ତ୍ରଣ ଜଣାଇବା ପାଇଁ ପଠାଇଲେ। ଶାନ୍ତରକ୍ଷିତ କିଛିକାଳ ଅପେକ୍ଷା ପାଇଁ ପରାମର୍ଶ ଦେଲେ। ପରେ ତିବ୍ବତରେ ରାଜା ସର୍ବସାଧାରଣରେ ବୌଦ୍ଧଧର୍ମ ପ୍ରତି ନିଜର ସମର୍ଥନ ଜଣାଇବା ପରେ ଶାନ୍ତରକ୍ଷିତ ମନ୍ତ୍ରୀ ବାସଲନାଙ୍ଗଙ୍କ ସହିତ ତିବ୍ବତ ଯାତ୍ରା ଆରମ୍ଭ କଲେ। ରାଜା ବହୁ ଆଡ଼ମ୍ବରରେ ନେପାଳ ସୀମାରୁ ଶାନ୍ତରକ୍ଷିତଙ୍କୁ ସ୍ୱାଗତ ଜଣାଇ ନିଜ ରାଜପ୍ରସାଦାକୁ ନେଲେ।

ଆଚାର୍ଯ୍ୟ ଶାନ୍ତରକ୍ଷିତ ତିବ୍ବତରେ ତାଙ୍କର ବୌଦ୍ଧଧର୍ମ ପ୍ରଚାର କାର୍ଯ୍ୟ ଧର୍ମର ମୌଳିକ ଶିକ୍ଷାରୁ ଆରମ୍ଭ କଲେ। ମାତ୍ର ତାଙ୍କର ଶିକ୍ଷା ବିଷୟବସ୍ତୁ ଓ ପଦ୍ଧତି ଲୋକଙ୍କ ଦ୍ୱାରା ଆଦୃତ ହୋଇପାରିଲା ନାହିଁ। ସମ୍ଭବତଃ ତାଙ୍କର ଶିକ୍ଷା ଶୂନ୍ୟବାଦ ଓ ନାସ୍ତିବାଦ ତଥା ଅଧିକ ପାଣ୍ଡିତ୍ୟପୂର୍ଣ୍ଣ ହୋଇଥିବାରୁ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଲା ନାହିଁ। ତିବ୍ବତୀୟମାନେ ମୂଳତଃ ଗୁଣିଗାରେଡ଼ି ତଥା ଅତ୍ୟଧିକ ଅନ୍ଧବିଶ୍ୱାସଜନିତ ବନ୍ ଧର୍ମ ସହ ଜଡ଼ିତ ଥିଲେ। ତିବ୍ବତୀୟମାନେ ବୌଦ୍ଧଧର୍ମକୁ ଗ୍ରହଣ କରିପାରୁନଥିଲେ। ତା'ସାଙ୍ଗକୁ ପ୍ରଚାର କାର୍ଯ୍ୟ ସେମାନଙ୍କ ପାଇଁ ଆଗ୍ରହ ଜନ୍ମାଇ ନ ପାରିବା ସହ ସେ ସମୟକୁ ବିଭିନ୍ନ ଦୈବୀ ଦୁର୍ବିପାକ ଦେଖାଗଲା। ସଂକ୍ରାମକ ବ୍ୟାଧି ସହ ଝଡ଼ ତୋଫାନ ଆଦି ବ୍ୟାପକ ଭାବେ ଧନଜୀବନର କ୍ଷୟକ୍ଷତି ଘଟାଇଲା। ସହଜରେ ବନ୍ ଧର୍ମର ନେତୃସ୍ଥାନୀୟ ବ୍ୟକ୍ତି ବୌଦ୍ଧଧର୍ମର ଘୋର ବିରୋଧୀ ଥିଲେ। ପୁଣି ଆଚାର୍ଯ୍ୟଙ୍କ ଧର୍ମପ୍ରଚାର କାର୍ଯ୍ୟ ଅନାଦୃତ ହେବାକୁ ସର୍ବୋପରି ଅଚାନକ ପ୍ରାକୃତିକ ବିପଦମାନ ଘଟି ସମସ୍ତ ଘଟଣାକ୍ରମ ଶାନ୍ତରକ୍ଷିତଙ୍କ ବିରୋଧରେ ବିରାଟ ଜନଆନ୍ଦୋଳନ ସୃଷ୍ଟି କରାଇଲା। ରାଜାଙ୍କ ଦ୍ୱାରା ନୂତନ ଧର୍ମର ପ୍ରଚାର ଯୋଗୁଁ ଏ ସବୁ ଘଟୁଛି ବୋଲି ପ୍ରଚାର ହେଲା।

ରାଜା ଓ ଆଚାର୍ଯ୍ୟ ଦେଶରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ ସହ ଲୋକମାନଙ୍କର ଧନଜୀବନର ସୁରକ୍ଷା କିପରି ହୋଇପାରିବ ତାହା ଆଲୋଚନା କଲେ। ଶାନ୍ତରକ୍ଷିତ ତାଙ୍କର ଭଗ୍ନୀପତ୍ନୀ ତଥା ନାଳନ୍ଦା ବିଶ୍ୱବିଦ୍ୟାଳୟର ଯୋଗ-ତନ୍ତ୍ର ବିଭାଗରେ ଅଧ୍ୟାପନା କରୁଥିବା ଆଚାର୍ଯ୍ୟ ପଦ୍ମସମ୍ଭବଙ୍କୁ ନିମନ୍ତ୍ରଣ କରି ତିବ୍ବତ ଅଣାଇବାକୁ ରାଜାଙ୍କୁ ପରାମର୍ଶ ଦେଲେ। ତିବ୍ବତରେ ସାମ୍ପ୍ରତିକ ଘଟଣାକ୍ରମ ଦୃଷ୍ଟିରୁ ପଦ୍ମସମ୍ଭବ ହିଁ ଧର୍ମପ୍ରଚାର କାର୍ଯ୍ୟ ପାଇଁ ସବୁଠାରୁ ଯୋଗ୍ୟତମ ଗୁରୁ ବୋଲି ଶାନ୍ତରକ୍ଷିତ ରାଜାଙ୍କୁ କହିଲେ। ଶାନ୍ତରକ୍ଷିତ ଇତିମଧ୍ୟରେ ତିବ୍ବରେ ନ ରହି କିଛିକାଳ ନେପାଳରେ ବିଶ୍ରାମ ନେବା ପାଇଁ ରାଜା ତାଙ୍କୁ ଅନୁରୋଧ କଲେ। ଶାନ୍ତରକ୍ଷିତ ସ୍ୱୟଂ ମହାଯାନର ମାଧ୍ୟମିକ ଶାଖାର ପାରମ୍ପରିକ ବିନୟ-ସୂତ୍ର-ଆଧାରିତ ଦାର୍ଶନିକ ପରମ୍ପରାର ଆଚାର୍ଯ୍ୟ ଥିବା ସମୟରେ ପଦ୍ମସମ୍ଭବ ବୌଦ୍ଧଧର୍ମର ମହାଯାନ ଅନ୍ତର୍ଗତ ତନ୍ତ୍ରଯାନଭିତ୍ତିକ ବଜ୍ରଯାନର ଗୁରୁ ଥିଲେ। ଶାନ୍ତରକ୍ଷିତଙ୍କ ପରାମର୍ଶ ରାଜା ଗ୍ରହଣ କଲେ ଏବଂ ତୁରନ୍ତ ଏକ ସବିନୟ ନିମନ୍ତ୍ରଣ ପତ୍ର ପଦ୍ମସମ୍ଭବଙ୍କ ନିକଟକୁ ସ୍ୱତନ୍ତ୍ର ପ୍ରତିନିଧିମଣ୍ଡଳୀ ଦ୍ୱାରା ନାଳନ୍ଦା ପ୍ରେରଣ କଲେ। ପଦ୍ମସମ୍ଭବ ଏହା ଗ୍ରହଣ କଲେ। ଖ୍ରୀ୭୪୬ରେ ନାଳନ୍ଦା ପରିତ୍ୟାଗ କରି ନେପାଳ ହୋଇ ଶାନ୍ତରକ୍ଷିତଙ୍କ ସହ ବାର୍ତ୍ତାଳାପ କରି ଖ୍ରୀ ୭୪୭ ଆଦ୍ୟଭାଗରେ ତିବ୍ବତରେ ପହଞ୍ଚିଲେ। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

## ଯୋଗାଯୋଗ ଠିକଣା

**NEWS & INFO**
news@thesakala.com

**CIRCULATION**
circulation@thesakala.com

**ADVERTISEMENT**
advt@thesakala.com

**THE SAKALA**
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅନିଶ୍ଚିତତା ଭିତରେ ରାଜ୍ୟର ମେଟ୍ରୋ ପ୍ରକଳ୍ପ: ବିଜେଡି

### ■ ମେଟ୍ରୋ ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଅସ୍ପଷ୍ଟ

### ■ ନିଜସ୍ୱ ପାଣ୍ଠିରୁ ନିର୍ମାଣରେ ଲୋଡ଼ାନାହିଁ କେନ୍ଦ୍ର ଅନୁମୋଦନ

ଭୁବନେଶ୍ୱର,୨୫।୭(ସମିସ): ପୂର୍ବ ବିଜେଡି ସରକାର ସମୟରେ ମେଟ୍ରୋ ପ୍ରକଳ୍ପ ସ୍ଥାପନ ପାଇଁ ଡିପିଆର ପ୍ରସ୍ତୁତ ସହ ଟେଣ୍ଡର କରାଯାଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ହେଲେ ବିଜେପି ସରକାର କ୍ଷମତାକୁ ଆସିବାର ଦୀର୍ଘ ୧୩ ମାସ ବିତି ଯାଇଥିଲେ ସୁଦ୍ଧା, ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଲାଗି ରହିଛି ବୋଲି ବିଜେଡି କହିଛି। ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ, ଯାହାଫଳରେ ଦୀର୍ଘ ୧୩ ମାସ ହେଲା ଏହା ଅନିଶ୍ଚିତତା ଭିତରେ ଗତି କରୁଛି। କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାରେ ହେବାକୁ ଥିବା ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ର ଗୃହ ଓ ସହର ବିକାଶ ମନ୍ତ୍ରୀ ଗୁରୁବାର ଲୋକସଭାରେ ମନ୍ତବ୍ୟ ଦେଇଛନ୍ତି। ଏହାପରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମେଟ୍ରୋ ପ୍ରକଳ୍ପର ନୂତନ ଡିପିଆର ପ୍ରସ୍ତୁତ ହେଲା ପରେ କେନ୍ଦ୍ରକୁ ଅନୁମୋଦନ ପାଇଁ ପଠାଯିବ ବୋଲି ବକ୍ତବ୍ୟ ଦେଇଛନ୍ତି। ବିଜେଡି ସରକାରଙ୍କ ସମୟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ ଏହା ସମ୍ପୂର୍ଣ୍ଣ ରୂପେ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରେ ନିର୍ମାଣ ହେବ ବୋଲି କୁହାଯାଇଥିଲା। ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନର କୌଣସି ଆବଶ୍ୟକତା ନାହିଁ। ମାତ୍ର ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମେଟ୍ରୋ ପ୍ରକଳ୍ପକୁ ନେଇ ରାଜ୍ୟ ସରକାର ଭିନ୍ନ ଭିନ୍ନ ବକ୍ତବ୍ୟ ରଖୁଛନ୍ତି। ଏହି ପ୍ରକଳ୍ପକୁ ସମ୍ପ୍ରସାରଣ କରାଯିବ ଓ ଏଥିପାଇଁ ନୂଆ ଡିପିଆର ପ୍ରସ୍ତୁତ ହେବ ବୋଲି କୁହାଯାଇଥିଲା। ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ଏହି ପ୍ରକଳ୍ପ ଏଲିଭେଟେଡ୍ ଷ୍ଟ୍ରକ୍‌ଚରରେ ଅର୍ଥାତ ମାଟି ଉପରେ ନିର୍ମାଣ ହେବ ବୋଲି ବକ୍ତବ୍ୟ ଦେଇଥିବା ବେଳେ ଆଉ ଜଣେ ମନ୍ତ୍ରୀ ଏହା ମାଟି ତଳେ ନିର୍ମାଣ ହେବ ବୋଲି ବକ୍ତବ୍ୟ ଦେଇଛନ୍ତି। ସେହିପରି ନଗର ଉନ୍ନୟନ ମନ୍ତ୍ରୀ ନୂତନ ଡିପିଆର ପ୍ରସ୍ତୁତ ହେବା ପରେ କେନ୍ଦ୍ର ସରକାରଙ୍କ ପାଖକୁ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଏହି ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ ବୋଲି ଡଃ ମହାନ୍ତି କହିଛନ୍ତି।

■ ସାମ୍ବାଦିକ ସମ୍ମିଳନୀରେ ବର୍ଷିଲା କଂଗ୍ରେସ

## ସୁନା ମାଫିଆ ରମେଶ ମାଝୀ ସହ ବିଜେପି ନେତାଙ୍କ ଘନିଷ୍ଠ ସମ୍ପର୍କ



ଭୁବନେଶ୍ୱର, ୨୫।୭(ସମିସ): ସୁନା ନିବେଶ ଆଳରେ ୨୦କୋଟି ଠକି ଗିରଫ ହୋଇଥିବା ରମେଶ ମାଝୀଙ୍କ ସହ ଏକାଧିକ ବିଜେପି ନେତାଙ୍କ ସହ ଘନିଷ୍ଠ ସମ୍ପର୍କ ରହିଛି। ଏହାର ଫଟୋ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି। ବିଶେଷକରି ଭୁବନେଶ୍ୱର ସାଂସଦଙ୍କ ସହ ତାଙ୍କ ଘନିଷ୍ଠତା ଅଛି ବୋଲି ସୂଚନା ମିଳୁଛି ବୋଲି ଅଭିଯୋଗ କରି ରାଜ୍ୟ କଂଗ୍ରେସ ଏହି ଘଟଣା ଉପରେ ପ୍ରଶ୍ନ ଉଠାଇଛି। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳ ମୁଖପାତ୍ର ସୋନାଲି ସାହୁ ବିଜେପି ଉପରେ ଗୁରୁତ୍ୱର ଅଭିଯୋଗ ଆଣି କହିଛନ୍ତି ଯେ ଯେଉଁ ଦଳ ଦୁର୍ନୀତିଶୂନ୍ୟ ସରକାର ବୋଲି ଦମ୍ଭୋକ୍ତି ଦେଖାନ୍ତି, ତାଙ୍କ ଦଳର ବଡ଼ବଡ଼ିଆ ନେତାଙ୍କ ସୁନା ନିବେଶ ଠକ ରମେଶ ମାଝୀ ସହ ଫଟୋ ପଦାକୁ ଆସୁଛି। ଠକ ମାଝୀର ବିଜେପି କାର୍ଯ୍ୟାଳୟରେ ଫଟୋ ଏବଂ ବିଶେଷକରି ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସହ ଫଟୋ ବର୍ତ୍ତମାନ ଭୁବନେଶ୍ୱରରେ ଚର୍ଚ୍ଚାର ବିଷୟ ହୋଇଛି। ତେଣୁ ସାଂସଦ ଅପରାଜିତା ଏହାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ମୁଖପାତ୍ର ଶ୍ରୀମତୀ ସାହୁ ଆହ୍ୱାନ ଦେଇଛନ୍ତି।

ସେ ଆହୁରି କହିଛନ୍ତି, ନାରୀ ନିର୍ଯାତନା ବାବଦରେ ସମ୍ପୂର୍ଣ୍ଣ ମୁହଁ ବନ୍ଦ ରଖିଥିବା ସାଂସଦ ଷଡ଼ଙ୍ଗୀ ବାଲି, ଡ୍ରଗ୍ସ, ପଥର ଏବଂ ଖଣି ମାଫିଆଙ୍କ ସହ ସମ୍ପର୍କ ରଖିବା ଆଶ୍ଚର୍ଯ୍ୟର ବିଷୟ। ବିଏମ୍‌ସି ଅଫିସର୍ ମାଡ଼ମରା ଘଟଣାକୁ ନେଇ ଜେଲ୍ ଯାଇଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଜେଲରୁ ବାହାରିଲା ବେଳେ ସ୍ୱାଧୀନତା ସଂଗ୍ରାମୀଙ୍କ ଭଳି ସ୍ୱାଗତ କରାଯାଇଥିଲା। ସେହି ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ପ୍ରଧାନଙ୍କ ସାଥୀରେ ଠକ ମାଝୀର ସମ୍ପର୍କ ଥିବା ଶୁଣାଯାଉଛି। ନୀତି, ଆଦର୍ଶର କଥା ବଖାଣୁଥିବା ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କ ସହ ସହ ମଧ୍ୟ ରମେଶର ଫଟୋ ପଦାକୁ ଆସିଛି। ଏତେଗୁଡ଼ିଏ ବିଜେପି ନେତାଙ୍କ ସହ ରମେଶର କି' ସଂପର୍କ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

## କାରଖାନା ଶ୍ରମ କଲ୍ୟାଣ ଅଧିକାରୀଙ୍କ ତାଲିମ କର୍ମଶାଳା

ଭୁବନେଶ୍ୱର, ୨୫।୭(ସମିସ): କାରଖାନାଗୁଡ଼ିକରେ ନିୟୋଜିତ ଶ୍ରମ କଲ୍ୟାଣ ଅଧିକାରୀମାନଙ୍କର ଆଜି ଏକ ରାଜ୍ୟସ୍ତରୀୟ କର୍ମଶାଳା ରାଜ୍ୟ ଶ୍ରମ ସଂସ୍ଥାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ରାଜ୍ୟ କାରଖାନା ଏବଂ ବାଷ୍ପିତ୍ର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଶ୍ରମିକମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ଏବଂ ନ୍ୟାଯ୍ୟ ଅଧିକାର ସମ୍ବନ୍ଧରେ ସଜାଗ ଏବଂ ସଚେତନ କରାଇବା ଶ୍ରମ କଲ୍ୟାଣ ଅଧିକାରୀମାନଙ୍କର ପ୍ରଧାନ ସାମାଜିକ ଦାୟିତ୍ୱ ଏବଂ ସେଥିପ୍ରତି ଉଭୟ ସମ୍ବେଦନଶୀଳ ହୋଇପାରିଲେ ଶିଳ୍ପାୟନରେ ଶାନ୍ତି, ସୁରକ୍ଷା, ଦକ୍ଷତା ଏବଂ ପାରଦର୍ଶିତାରେ ପ୍ରଗତି ହେବାସହ ଉତ୍ପାଦନ ବୃଦ୍ଧି ପରିଲକ୍ଷିତ ହେବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ।

ବଲଙ୍ଗା ନାବାଳିକାକୁ ଜାଳିଦେବା ଘଟଣା

## ଏମ୍ସରେ ପୀଡ଼ିତାଙ୍କ ବୟାନ ରେକର୍ଡ

ବଲଙ୍ଗା, ୨୫।୭(ସମିସ): ବଲଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମର ଜଣେ ନାବାଳିକାକୁ ଦୁର୍ବୃତ୍ତମାନେ ନିଆଁ ଲଗାଇ ଜାଳିଦେବା ମାମଲାର ତଦନ୍ତ ଜାରି ରହିଛି। ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ପାଇଁ ଦିଲ୍ଲୀ ଏମ୍ସକୁ ଯାଇଥିବା କ୍ରାଇମ୍‌ବ୍ରାଞ୍ଚ ଓ ପୁଲିସର ଟିମ୍ ଆଜି ସେଠାରେ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୀଡ଼ିତାର ବୟାନ ରେକର୍ଡ କରାଇଛନ୍ତି। ପରେ ତଦନ୍ତକାରୀ ଟିମ୍ ଅପରାହ୍ଣରେ ପୀଡ଼ିତାଙ୍କ ପରିବାରକୁ ଯାଇ ପଚରାଉଚରା କରିଛି। ଏହାସହ ପୀଡ଼ିତାକୁ ଉଦ୍ଧାର କରିଥିବା ଦୁଃଖୀଶ୍ୟାମଙ୍କୁ ଥାନାକୁ ଡକାଇ ପୁନର୍ବାର ପଚରାଉଚରା କରିଛି। ସେହିପରି ଆଜି ସକାଳେ ତଦନ୍ତକାରୀ ଟିମ୍ ପୁନର୍ବାର ପୀଡ଼ିତାଙ୍କ ସାଙ୍ଗ ଘରକୁ ଯାଇ ପଚରାଉଚରା କରିଥିଲା।

## ଅବଶିଷ୍ଟାଂଶ

### ସ୍କୁଲଘର ଭୁଶୁଡ଼ି...

ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୩ଜଣ ଛାତ୍ର ପ୍ରାଣ ହରାଇଥିଲେ। ଅବହେଳା ପାଇଁ ୫ ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି।

ସକାଳେ ବର୍ଷା ହେବା କାରଣରୁ ପିଲାମାନେ ଖେଳିବାକୁ ନଯାଇ କ୍ଲାସ ରୁମ୍‌ରେ ଥିଲେ।। ଏହାପରେ ଛାତ ପଡ଼ିବା ଫଳରେ ୩୫ ପିଲା ଫସିଯାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଥମେ ଛାତରୁ ଛୋଟ ଛୋଟ ଟୁକୁଡା ଖସିଥିଲା। କିନ୍ତୁ ଶିକ୍ଷକ ଏହା ପ୍ରତି ଧ୍ୟାନ ଦେଇ ନଥିଲେ ବୋଲି ଜଣେ ଛାତ୍ରୀ କହିଛନ୍ତି। ଏହି ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଦୁଃଖ ପ୍ରକାଶ କରିଛନ୍ତି।

### ଡ୍ରୋନ୍‌ରୁ ସଫଳ...

ସୂଚନା ଦେଇଛନ୍ତି ଓ ଡିଆରଡିଓକୁ ଧନ୍ୟବାଦ ଜଣାଇଛନ୍ତି। ଏହି ପରୀକ୍ଷଣ ଭରାତୀୟ କ୍ଷେପଣାସ୍ତ୍ର କ୍ଷମତାକୁ ଆହୁରି ବୃଦ୍ଧି କରିଛି ବୋଲି ସେ କହିଛନ୍ତି। ଏବେ ସାରା ବିଶ୍ୱରେ ଚାଲିଥିବା ଯୁଦ୍ଧରେ ଡ୍ରୋନ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ତେଣୁ ଏହି ପରୀକ୍ଷା ଭାରତ ପାଇଁ ଏକ ବଡ଼ ସଫଳତା ସାବ୍ୟସ୍ତ ହୋଇଛି।। 'ଅପରେସନ ସିନ୍ଦୂର'ରେ ମଧ୍ୟ ଭାରତ ଡ୍ରୋନ୍‌ର ବହୁଳ ବ୍ୟବହାର କରି ପାକିସ୍ତାନକୁ ଚକ୍‌ମା ଦେଇଥିଲା। ଆଧୁନିକ ଯୁଦ୍ଧରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି ପରୀକ୍ଷା କରାଯାଇଛି। ୟୁଏଲ୍‌ପିଜିଏମ୍- ଭି୩ ହେଉଛି ପୂର୍ବବର୍ତ୍ତୀ ଭି-୨ ଭ୍ୟାରିଏଣ୍ଟର ଆଧୁନିକ ସଂସ୍କରଣ। ଏହାକୁ ଡିଆରଡିଓର ଟର୍ମିନାଲ ବାଲାଷ୍ଟିକ ରିସର୍ଚ୍ଚ ଲାବାରୋଟୋରୀ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଭି-୨ ଭ୍ୟାରିଏଣ୍ଟରେ ମଲ୍ଟିପଲ ୱାରହେଡ୍ କନଫିଗରିରେସନର ସୁବିଧା ଥିଲା।। ଭି-୩ରେ ଆହୁରି ଅଧିକ ଆଧୁନିକ ବୈଷୟିକ ପ୍ରାଣାଳୀ ସାମିଲ କରାଯାଇଛି।। ଏଥିରେ ଇମର୍ଜିଂ ଇନଫ୍ରାରେଡ ସିକର ଓ ଡ୍ୟୁଏ ଥ୍ରଷ୍ଟ ପ୍ରୋପଲସନ ସିଷ୍ଟମ ରହିଛି। ଏହା ଦ୍ୱାରା ଏହାର ରେଞ୍ଜ୍ ଓ ଆକ୍ରମଣ କ୍ଷମତାରେ ଯଥେଷ୍ଟ ବୃଦ୍ଧି ହୋଇଛି।

### ପଞ୍ଚମ ଦିନ...

ବାଧା ନଦେଇ ଗୃହକୁ ସୁରୁଖୁରରେ ଚଳାଇବାରେ ସହଯୋଗ କରନ୍ତୁ। ପହଲଗାମ ଆକ୍ରମଣ ଓ ଅପରେସନ ସିନ୍ଦୂର ନେଇ ପ୍ରଥମେ ଲୋକସଭାରେ ୧୬ ଘଣ୍ଟା ଧରି ଆଲୋଚନା ହେବ ଏବଂ ଏହାପର ଦିନ ରାଜ୍ୟସଭାରେ ୧୬ ଘଣ୍ଟା ପାଇଁ ଏହି ପ୍ରସଙ୍ଗରେ ଆଲୋଚନା ହେବ। ଆଲୋଚନାର ଉତ୍ତର ପ୍ରଧାନମନ୍ତ୍ରୀ ଦିଅନ୍ତୁ ବୋଲି ବିରୋଧୀ ଦଳ ଦାବି କରିଥିବା ବେଳେ ସରକାର ଏଭଳି କୌଣସି ପ୍ରତିଶ୍ରୁତି ଦେବାକୁ ମନା କରିଦେଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ସରକାରଙ୍କ ପକ୍ଷରୁ କିଏ ଜବାବ ଦେବ, ତାହା ସରକାର ସ୍ଥିର କରିବେ।

ସେହିଭଳି ରାଜ୍ୟସଭାରେ ମଧ୍ୟ ଆରମ୍ଭରୁ ବିହାରକୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା। ବିରୋଧୀ ଦଳର ସଭ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହଙ୍ଗାମା କରିଥିଲେ। ପୀଠାସୀନ ଅଧ୍ୟକ୍ଷଙ୍କ ଚେତାବନୀ ସତ୍ତ୍ୱେ ସେମାନେ ବିହାର ପ୍ରସଙ୍ଗରେ ଆଲୋଚନା ଦାବି କରି ଗୃହକୁ ଅଚଳ କରିଦେଲେ। ଶେଷରେ ରାଜ୍ୟସଭାକୁ ମଧ୍ୟ ସୋମବାର ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଥିଲା।

ଇତିମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ରିଜିଜୁ କହିଛନ୍ତି ଯେ ଟଙ୍କା ଜବତ ମାମଲାରେ ଫସିଥିବା ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରକ୍ରିୟା ଲୋକସଭାରୁ ଆରମ୍ଭ ହେବ। ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ଆଣିବା ଲାଗି ଉଭୟ ସରକାର ଓ ବିରାଧୀ ଦଳ ସହମତ ଅଛନ୍ତି। ଏଥିପାଇଁ ଉଭୟ ପକ୍ଷର ୧୫୨ ସାଂସଦ ମିଳିତ ନୋଟିସ ଦେଇଛନ୍ତି। ଏହି ନୋଟିସକୁ ଲୋକସଭା ବାଚସ୍ପତି ଗ୍ରହଣ କରିବା ସହିତ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହେବ।

### ଓଡ଼ିଶା ଦେଶରେ...

ପାଇଛି। ଅପରପକ୍ଷେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ରିପୋର୍ଟରେ ଭାରତର ଆର୍ଥିକ ଅଭିବୃଦ୍ଧିର ଅସମାନତାକୁ ପ୍ରକଟ କରିଛି । ମୁଣ୍ଡପିଛା ଆୟ ଦୃଷ୍ଟିରୁ କର୍ଣ୍ଣାଟକ ଦେଶର ସବୁଠାରୁ ଧନୀ ରାଜ୍ୟ ହୋଇଥିବା ବେଳେ ବିହାର ସବୁଠାରୁ ଗରିବ ରାଜ୍ୟ ଭାବରେ ଉଭା ହୋଇଛି । ୨୦୨୪-୨୫ରେ କର୍ଣ୍ଣାଟକରେ ମୁଣ୍ଡପିଛା ହାରାହାରି ଆୟ ୨.୦୪ ଲକ୍ଷ ଟଙ୍କା ଥିବାବେଳେ ବିହାରର ହାରାହାରି ମୁଣ୍ଡପିଛା ଆୟ ୨୦୨୩-୨୪ରେ ମାତ୍ର ୩୨୨୨୭ ଟଙ୍କା ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ରିପୋର୍ଟରେ ଉଲ୍ଲେଖ ଅଛି । ସେହିପରି ମଧ୍ୟପ୍ରଦେଶରେ ହାରାହାରି ମୁଣ୍ଡପିଛା ଆୟ ୭୦୪୩୪ ଟଙ୍କା, ଛତିଶଗଡ଼ରେ ୯୩୧୬୧ ଟଙ୍କା, ରାଜସ୍ଥାନରେ ୯୬୬୩୮ ଟଙ୍କା, ଓ ଆସାମରେ ମୁଣ୍ଡପିଛା ହାରାହାରି ଆୟ ୮୧୧୨୭ ଟଙ୍କା ଥିବା ରିପୋର୍ଟରେ କୁହାଯାଇଛି। ଅର୍ଥନୈତିକ ବିକାଶର ବିଭିନ୍ନ ସ୍ତର, ଆଞ୍ଚଳିକ ଗଠନ, ସଂରଚନା ଜନିତ ଅସମାନତା ଏବଂ ଶାସନ ତନ୍ତ୍ରରେ ପାର୍ଥକ୍ୟ ଯୋଗୁଁ ଆୟ ହାର ବୃଦ୍ଧିରେ ପାର୍ଥକ୍ୟ ଦେଖାଯାଇଥାଇପାରେ ବୋଲି ଅର୍ଥମନ୍ତ୍ରୀ ଶ୍ରୀ ଚୌଧୁରୀ ମତ ପ୍ରକାଶ କରିଛନ୍ତି।

### ବୟନ ଶିଳ୍ପ...

ପାର୍କ ବିକଶିତ କରିବାକୁ ଯୋଜନା ରହିଛି। ସେହିପରି ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ରହିଥିବା ବେଳେ ମହିଳାମାନଙ୍କ ପାଇଁ ଅଧିକ ସୁଯୋଗ ରହିଛି, ଯାହାକି ଓଡ଼ିଶାର ଆର୍ଥିକ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଦେଶର ଟେକ୍ସଟାଇଲ ଉଦ୍ୟୋଗୀ ଏବଂ ଶିଳ୍ପପତିମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ୍ ତାପସ କୁମାର ଧନ୍ୟବାଦ ଦେଇଥିଲେ।

### ଡେପୁଟୀ ରେଞ୍ଜରଙ୍କ...

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଜିଲ୍ଲା ଜୟପୁର ବନଖଣ୍ଡ ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କ ଘରେ ଭିଜିଲାନ୍ସ ଆଜି ଚଢ଼ଉ କରିଥିଲା। ଏକକାଳୀନ ୬ଟି ସ୍ଥାନରେ ଚଢଉ ହୋଇଥିଲା। ଜୟପୁର ସହର ତାଙ୍କର ପୈତୃକ ଘର, ଜୟପୁର ପିଆର ପେଟ୍ଟା ରୋଡରେ ଥିବା ଗୋଟିଏ ବିଲ୍ଡିଂର ଦୁଇଟି ଆପାର୍ଟମେଣ୍ଟ, ଭୁବନେଶ୍ୱର ରଘୁନାଥପୁରରେ ସମ୍ପର୍କୀୟଙ୍କ ଫ୍ଲାଟ, ଜୟପୁର ସୋମ୍ବର ତୋଟା ଥିବା ସମ୍ପର୍କୀୟଙ୍କ ଘର ଏବଂ ସରକାରୀ ବାସଭବନରେ ଚଢଉ କରିଥିଲା ଭିଜିଲାନ୍ସ। ଚଢଉରେ ବାବୁଙ୍କ ଅମାପ ସମ୍ପତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଛି ଭିଜିଲାନ୍ସ। ତାଙ୍କ ଘରେ ଥିବା ଏକ ଗୁପ୍ତ ଟ୍ରେଜେରୀରୁ ନଗଦ ୧ କୋଟି ୪୩ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ଟଙ୍କାକୁ ଭିଜିଲାନ୍ସ ଟିମ୍ ଗଣିଗଣି ହାଲିଆ ହୋଇପଡ଼ିଥିଲେ। ଶେଷରେ ଭିଜିଲାନ୍ସ ଟଙ୍କାଗଣା ମେସିନ୍ ଆଣିବା ପରେ ଟଙ୍କା ଗଣାଯାଇଥିଲା। ରାମଚନ୍ଦ୍ରଙ୍କ ନାମରେ ଜୟପୁର, ପିଆର ପେଟ୍ଟା, ଏନ୍‌କେଟି ରୋଡ୍‌ରେ ରହିଛି ଗୋଟିଏ ୩ ମହଲା କୋଠା, ଭୁବନେଶ୍ୱର ରଘୁନାଥପୁର ଜାଲିରେ ଗୋଟିଏ ୩ବିଏଚ୍‌କେ ଫ୍ଲାଟ୍, ପିଆର ପେଟ୍ଟାରେ ଗୋଟିଏ ଆପାର୍ଟମେଣ୍ଟରେ ୨ଟି ୨ବିଏଚ୍‌କେ ଫ୍ଲାଟ୍ ରହିଛି। ସେହିପରି ଜୟପୁର ଟାଉନ୍‌ରେ ୧.୩୩କୋଟିର ଦୁଇଟି ପ୍ଲଟ ରହିଛି। ରାମଚନ୍ଦ୍ରଙ୍କ ଘରୁ ୧.୫କେଜି ସୁନା ଏବଂ ୪.୬୩୭କେଜି ରୁପା ଅଳଙ୍କାର ଜବତ କରାଯାଇଛି। ବଡ଼ କଥା ହେଲା ଧରା ନପଡ଼ିବା ପାଇଁ ବାବୁ ସୁନାକୁ ବିସ୍କୁଟ ଏବଂ କଏନ୍ ଆକାରରେ କରି ରଖିଥିଲେ। ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ବୀମାରେ ୧କୋଟି ୩୨ଲକ୍ଷ ୮୫ହଜାର ୭୫୪ଟଙ୍କା ରହିଛି। ରାମଚନ୍ଦ୍ରଙ୍କ ନାମରେ ଦୁଇଟି କାର ଏବଂ ୩ଟି ବାଇକ୍ ରହିଥିବା ବେଳେ ୧୫.୫୯ ଲକ୍ଷର ଘରର ବିଭିନ୍ନ ଆସବାବପତ୍ର ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଉଛି। ଜୟପୁର ଗୋଲ୍ଡେନ ହାଇଟ ଆପାର୍ଟେମେଣ୍ଟର ଗୁପ୍ତ ଟ୍ରେଜେରୀରୁ ୧ କୋଟି ୩୮ ଲକ୍ଷ ୯୦ ହଜାର ଟଙ୍କା ଜବତ ହୋଇଛି। ଜୟପୁର ଟାଉନ ସ୍ଥିତ ତାଙ୍କ ଘରୁ ୪ ଲକ୍ଷ ୪୪ ହଜାର ଟଙ୍କା ଠାବ ହୋଇଛି। ଜବତ ଟଙ୍କା, ସୁନା ଗହଣା ଏବଂ ଧନସମ୍ପତ୍ତି ସମ୍ପର୍କରେ ପଚରାଉଚରା କରାଯାଇଥିଲେ ମଧ୍ୟ ସେ ଏହାର ହିସାବ ଦେଇ ପାରିନଥିଲେ। ଶେଷରେ ଭିଜିଲାନ୍ସ ତାଙ୍କ ନାମରେ ମାମଲା ରୁଜୁ କରି ଉଠାଇ ନେଇ ପଚରାଉଚରା କରୁଛି।

ଏହି ଚଢ଼ଉରେ ଭିଜିଲାନ୍ସର ୬ଟି ଟିମ୍ ସାମିଲ ଥିଲେ। ଏଥିରେ ୬ ଜଣ ଡିଏସ୍‌ପିଙ୍କ ସମେତ ୫ ଇନ୍ସପେକ୍ଟର ଓ ୯ ଜଣ ଏଏସଆଇ ଏବଂ ଅନ୍ୟ ସହକାରୀ କର୍ମଚାରୀ ସାମିଲଥିଲେ।

ରାମଚନ୍ଦ୍ର ୧୯୮୯ ମାର୍ଚ୍ଚ ୯ତାରିଖରେ ସେ ଗ୍ରାମ୍ୟ ବନ କର୍ମଚାରୀ ଭାବେ ଚାକିରି ଆରମ୍ଭ କରିଥିଲେ। ପରେ ତାଙ୍କୁ ଜୟପୁର ଫରେଷ୍ଟ ଡିଭିଜନକୁ ବଦଳି କରାଯାଇଥିଲା। ସେବେଠୁ ସେ ଜୟପୁର ଡେପୁଟି ରେଞ୍ଜର ଏବଂ ରେଞ୍ଜର ଦାୟିତ୍ୱରେ ରହିଥିଲେ। ତାଙ୍କର ମାସିକ ଦରମା ୬୯ହଜାର ୬୮୦ଟଙ୍କା ଥିବା ବେଳେ ଅନ୍ୟାନ ମିଶି ସେ ୭୬ ହଜାର ୮୮୦ ଟଙ୍କା ପାଉଥିଲେ। ଆଜି ପର୍ଯ୍ୟନ୍ତ ସେ ସରକାରୀ ଚାକିରିରେ ଯୋଗଦେବା ପରଠୁ କୋରାପୁଟ ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକାଳ ସମୟରେ ଏକାଧିକ ଦୁର୍ନୀତି କରି ଟଙ୍କା ଅର୍ଜନ କରିଥିବା ଅଭିଯୋଗ ହୋଇଥିଲା। ଯେଉଁଥି ପାଇଁ ଭିଜିଲାନ୍ସ ଏହି ଅଭିଯୋଗର ତଦନ୍ତ କରି ସତ୍ୟାସତ ଜାଣିବା ପରେ ଆଜି ସକାଳୁ ଚଢଉ କରିଥିଲା। ଆଉ ୫ ମାସ ପରେ ସେ ଅବସର ନେଇଥାଆନ୍ତେ ବୋଲି ଜଣାପଡ଼ିଛି।

### ବଡ଼ ବର୍ଷାରେ...

ନଦୀରେ ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଛି। ଉଭୟ ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରେ ଦୁଇ ଦିନ ପ୍ରବଳ ବର୍ଷା ଆଶଙ୍କା ରହିଥିବାରୁ ରାଜ୍ୟରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ହେବା ନେଇ ଜଳସମ୍ପଦ ବିଭାଗ ମଧ୍ୟ ସତର୍କ କରାଇଛି। ମୁଖ୍ୟତଃ ମହାନଦୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ ଓ ବୈତରଣୀ ଆଦି ନଦୀରେ ଜଳସ୍ତର ବଢ଼ିବ। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି, ଗତକାଲିଠାରୁ ଆଜି ଭିତରେ ୧୫ ଜିଲ୍ଲାର ୪୩ ବ୍ଲକରେ ୫୦ ମିଲିମିଟର ଠାରୁ ଅଧିକ ବର୍ଷା ହୋଇଛି। ତେଣୁ ନଦୀଗୁଡ଼ିକୁ ଜଳପ୍ରବାହ ବୃଦ୍ଧି ପାଇଛି। ହୀରାକୁଦର ଏବେ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ସ୍ଥିତି ଦେଖି ଅଧିକ ଗେଟ୍ ଖୋଲିବା ନିଷ୍ପତ୍ତି ନିଆଯିବ। ତେବେ ବର୍ତ୍ତମାନ ସମସ୍ତ ନଦୀର ଜଳସ୍ତର ବିପଦ ସଂକେତ ତଳେ ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ଏସ୍‌ଆର୍‌ସି ନିର୍ଦ୍ଦେଶ ଜାରି କରିଛନ୍ତି। ଅବପାତ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଥିବାରୁ ଆସନ୍ତା ୨୮ ତାରିଖ ଯାଏଁ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି।

### ରାଜ୍ୟର କୌଣସି...

କେରଳ ଏବଂ ତାମିଲନାଡୁର ସାମୁଦ୍ରିକ ଉତ୍ପାଦ ଯଥା ଚିଙ୍ଗୁଡ଼ି ଓ ଟୁନା ମାଛ ଭଳି ସାଂଗ୍ରୀ ରହିଥିବା ବେଳେ ଜମ୍ମୁ ଓ କଶ୍ମୀରର ପଶ୍ମିନା ସାଲ୍, କେଶର ଓ ବାସୁମତି ଚାଉଳ, ପଞ୍ଜାବ ଓ ହରିୟାଣାର ବାସୁମତି ଚାଉଳ ଏବଂ ଜଲନ୍ଧରର କ୍ରୀଡ଼ା ସାମଗ୍ରୀ, ଉତ୍ତରପ୍ରଦେଶର ଆଗ୍ରା ଓ କାନପୁରର ଚମଡ଼ା ସାମଗ୍ରୀ ଏବଂ ମିରଟର କ୍ରୀଡ଼ା ଉପକରଣ ରପ୍ତାନି ହେବ। ସେହିପର ଗୁଜରାଟର ବାନ୍ଧଣୀ ଓ ସୁରଟର ବସ୍ତ୍ର, ମୋର୍ବିର ସେରାମିକ୍ସ ଏବଂ ସୁରଟର ହୀରା, ମହାରାଷ୍ଟ୍ରର କୋହ୍ଲାପୁରୀ ଚପଲ, ଅଙ୍ଗୁର ଓ ପିଆଜ ରପ୍ତାନୀ ହେବ। ପଶ୍ଚିମବଙ୍ଗର ଡାର୍ଜିଲିଂ ଚା, ବାଲୁଚରି ଶାଢି ଏବଂ ତ୍ରିପୁରାର ରବର ରପ୍ତାନିକୁ ପ୍ରୋତ୍ସାହନ ମିଳିବ। ତାମିଲନାଡୁର କାଞ୍ଚିପୁରମ୍ ଶାଢ଼ୀ, କେରଳର ମସଲା (ଗୋଲମରିଚ, ଅଳେଇଚ), କଫି ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଉଦ୍ୟାନ କୃଷି ଉତ୍ପାଦ ରପ୍ତାନୀ ହେବ ଓ ଏଗୁଡ଼ିକ ଶୁଳ୍କମୁକ୍ତ ପ୍ରବେଶ ଦ୍ୱାରା ସିଧାସଳଖ ଲାଭ ପାଇବେ। କିନ୍ତୁ ଚିନ୍ତାର ବିଷୟ ଯେ ଓଡ଼ିଶାରୁ ଉତ୍ପାଦିତ ଏବଂ ପ୍ରସ୍ତୁତ ହେଉଥିବା ଅନେକ ସାମଗ୍ରୀର ବିଶ୍ୱ ବଜାରରେ ଚାହିଦା ରହିଥିଲେ ହେଁ ଏହି ଚୁକ୍ତିରେ ଓଡ଼ିଶାର ଗୋଟିଏ ବି ସେପରି ସାମଗ୍ରୀ ସ୍ଥାନ ପାଇନାହିଁ।

ବିଭିନ୍ନ ରାଜ୍ୟରୁ ରାପ୍ତାନୀ ହେବାକୁ ଥିବା ସାମଗ୍ରୀ ଭଳି ଓଡ଼ିଶାରେ ମଧ୍ୟ ଅନେକ ସାମଗ୍ରୀ ବିଦେଶରେ ସୁନାମ ଅର୍ଜନ କରିଛି। କୋରାପୁଟ କଫିଠାରୁ ଆରମ୍ଭ କରି କନ୍ଧମାଳ ହଳଦୀ, ଇକତ୍ ଶାଢ଼ି, ସମ୍ବଲପୁରୀ ଶାଢ଼ି ସହ କଟକର ତାରକସୀ କାରୁକାର୍ଯ୍ୟର ସାମଗ୍ରୀ ଆଦି ରପ୍ତାନୀ ହୋଇପାରିଥା'ନ୍ତା। ମାତ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ତାଲିକାରେ କାହିଁକି ଓଡ଼ିଶାର କୌଣସି ସାମଗ୍ରୀକୁ ସ୍ଥାନ ଦିଆଯାଇ ନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ଏନେଇ ଓଡ଼ିଶାର ଜିଆଇ ବିଶେଷଜ୍ଞ ଡ. ଅନିତା ସାବତ୍ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ପ୍ରକାଶିତ ତାଲିକାରେ ଆନ୍ଧ୍ର ପ୍ରଦେଶରୁ ଆରୁକୁ କଫି ରପ୍ତାନୀ ହେବ ବୋଲି ଦର୍ଶାଯାଇଛି। ମାତ୍ର ଏହି କଫି ଉଭୟ ଆନ୍ଧ୍ର ଓ ଓଡ଼ିଶାର କୋରାପୁଟରେ ଉତ୍ପାଦନ ହୋଇଥାଏ। ଏମିତିକି ଜିଆଇ ମାନ୍ୟତା ବେଳେ ମଧ୍ୟ ଉଭୟ ଓଡ଼ିଶା ଏବଂ ଆନ୍ଧ୍ରକୁ ମିଳିତ ଭାବେ 'ଆରୁକୁ ଭ୍ୟାଲି ଆରାବିକା କଫି'ର ମାନ୍ୟତା ମିଳିଥିଲା। ସେହିପରି ହଳଦୀ ରପ୍ତାନୀରେ କନ୍ଧମାଳ ହଳଦୀ ବିଶ୍ୱସ୍ତରରେ ନାଁ ରହିଛି। ମାତ୍ର ଓଡ଼ିଶା ପ୍ରତି ଏଥିରେ ଅନ୍ୟାୟ କରାଯାଇଛି। ଓଡ଼ିଶାକୁ ମର୍ଯ୍ୟାଦା ମିଳିବା ଦରକାର। କେନ୍ଦ୍ର ସରକାର ପୁନର୍ବାର ଓଡ଼ିଶାର ନାଁ ରଖି ତାଲିକା ପ୍ରକାଶ କରିବାକୁ ଡ. ସାବତ ଦାବି କରିଛନ୍ତି।

ବିଜେଡି ନିଜ ସୋସିଆଲ୍ ମିଡିଆ ପେଜ୍‌ରେ ଡବଲ ଇଂଜିନ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ସମାଲୋଚନା କରିଛି। ପାଇକ ବିଦ୍ରୋହକୁ ଏନ୍‌ସିଆର୍‌ଟି ପାଠ୍ୟପୁସ୍ତକରୁ ବାଦ୍ ଦେଇ ପରବର୍ତ୍ତୀ ସମୟରେ ଭଲ୍ୟୁମ୍-୨ରେ ସ୍ଥାନ ମିଳିବା ଭଳି ଏହି କ୍ଷେତ୍ରରେ ମଧ୍ୟ ସମାନ ପନ୍ଥା ଗ୍ରହଣ କରାଯିବ କି ବୋଲି ଦଳ କଟାକ୍ଷ କରିଛି। ସେହିପରି କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍‌ଦୋସ୍ ମଧ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏଭଳି ଅବହେଳା ପାଇଁ ସମାଲୋଚନା କରିଛନ୍ତି।

### ଚଳନ୍ତା କାର୍‌ରେ...

ଅଭିଯୋଗ ଅନୁଯାୟୀ, ପୁରୀରୁ ଜଣେ ମହିଳା ଗୁରୁବାର ତାଙ୍କ ବାପଘର ଭୁବନେଶ୍ୱରକୁ ଏକ ଭଡ଼ା କାର୍‌ରେ ଯାଉଥିଲେ। ଅଭିଯୁକ୍ତ ମୁନା ଜାତୀୟ ରାଜପଥରେ ଯିବା ପରିବର୍ତ୍ତେ ମାଳତୀପାଟ୍ଟପର ଓଭରବ୍ରିଜ୍ କଡ଼ରେ ନେଇଥିଲେ। କିଛିବାଟ ପରେ ସେ ଚଳନ୍ତା କରରେ ମହିଳାଙ୍କୁ ଅସଦାଚରଣ କରିଥିଲେ। ଏନେଇ ସମ୍ପୃକ୍ତ ମହିଳା ଜଣଙ୍କ କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୨୩୮) ରୁଜୁ କରି ଅଭିଯୁକ୍ତ କାର ଚାଳକଙ୍କୁ କାବୁ କରିଥିଲା। ଏଥିସହ କାର୍ (ନଂ.ଓଡ଼ି୦୫ଏଜି-୧୭୭୫)କୁ ମଧ୍ୟ ଜବତ କରିଛି। ଅଭିଯୁକ୍ତକୁ ଅଟକ ରଖି ପଚରା ଏବେ ପଚରା ଉଚରା କରାଯାଉଛି। ତଦନ୍ତ ପରେ ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।


**AFFIDAVIT**

I , Farheen Alam W/o Sayed Alam Husaain, village-Bateswar Po/Ps-Salepur Dist-Cuttack , Pin -754202 ,Odisha declared by this affidavit No. 6465, dated 16/07/25 that now onwards I shall be known as Farheen Alam for all future purposes.

**AFFIDAVIT**

I, Abhishek Nirmal Modi S/o Nirmal Modi, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7862 dtd 24.07.2025 that now onwards I shall be known as **ABHISHEK MODI** for all future purposes.

**AFFIDAVIT**

I, Neetu Abhishek Modi W/o Abhishek Modi, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7860 dtd 24.07.2025 that now onwards I shall be known as **NEETU MODI** for all future purposes.

**AFFIDAVIT**

I, Sangeeta Nirmal Kumar Modi D/o Gopilal Agarwal, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7861 dtd 24.07.2025 that now onwards I shall be known as **SANGEETA NIRMAL MODI** for all future purposes.

**AFFIDAVIT**

I, Shraddha Nirmal Modi D/o Sangeeta Nirmal Modi, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7859 dtd 24.07.2025 that now onwards I shall be known as **SHRADDHA MODI** for all future purposes.

**AFFIDAVIT**

I Susanta Keshari Samal, S/o- Sesadev Samal, Resident of At/Po-Benipur, Ps-Nikirai, Dist- Kendrapara, PIN-754251, Odisha declare by this affidavit No.90 on dated 23.07.2025 that now onwards I shall be known as **SUSANT KESHARI SAMAL** for all future purposes.

**AFFIDAVIT**

By virtue of an affidavit No 7858 dated 24.07.2025 sworn before the Notary public, Cuttack, I Abhishek Modi changed my minor Daughters name from Vanisha Modi to Vanisha Abhishek Modi. Henceforth, she will be known as **VANISHA ABHISHEK MODI** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Padmapur, Dist.- Rayagada no. 304/2417125 dtd.24.7.2025, I, SRI HARIS CHANDRA SAHU, S/o- Late Raghunath Sahu resident of Vill.- Rayalapadar, Po.- Biripadar, Ps.- Padmapur, Dist.- Rayagada state that, I have changed my minor son's name from **Alok Sahu** to **Sridhar Sahu**. Henceforth he will be known as Sridhar Sahu for all purposes.

**AFFIDAVIT**

I, Kondavalasa Chandra Muli, aged 72 years, S/o- Late K C R Patnaik, resident of 7-3-16, Gonti Veedhi, PSMNH School Road, Dist-Srikakulam, PIN- 532001, Andhra Pradesh declared by this affidavit No-601, dtd- 23/07/2025 that now onwards I shall be known as **KONDAVALASA CHANDRA MOULI** for all future purposes.

**AFFIDAVIT**

I, Guru Charan Bandhu Charan Biswal, aged 60 years, S/o- Bandhu Charan Biswal, resident of HV-82, Hadibandhu Bihar, At-Kasoti, Po-Pandiri, Mahakalapada, Dist-Kendrapara, Odisha, Pin-754211 declared by this affidavit No-603, dtd-23/07/2025 that now onwards I shall be known as **GURU CHARAN BISWAL** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur, no.826 dtd.18.07.2025 I, SMT. MOUSUMI RANI ORAM, D/o- Shanti Oram resident of Senapati street, Po./Ps.- Nabarangpur, Dist.- Nabarangpur, Odisha state that, my actual name is Mousumi Rani Oram but in my State bank of India Passbook my name has been mentioned as Mausumi Harijan. Hence **Mousumi Rani Oram** and **Mausumi Harijan** is one and same person for all purposes.

**AFFIDAVIT**

I, Tumulu Dharmendra, S/o- Late Tumulu Srinivas, resident of Subham Bihar 4th lane, Somanath Nagar, Po-Berhampur, Ps-Town, Pin-760002, Dist- Ganjam, Odisha declare by this affidavit No- 22047, date-19/07/2025, that now onwards I shall be known as **TUMULU DHARMENDRA KUMAR** for all future purposes.

**LOST**

I Pragnya Paramita Das, D/o-Dipak Kumar Das, Preeti Enclave, Mishrapada, that I have lost my B. Tech original certificate, Visa documents, laptop bag with laptop, mobile phone while I was travelling from Bhubaneswar Baramunda Bus stand to Angul New Bus stand by bus no OD02CT2122.If anybody found please contact 7609960707.

Office of The Principal
**Biju Pattnaik (Degree) College of Sciences & Education**
Jayadev Vihar, Bhubaneswar -751013 (ODISHA)

**Quotation Call Notice Date :26/7/2025**

Sealed quotations are invited from GST Registered firm agencies before **30/7/2025** to supply desktop computers, UPS System, Multifunction Printers (MFM), Led TV (65 inch), Wireless Mic, cameras for virtual meetings, and internet Facilities etc. Under GOVT. of Odisha, upgrading IT Infrastructure funds. For details Logon to : www.bpdcse.in, bpcsed@gmail.com

## ପୌର ପରିଷଦ ବୈଠକ ଅଧାରୁ ସ୍ଥଗିତ

# 'କାମ ନ ହେଲେ ହେବ ଜନଆନ୍ଦୋଳନ'

ନୟାଗଡ଼, ୨୬।୭ (ସମିସ)

ନୟାଗଡ଼ ପୌର ପରିଷଦ ବୈଠକ ଆଜି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଡ. ଅରୁଣ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକ ଆଜି ହଟଗୋଳରୁ ଆରମ୍ଭ ହୋଇ ଅଧାରୁ ସ୍ଥଗିତ ହୋଇଛି। ନୟାଗଡ଼ ପରିମଳ ବ୍ୟବସ୍ଥା, ଆଲୋକିକରଣ କାର୍ଯ୍ୟ, ବଲାଙ୍ଗୀ ପାର୍କ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏହା ସହିତ ନୟାଗଡ଼ ସହରର ୧୮ଟି ରାସ୍ତାକୁ ମହାପୁରୁଷଙ୍କ ନାମରେ ନାମିତ କରିବାକୁ ବୈଠକରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହିତ କରାଯାଇଛି। ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନୟାଗଡ଼ ସହରରେ ହେଉଥିବା ପର୍ବପର୍ବାଣୀ ଦୋକାନକୁ ଅନୁମତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ କାଉନସିଲର ଓ ବିଧାୟକ ସହର ବିକାଶ ମୂଳକ କାର୍ଯ୍ୟ ଠପ ହୋଇଥିବାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ନିର୍ବାଚନ ପରଠାରୁ କୌଣସି ଉନ୍ନୟନ ତଥା ବିକାଶ ମୂଳକ କାର୍ଯ୍ୟ ହେଉନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯାହାକୁ ନେଇ ଚାପା ଅସନ୍ତୋଷ ଦେଖା ସହ ବିଧାୟକ ଓ କାଉନସିଲରମାନେ ବୈଠକକୁ ଅଧାରୁ ସ୍ଥଗିତ କରିଥିଲେ। ପ୍ରଥମେ ସହରରେ ହେବାକୁ ଥିବା କାର୍ଯ୍ୟକୁ ସମୀକ୍ଷା କରାଯିବାକୁ ବିଧାୟକ ପ୍ରସ୍ତାବ ଦେଇଥିଲେ। ବିଧାୟକ, ପୌରାଧ୍ୟକ୍ଷା, ନିର୍ବାହୀ ଅଧିକାରୀ ଓ କାଉନସିଲରମାନେ ନୟାଗଡ଼ ସହରର ବିଭିନ୍ନ ସ୍ଥାନକୁ ଯାଇ ହେବାକୁ ଥିବା ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଯୋଜନା ପ୍ରସ୍ତୁତ କରିଥିଲେ। ଅନେକ କାର୍ଯ୍ୟ କରିବାକୁ ଦୀର୍ଘଦିନ ତଳୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ବିଧାୟକ ଡ. ସାହୁ ଗଣମାଧ୍ୟମକୁ କହିଛନ୍ତି। ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅନୁରୋଧ ପରେ ନୟାଗଡ଼ ବିକାଶକୁ ଅଣଦେଖା କରାଯାଉଥିବା ବିଧାୟକ କହିଛନ୍ତି। ଆଗାମୀ ଦିନରେ ବିକାଶ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରାଗଲେ ଜନଆନ୍ଦୋଳନ ତୀବ୍ରତର ହେବ ବୋଲି ସୂଚନା ଦେଇଛନ୍ତି। ଆଜି ନୟାଗଡ଼ ସହର ମହର୍ଷି ବିଦ୍ୟାଳୟ ପଛପାଖ କଲ୍ୟାଣ ମଣ୍ଡପକୁ ରାସ୍ତା ଓ ଡ୍ରେନ ନିର୍ମାଣ, ଜିଲ୍ଲା ପାଠାଗାର ଉନ୍ନତିକରଣ କାର୍ଯ୍ୟକୁ ତଦାରଖ କରାଯିବା ସହ କାମ ଆରମ୍ଭ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ନୟାଗଡ଼ ପୌର ପରିଷଦ ସମସ୍ତ କର୍ମଚାରୀ ବୈଠକରେ ଉପସ୍ଥିତ ରହିଥିଲେ।




- ୧୮ ରାସ୍ତାକୁ ମହାପୁରୁଷଙ୍କ ନାମରେ ନାମିତ କରାଯିବ
- ପରିମଳ ବ୍ୟବସ୍ଥା ଓ ଆଲୋକୀକରଣ ଉପରେ ଗୁରୁତ୍ୱ
- ବିଭିନ୍ନ ସ୍ଥାନ ବୁଲି ସମସ୍ୟା ପରଖିଲେ ବିଧାୟକ

### କାହା ଇଙ୍ଗିତରେ ନାଚୁଛି ପୌର ପ୍ରଶାସନ

ନୟାଗଡ଼: ନୟାଗଡ଼ ପୌର ପରିଷଦ କାର୍ଯ୍ୟଧାରା ଉପରେ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ମଧ୍ୟ ଅସନ୍ତୁଷ୍ଟ। ନିର୍ବାଚନ ପରଠାରୁ ପୌର ପ୍ରଶାସନ ଲଗାମ ଛଡ଼ା ହୋଇଯାଇଛି, ନାଁ ଅନ୍ୟ କାହାର ଇଙ୍ଗିତରେ କାର୍ଯ୍ୟ କରୁଛି। ଅନେକ ପ୍ରଶ୍ନକୁ ନେଇ ନୟାଗଡ଼ ଜନସାଧାରଣ ଦ୍ୱନ୍ଦରେ ରହିଥିବା ବେଳେ ଜିଲ୍ଲାର ଦୁଇ ଜଣ ନାରୀନେତ୍ରୀଙ୍କ ଭିତିରିଆ ଚାପରେ ସବୁ ଖେଳ ଚାଲିଥିବା ଆଲୋଚନା ହେଉଛି। ଦୁଇ ନାରୀନେତ୍ରୀଙ୍କ ବିନା ଇଙ୍ଗିତରେ ପୌର ପରିଷଦରେ କୁଆଡ଼େ ପତ୍ର ବି ହଲୁନାହିଁ ବୋଲି ଶୁଣିବାକୁ ମିଳିଛି। ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ଓ କାଉନସିଲରଙ୍କ ସମେତ ନେତୃତ୍ୱକୁ ଅଣଦେଖା କରିବା ତଥା ଗୌଣ କରିବା ପାଇଁ ଦୁଇ ନାରୀନେତ୍ରୀ ସରକାରଙ୍କ ଚାପରେ ପୌର ପରିଷଦକୁ ଚେପା କରି ସାରିଲେଣି ବୋଲି ଚର୍ଚ୍ଚା ହେଉଛି। ଯେଉଁଥି ପାଇଁ ନୟାଗଡ଼ ବିକାଶ ଫାଇଲରେ ଏବେ ନାଲିଫିତା ବନ୍ଧା ହୋଇଛି।

## ଆକ୍ରମଣରେ ମହିଳା ଗୁରୁତର; ସ୍ୱାମୀ ଗିରଫ



ନୟାଗଡ଼, ୨୬।୭ (ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ ନନ୍ଦିଘୋଷପୁର ଗ୍ରାମରେ ସ୍ୱାମୀର ଅମାନୁଷିକ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ମହିଳା ଜଣଙ୍କ ହେଲେ ସଞ୍ଜୟ କୁମାର ଦାସଙ୍କ ପତ୍ନୀ ସଂଯୁକ୍ତାରାଣୀ ଦାସ। ସଞ୍ଜୟ ଦୀର୍ଘଦିନ ହେବ ତାଙ୍କ ପତ୍ନୀକୁ ଅମାନୁଷିକ ଭାବେ ନିର୍ଯ୍ୟାତନା ଦେଇ ଆସୁଥିଲେ। କିଛିଦିନ ତଳେ ଆଇନସେବା ପ୍ରାଧିକରଣ ପକ୍ଷରୁ ସଂଯୁକ୍ତାଙ୍କୁ ଉଦ୍ଧାର କରାଯାଇଥିଲା। ଉଭୟ ପତି ଓ ପତ୍ନୀଙ୍କ ମଧ୍ୟରେ ଆପୋଷ ବୁଝାମଣା କରାଯାଇ ସଞ୍ଜୟଙ୍କୁ ତାଗିଦ୍ କରାଯାଇଥିଲା। ବୁଝାମଣା ପରେ ଉଭୟ ଗାଁକୁ ଯାଇଥିଲେ। ଗାଁର ଜଣେ ଦେଶୀ ମଦ ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ସଂଯୁକ୍ତାଙ୍କ ଉପରେ ରହିଥିଲା। ଯାହାକୁ ନେଇ ସେ ସଞ୍ଜୟଙ୍କୁ ମଦ ପିଆଇ ସଂଯୁକ୍ତାଙ୍କ ବିରୁଦ୍ଧରେ ଉସକାଇଥିଲେ। ସଞ୍ଜୟ ନିଶାଶକ୍ତ ଅବସ୍ଥାରେ ସଂଯୁକ୍ତାଙ୍କୁ ଘରୁ ଭିଡ଼ିଆଣି ଅମାନୁଷିକ ଭାବେ ମାଡ଼ ମାରି ଲହୁ ଲୁହାଣ କରିଥିଲେ। ଏନେଇ ସଂଯୁକ୍ତା ନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ସଞ୍ଜୟ କୁମାର ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ଛାତ୍ରଛାତ୍ରୀଙ୍କ ପରିଚୟାତ୍ମକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଗଣିଆ, ୨୬।୭ (ସମିସ): ଗଣିଆରେ ଥିବା ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଭାବେ ନାମ ଲେଖାଇଥିବା ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉତ୍ତମ ଭବିଷ୍ୟତକୁ କାମନା କରି ଗଣଶିକ୍ଷା ବିଭାଗ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶ ଅନୁସାରେ 'ପରିଚୟାତ୍ମକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସଲିଳା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଓଡ଼ିଆ ଅଧ୍ୟାପିକା ଶାନ୍ତିଲତା ବେହେରା, ଇତିହାସ ଅଧ୍ୟାପକ ତାରିଣୀ ପ୍ରସାଦ ଆଚାର୍ଯ୍ୟ, ଅର୍ଥଶାସ୍ତ୍ର ଅଧ୍ୟାପିକା ଧରାୟଜା ପ୍ରଧାନ, ତର୍କଶାସ୍ତ୍ର ଅଧ୍ୟାପକ ସୁନିଲ କୁମାର ନାୟକ, ସମାଜ ଶାସ୍ତ୍ର ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ଶାରୀରିକ ଶିକ୍ଷକ ଶେଷଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କୃତ ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ବଘାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କୁ ଅଧ୍ୟାପକ ଅଧ୍ୟାପିକାମାନେ ଉତ୍ତମ ଛାତ୍ର ଗଠନ ସହିତ ଉତ୍ତମ ଚରିତ୍ର ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ବିଶୃଙ୍ଖଳା ପରିତ୍ୟାଗ କରି ଭଲ ପାଠ ପଢ଼ି ବିଦ୍ୟାଳୟର ନାଁ ରଖିବାକୁ ଅଧ୍ୟକ୍ଷା ମତ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ଅର୍ଚ୍ଚନା ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବସ୍ ଓଲଟି ୧୭ ଆହତ

ନୟାଗଡ଼, ୨୬।୭ (ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ସରିଗଣ୍ଡା ଅଞ୍ଚଳରେ ଏକ ବସ ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ବସ୍ ଓଲଟିବା କାରଣରୁ ୧୭ ଜଣ ଆହାତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କଟକରୁ ବଲାଙ୍ଗିର ଅଭିମୁଖେ ମିଶ୍ର ନାମକ ଏକ ଘରୋଇ ବସ୍ ଯାଉଥିଲା। ଦଶପଲ୍ଲା ଥାନା ସରିଗଣ୍ଡା ଛକ ନିକଟରେ ଏକ ଟ୍ରକ୍କୁ ସାଇଡ ମାରିବାକୁ ବସଟି ରାସ୍ତାକଡ଼ ବିଲ ଭିତରକୁ ଓଲଟି ପଡ଼ିଥିଲା। ଗାଡ଼ି ଛାଡ଼ି ଚାଳକ ଫେରାର ହୋଇଯାଇଥିବା ସୂଚନା ମିଳିଛି। ବସ୍‌ରେ ଥିବା ୧୭ ଜଣ ଯାତ୍ରୀ ଆହାତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହାତଙ୍କୁ ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ନୟାଗଡ଼ ସ୍ଥାନାନ୍ତର କରାଯାଇଛି। ୧୩ ଜଣ ସାମାନ୍ୟ ଆହତ ହୋଇଥିବା ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ଏକ ବସ ଯୋଗେ ପଠାଯାଇଛି। ଖବର ପାଇ ଦଶପଲ୍ଲା ପୁଲିସ ପହଞ୍ଚି କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା, ତାର ତଦନ୍ତ ଆରମ୍ଭ କରିଛି। ଯାତ୍ରୀଙ୍କ କହିବାନୁସାରେ, ବାଘମାରି ଛକରେ ବସ୍ ରଖି ଡ୍ରାଇଭର ହେଲ୍ପର ମଦ ପିଇଥିଲେ ପରେ ଗାଡ଼ି ଦ୍ରୁତଗତିରେ ଚଳାଇଥିଲେ ଯାହା ଫଳରେ ଏହି ଦୁର୍ଘଟଣା ଘଟିଲା।



### ସାପ କାମୁଡ଼ା ସଚେତନତା ପ୍ରତିଯୋଗିତା

ଶରଣକୁଳ, ୨୬।୭ (ସମିସ): ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ କ୍ଲଷ୍ଟର ସ୍ତରୀୟ ସାପ କାମୁଡା ସଚେତନାତ୍ମକ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗୀତାରେ ଶରଣକୁଳ କ୍ଲଷ୍ଟରର ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଛାତ୍ରଛତ୍ରୀଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ସାଧାରଣ ଜ୍ଞାନ, ରଚନା ଏବଂ ପୋଷ୍ଟର ପ୍ରତିଯୋଗିତା କରାଯାଇଥିଲା। ସାଧରଣତଃ ବର୍ଷା ଦିନରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ବାଡ଼ିବଗିଚା ଏବଂ ଖୋଲା ଜାଗାରେ ଘାସ ବୁଦା ଓ ଅନାବନା ଗଛଲତା ମାଡି ରହିଥିବା ବେଳେ ବିଭିନ୍ନ ପ୍ରଜାତିର ସରୀସୃପ ଓ ବିଷଧର ସାପମାନେ ଏହି ବୁଦା ଅଞ୍ଚଳରେ ଅଣ୍ଡାଦେଇ ବଂଶବିସ୍ତାର କରିଥାନ୍ତି। ବର୍ଷା ସମୟରେ ଗାତରେ ପାଣି ପଶି ଯାଇଥିବାରୁ ସକ୍ଷପମାନେ ବାହାରେ ଏଣେତେଣେ ବୁଲିବା ସହିତ ଘର ଭିତରକୁ ପଶି ଯାଇଥାନ୍ତି। ଶିଶୁ ଓ ଛାତ୍ରଛାତ୍ରୀ ସଚେତନ ନ ଥିବାରୁ ବହୁ ଛାତ୍ରଛାତ୍ରୀ ସାପ କାମୁଡାର ଶିକାର ହୋଇଥାନ୍ତି। ଏହାକୁ ରାଜ୍ୟ ସରକାର ବିପର୍ଯ୍ୟୟ ରୂପେ ଗଣନା କରିଛନ୍ତି। ଏଥିନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷା ବିଭାଗ ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ ପ୍ରତିଯୋଗିତା ମାଧ୍ୟମରେ କରାଯାଇଛି। କାର୍ଯ୍ୟକ୍ରମକୁ ଶରଣକୁଳ ସିଆରସିସି ରାଜକିଶୋର ନାୟକ ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ଓ ଦାମୋଦର ସାହୁ ବିଚାରକ ରୂପେ ଯୋଗ ଦେଇଥିଲେ।

## ପକ୍କା ସଡ଼କ ନିର୍ମାଣ କରିବାକୁ ଦାବି

ଓଡ଼ଗାଁ, ୨୬।୭ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରାବରା ଗ୍ରାମପଞ୍ଚାୟତ ରାବରାଠାରୁ ଆଖୁପଦର ରାସ୍ତାକୁ ସଂଯୋଗ କରୁଥିବା କଚ୍ଚା ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ପାଇଁ ଗ୍ରାମବାସୀମାନେ ଦାବି ଜଣାଇଛନ୍ତି। ଗ୍ରାମପଞ୍ଚାୟତକୁ ସଂଯୋଗ କରୁଥିବା ବିଭିନ୍ନ ଗ୍ରାମର ରାସ୍ତା ଗୁଡ଼ିକ ପକ୍କା ସଡକରେ ପରିଣତ ହୋଇଥିବା ବେଳେ ରାବରା ନିମସାହିଠାରୁ ଓଡ଼ଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦେଇ ଯାଇଥିବା ଗ୍ରାମ ଉନ୍ନୟନ ରାସ୍ତାର ଆଖୁପଦର ନିକଟରେ ସଂଯୋଗ କରୁଥିବା ଏହି ରାସ୍ତାଟି ଦୀର୍ଘଦିନ ଧରି ମାଟି ମୋରମ ରାସ୍ତା ହୋଇ ପଡ଼ି ରହିଥିବାରୁ ଖାଲଖମାରେ ପରିପୂର୍ଣ୍ଣ ହୋଇଥିବା ବେଳେ ଏହି ରାସ୍ତାରେ ଯାତାୟାତ କଷ୍ଟ ଦାୟକ ହୋଇପଡ଼ିଛି। ପଥଚାରୀ, ସାଇକଲ ଆରୋହୀ, ବାଇକ ଆରୋହୀ ଏପରିକି ୪ ଚକିଆ ଯାନ ଗୁଡ଼ିକ ଉକ୍ତ ରାସ୍ତାଦେଇ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଅନ୍ୟ କୌଣସି ବିକଳ୍ପ ନଥିବାରୁ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ପାଠ ପଢ଼ି ଯିବାକୁ ବାଧ ହେଉଛନ୍ତି। ତେଣୁ ଉକ୍ତ ରାସ୍ତାକୁ ତ୍ୱରିତ ଭାବେ ଓସାରିଆ ଓ ପକ୍କା ରାସ୍ତାରେ ପରିଣତ କରିବା ସହିତ ରାସ୍ତା ପାର୍ଶ୍ୱକୁ ବନିକରଣ କରିବା ନିମନ୍ତେ ଗ୍ରାମବାସୀ ମାନେ ଜିଲ୍ଲା ପ୍ରଶାସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଛନ୍ତି।



## ଜିଲ୍ଲା ପୁଲିସ ପକ୍ଷରୁ ମୋବାଇଲ ବର୍ଣ୍ଟନ ମେଳା




ନୟାଗଡ଼, ୨୬।୭ (ସମିସ): ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ଆଜି ଏକ ମୋବାଇଲ ବର୍ଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସନାତନ କାଲୋ ଏବଂ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ବିଗତ ଦିନରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ଚୋରୀ ହୋଇଥିବା ମୋଇବାଲ ସମ୍ପର୍କରେ ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ କରିଥିଲା। ଜିଲ୍ଲା ପୁଲିସ ସାଇବର ଟିମ୍ ଉକ୍ତ ଚୋରୀ ମୋବାଇକ ଗୁଡ଼ିକ ଉଦ୍ଧାର କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲା। ଜିଲ୍ଲା ତଥା ଜିଲ୍ଲା ବାହାରୁ ମୋବାଇଲ ଗୁଡ଼ିକ ଉଦ୍ଧାର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଉଦ୍ଧାର ହୋଇଥିବା ୧୦୫ଟି ମୋବାଇଲକୁ ଉପଯୁକ୍ତ ପ୍ରମାଣ ଆଧାରରେ ଆଜି ଅଭିଯୋଗକାରୀ ତଥା ମୋବାଇଲ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଜିଲ୍ଲା ପୁଲିସର ଏଭଳି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ପାନୀୟ ଜଳ ପାଇଁ ଅପରିଷ୍କାର କୂଅ ହିଁ ଭରସା

ଗଣିଆ, ୨୬।୭ (ସମିସ): ଗଣିଆ ବ୍ଲକ ବେଲପଡ଼ାପାଟଣା ପଞ୍ଚାୟତ ବିଜୟନଗର ମଝି ସାହିରେ ୨୦ଟି ପରିବାରର ୧୦୦ରୁ ଅଧିକ ଲୋକ ବାସ କରନ୍ତି। ଉକ୍ତ ସାହିରେ ଥିବା ଅପରିଷ୍କାର ପରିତ୍ୟକ୍ତ କୂଅ ହିଁ ସେମାନଙ୍କ ଭରସା। ଏହି କୂଅରୁ ସେମାନେ ମୋଟର ସାହାର୍ଯ୍ୟରେ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଏହି ଜଳରେ ରୋଷେଇ ଠାରୁ ଆରମ୍ଭ କରି ପାନୀୟ ରୂପେ ବ୍ୟବହାର କରୁଛନ୍ତି। ବର୍ଷ ବର୍ଷ ଧରି ଉକ୍ତ କୂଅଟିର ପୁନରୁଦ୍ଧାର କରାଯାଉନାହିଁ। କୂଅ ଭିତରେ ଅନାବନା ଗଛଲତା ସବୁ ମାଡ଼ି ଯାଇଛି। ପାନୀୟ ଜଳ ବିଭାଗଠାରୁ ଆରମ୍ଭ କରି ପଞ୍ଚାୟତ ଅଥବା ଗାଁ କଲ୍ୟାଣ ସମିତି ମଧ୍ୟ ସବୁ ଦେଖି ନଦେଖିବା ଭଳି ଚୁପ୍ ରହିଛି। ସବୁଠାରୁ ଦୁଃଖ ଏବଂ ପରିତାପର ବିଷୟ ଉକ୍ତ କୂଅ ପାଖରେ ଏକ ଶଙ୍ଖ ଥିବାରୁ ଗତ କିଛିଦିନ ତଳେ ତାହା ଦବି ଯାଇଛି। ଶଙ୍ଖ ଦବି ଯିବାରୁ ସେହି ବାଟ ଦେଇ ଡ୍ରେନପାଣି କୂଅ ଭିତରେ ପଶୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଉପାୟଶୂନ୍ୟ ହୋଇ ଏହି ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଏହି ଅପରିଷ୍କାର ପାଣି ବ୍ୟବହାର କରିବା ଦ୍ୱାରା ବିଭିନ୍ନ ମାରାନକ ରୋଗରେ ପୀଡ଼ିତ ହେବେ ଏଥିରେ ସନ୍ଦେହ ନାହିଁ। ତେଣୁ ତୁରନ୍ତ ଉକ୍ତ କୂଅଟିର ପୁନରୁଦ୍ଧାର କରିବା ସହିତ ଶଙ୍ଖଟିର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ଜିଲ୍ଲା ପାଇଁ ଗୌରବ ଆଣିଲେ ବିଶ୍ୱବିଜିତା



ନୟାଗଡ଼, ୨୬।୭ (ସମିସ):

ଓଡ଼ିଶା ସାହିତ୍ୟ ଏକାଡେମୀ ୬୮ ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ସପ୍ତମ ଶ୍ରେଣୀ ଛାତ୍ରୀ ବିଶ୍ୱବିଜିତା ମହାନ୍ତି ବକ୍ତୃତା ପ୍ରତିଯୋଗିତାରେ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତା ହୋଇଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ନୟାଗଡ଼ କ୍ଲଷ୍ଟର ସ୍ତରରେ ପ୍ରଥମ, ବ୍ଲକ ସ୍ତରରେ ପ୍ରଥମ ତା'ପରେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ନୟାଗଡ଼ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି ସୁଶ୍ରୀ ବିଶ୍ୱବିଜିତା। ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଏକାଡେମୀର ୬୮ ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି, ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାରସ୍ୱତ ସାଧକ ଶାନ୍ତନୁ ଆଚାର୍ଯ୍ୟ, ପ୍ରଫେସର ନିଳାଦ୍ରୀ ଭୂଷଣ ହରିଚନ୍ଦନ, ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାଶ ଓ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡାକ୍ତର ବିଜୟ କେତନ ଉପାଧ୍ୟାୟ ଯୋଗଦେଇ ସୁଶ୍ରୀ ବିଶ୍ୱବିଜିତା ମହାନ୍ତିଙ୍କୁ ପୁରସ୍କାର ଅର୍ଥରାଶି ପ୍ରମାଣ ପତ୍ର ସହିତ ଟ୍ରଫି ପ୍ରଦାନ କରି ଆଶୀର୍ବାଦ ଦେଇଥିଲେ। ପୂର୍ବରୁ ନୟାଗଡ଼ର କୁନି ପ୍ରତିଭା ମେଧାବୀ ଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ଉତ୍କଳଜ୍ୟୋତି ସମ୍ମାନର ଅଧିକାରୀ ହୋଇଥିବା ସାଙ୍ଗକୁ ବିଜ୍ଞାନମେଳାରେ ପ୍ରଥମ ସ୍ଥାନ ଅଧିକାର କରି ନୟାଗଡ଼ ଜିଲ୍ଲାକୁ ଗୌରବପୂର୍ଣ୍ଣ ମହିମା ମଣ୍ଡନ କରିଛନ୍ତି। ତୃତୀୟ ଓ ପଞ୍ଚମ ଶ୍ରେଣୀ ସରକାରୀ ମେଧାବୃତ୍ତି ସହିତ, ଗୀତାଶ୍ଳୋକ ଆବୃତ୍ତି ଓ କୁଇଜ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରି ନୟାଗଡ଼ ଜିଲ୍ଲାର ସୁନାମ ଅକ୍ଷୁଣ୍ଣ ରଖିଛନ୍ତି। ବିଶ୍ୱବିଜିତାଙ୍କୁ ନୟାଗଡ଼ର ବୁଦ୍ଧିଜୀବୀ, ବିଦ୍ୟାଳୟର ଗୁରୁଜୀ, ଗୁରୁମା, ସାହିତ୍ୟିକ ଓ ଲେଖକମାନେ ଭୂୟସୀ ପ୍ରଶଂଶା କରିଛନ୍ତି। ବିଶ୍ୱବିଜିତା ନୟାଗଡ଼ ସହର ନିକଟସ୍ଥ ବାଲୁଗାଁ ପଞ୍ଚାୟତ କଣ୍ଟାବଣିଆ ଗ୍ରାମର ଆଇନଜୀବୀ ବଳଭଦ୍ର ମହାନ୍ତି, ମଞ୍ଜୁଳା ମହାନ୍ତିଙ୍କ କନିଷ୍ଠା କନ୍ୟା ଅଟନ୍ତି।

### ପ୍ରବନ୍ଧରେ ଇପ୍‌ସିତା ଦ୍ୱିତୀୟ



**ଖଣ୍ଡପଡ଼ା:** ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖଣ୍ଡପଡ଼ାର ୧୦ମ ଶ୍ରେଣୀ ଛାତ୍ରୀ ଇପସିତା ପଣ୍ଡା ପ୍ରବନ୍ଧ ପ୍ରତିଯୋଗିତାରେ ୨ୟ ସ୍ଥାନ ଅଧିକାର କରି ଅନୁଷ୍ଠାନ ପାଇଁ ସୁନାମ ଆଣିଛନ୍ତି। ଛାତ୍ରୀଙ୍କ ଏହି ବିଶେଷ ସଫଳତାକୁ ନେଇ ଅନୁଷ୍ଠାନର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ସାହୁ, ବରିଷ୍ଠ ଶିକ୍ଷକ ବିଦ୍ୟାଧର ମହାରଣାଙ୍କ ସମେତ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଗର୍ବ ଅନୁଭବ କରିବା ସହ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### କବିତା ଆବୃତ୍ତିରେ ଆଲିସା ତୃତୀୟ

ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ ତମ ସ୍ୱନକ୍ଷତ୍ର ଦିବସ ଉତ୍ସବରେ ନୟାଗଡ଼ କଲେଜ ଲେନ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ଆଲିସା ପ୍ରିୟଦର୍ଶିନୀ ସାହୁ ରାଜ୍ୟସ୍ତରୀୟ କବିତା ଆବୃତ୍ତି ପାଇଁ ପୁରସ୍କୃତ ହୋଇ ଗୌରବ ଆଣିଛନ୍ତି। କନିଷ୍ଠ ବର୍ଗ କବିତା ଆବୃତ୍ତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସପ୍ତମ ଶ୍ରେଣୀ ଛାତ୍ରୀ ଆଲିସା ପ୍ରିୟଦର୍ଶିନୀ ସାହୁ ଉକ୍ତ ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି। ଆଲିସାଙ୍କର ଏହି କୃତିତ୍ୱରେ ସାରା ବିଦ୍ୟାଳୟ ତଥା ଜିଲ୍ଲାରେ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି।

## ତହସିଲ୍‌ଦାରଙ୍କ ବୁଥ୍ ପରିଦର୍ଶନ



ଟାଙ୍ଗୀ,୨୫।୭(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଥିବା ଦୁଇଟି ବୁଥ୍‌ରେ ଅଧିକ ମତଦାତା ଥିବାରୁ ସ୍ଥିତି ଅନୁଧ୍ୟାନ କରିବାପାଇଁ ଟାଙ୍ଗୀ ତହସିଲ୍‌ଦାର ନିଷ୍ଠା ମହାପାତ୍ର ବିଦ୍ୟାଳୟରେ ପହଞ୍ଚି ନିର୍ବାଚନ କାର୍ଯ୍ୟ ପରିଚାଳନା ଦୃଷ୍ଟିରୁ ଆବଶ୍ୟକୀୟ ସୁବିଧା ଯଥା- ଗୃହ, ପାନୀୟଜଳ, ପାଇଖାନା, ଖସଡ଼ା, ରେଲିଂ, ବିଦ୍ୟୁତ୍ ସଂଯୋଗ, ବିଶ୍ରାମାଗାର ଇତ୍ୟାଦି ଅଛି କି ନାହିଁ ଦେଖିବା ସହିତ ବିଦ୍ୟାଳୟ ପରିସରରେ ଚାରାରୋପଣ କରି ଏହାର ଯତ୍ନ ନେବାପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏଲ୍‌ଓ ସୁପରଭାଇଜର ସୁରେଶ ତ୍ରିପାଠୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ, ଡିଇଓ କାହ୍ନୁଚରଣ ପଣ୍ଡା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ମନୋରମା ସାହୁ, ରୂପାଲୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କୌଣସି ବୁଥ୍‌ରେ ୧୧୦୦ରୁ ଅଧିକ ଭୋଟର ଥିଲେ ସେହି ବୁଥ୍ ରାସ୍‌ନାଲାଇଜେସନ କରାଯିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଥିବାରୁ ଶୁକ୍ରବାର ତହସିଲ୍‌ଦାର ପରିଦର୍ଶନ କରିଥିବା ଜଣାପଡ଼ିଛି।

## ୭୯ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ଖୋର୍ଦ୍ଧା,୨୫।୭(ସମିସ): ଶୁକ୍ରବାର ଅପରାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ। ଉକ୍ତଦିନ ଭୋର୍‌ରୁ ଡାକବାଜି ଯନ୍ତ୍ର ଯୋଗେ ଖୋର୍ଦ୍ଧା ପୌରାଞ୍ଚଳରେ ରାମଧୁନ୍ ପ୍ରଚାର କରାଯିବ। ପ୍ରାଥମିକ ବିଦ୍ୟାଳୟ ପିଲାମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ଫ୍ୟାନ୍ସି ଡ୍ରେସ୍ ଓ ଚିତ୍ରାଙ୍କନ, ଉଚ୍ଚ ପ୍ରାଥମିକ, ଉଚ୍ଚ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ଓଡ଼ିଆ ପ୍ରବନ୍ଧ, ବକ୍ତୃତା ଓ ଦେଶାତ୍ମବୋଧ ସଙ୍ଗୀତ, ସାଂସ୍କୃତିକ ଦଳ ଚୟନ ପ୍ରତିଯୋଗିତା ଆସନ୍ତା ୯ତାରିଖ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଅନୁଷ୍ଠିତ ହେବ। ସେହିପରି ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ପ୍ରାଣନାଥ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦ୍ୱାରା ଅନୁଷ୍ଠିତ ହେବ। ସହରାଞ୍ଚଳରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୌର ପରିଷଦ ପକ୍ଷରୁ ମାଲ୍ୟାର୍ପଣ ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ରଙ୍ଗ ଦେବା କାର୍ଯ୍ୟ କରାଯିବ। ସେହିପରି ଜିଲ୍ଲାରେ ଥିବା ସମସ୍ତ ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ମାଲ୍ୟାର୍ପଣ କରିବେ। ସକାଳ ସାଢ଼େ ୭ଟାରେ ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ଓ ଧନ୍ୟବାଦ୍ ଅର୍ପଣ କରିଥିବାବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଆଇନଜୀବୀ ସଂଘ ସଭାପତି ଜୀବନ ଜ୍ୟୋତି ମିଶ୍ର, ବରିଷ୍ଠ ନାଗରିକ ମଞ୍ଚ ସଭାପତି ସତ୍ୟବାଦୀ ବଳିଆରସିଂହ, ରଘୁନାଥ ସେଠୀ ପ୍ରମୁଖ ଯୋଗଦେଇଥିଲେ।

## କାନ୍ଧନୟାଗଡ଼ରେ ବରିଷ୍ଠ ନାଗରିକ ମଞ୍ଚ ଗଠିତ

ଟାଙ୍ଗୀ,୨୫।୭(ସମିସ): କନ୍ଧନୟାଗଡ଼ ଗ୍ରାମ ପଞ୍ଚାୟତର ବରିଷ୍ଠ ନାଗରିକମାନଙ୍କୁ ନେଇ ଶ୍ରୀଶ୍ରୀ ଐଶାନେଶ୍ୱର ଦେବଙ୍କ ପବିତ୍ର ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବାଳକୃଷ୍ଣ ମିଶ୍ର ବେଦପାଠ କରିଥିଲେ। ଏହି ବୈଠକରେ ପଞ୍ଚାୟତସ୍ତରୀୟ ବରିଷ୍ଠ ନାଗରିକ ମଞ୍ଚ ଗଠନ କରାଯାଇଥିଲା। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବୟସ୍କ ସେନା କର୍ମଚାରୀ ଗୋପବନ୍ଧୁ ରାମ ସଭାପତିତ୍ୱ କରିଥିଲେ। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ବିଜୟ ରାଉତ, ସହସମ୍ପାଦକ ରବୀନ୍ଦ୍ର ନାୟକ, ସାମ୍ବାଦିକ ରଘୁନାଥ ସାହୁ ମଞ୍ଚର ଆବଶ୍ୟକତା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଗାମୀ ଦିନରେ ଏହି ମଞ୍ଚର ସୁପରିଚାଳନା ପାଇଁ ବରିଷ୍ଠ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନରେନ୍ଦ୍ର କୁମାର ଦାସ, ସଭାପତି ଭାଗିରଥି ମହାରଣା, ଉପସଭାପତି ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ସମ୍ପାଦକ ନିମାଇଁ ଚରଣ ସାହୁ, ସହସମ୍ପାଦକ ସୁରେଶ ଚନ୍ଦ୍ର ପ୍ରଧାନ କୋଷାଧ୍ୟକ୍ଷ ଏବଂ କାର୍ଯ୍ୟକାରୀ କମିଟିର ସଭ୍ୟ ଭାବରେ ଦେବେନ୍ଦ୍ର ମାନସିଂହ, ଭଗବାନ ମହାପାତ୍ର, ଜଳଧର ମହାରଣା, କୃଷ୍ଣ ଚନ୍ଦ୍ର ବେହେରା, କାଶୀନାଥ ପ୍ରଧାନ, ରାମଚନ୍ଦ୍ର ଜେନା, ଅରୁଣ କୁମାର ସୁବୁଦ୍ଧି, ଗଣେଶ ଗୁମାନସିଂ ମନୋନୀତ ହୋଇଥିଲେ।

### ପେଭର୍ ବ୍ଲକ୍ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା

# ନିମ୍ନମାନର କାମ ପାଇଁ ଦବୁଛି; ଯାଞ୍ଚ୍ ହେଉନି

ଖୋର୍ଦ୍ଧା,୨୫।୭(ସମିସ)

ଚାରିଆଡ଼ କଂକ୍ରିଟ୍ ହୋଇଯାଉଥିବାରୁ ଭୂତଳକୁ ବର୍ଷାଜଳ ଯାଇପାରୁନି। ଲକ୍ଷ ଲକ୍ଷ ଲିଟର ଜଳ ଅକାରଣରେ ବୋହିଯାଉଛି। ଫଳରେ ଭୂତଳ ଜଳସ୍ତର ଉଦ୍‌ବେଗଜନକ ଭାବରେ କମିବାରେ ଲାଗିଛି। ଏଭଳି ସ୍ଥିତିକୁ ମୁକାବିଲା କରିବା ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହରାଞ୍ଚଳର ପ୍ରତ୍ୟେକ ୱାର୍ଡ ରାସ୍ତାକୁ ପେଭର ବ୍ଲକ୍ ବିଛାଯାଉଛି। ଏହି କ୍ରମରେ ଖୋର୍ଦ୍ଧା ପୌରାଞ୍ଚଳର ସହରର ବିଭିନ୍ନ ୱାର୍ଡର ଗଳି ରାସ୍ତାର ଉଭୟ ପାର୍ଶ୍ୱରେ ପେଭର ବ୍ଲକ୍ ବିଛାଉଛି ପୌର ପ୍ରଶାସନ। ଏଥିରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ଖର୍ଚ୍ଚର ଅଧାରୁ ଅଧିକ ବାଟମାରଣା ହୋଇଯାଉଥିବାରୁ ମୂଳ ଉଦ୍ଦେଶ୍ୟ ପୂରଣ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଅଧିକାଂଶ କ୍ଷେତ୍ରରେ ଏହି ପେଭର ବ୍ଲକ୍





କାର୍ଯ୍ୟ ଠିକ୍‌ଭାବେ କରାଯାଉ ନ ଥିବାବେଳେ କେଉଁଠି କଂକ୍ରିଟ ଉପରେ ବାଲି ବିଛାଇ ପକାଇଲେଣି ତ ଆଉ କେଉଁଠି ପିଚୁ ଉପରେ ଥୋଇଲେଣି। କିଛିଦିନ ପରେ ଏହା ଉଠିଯାଉଛି। ଫଳରେ ପୁଣିଥରେ ଏଥିରେ ସରକାରୀ ଅର୍ଥଶ୍ରାଦ୍ଧ ହେଉଛି। ଏଭଳି ଅଭିନବ ଉପାୟରେ ଲୁଟ୍ ହେଉଛି ରାଜକୋଷ। ମାତ୍ର ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନ ହେବା ଘଟଣା ଠିକାଦାର ପୌର ପ୍ରଶାସନର ସଲାସୁତରାକୁ ପଦାରେ ପକାଇଛି।

ପ୍ରକାଶ ଥାଉକି, ପୌରାଞ୍ଚଳ ଅନ୍ତର୍ଗତ ୧୪ନମ୍ବର ୱାର୍ଡ ବରୁଣେଇ ସାହିରେ ହୋଇଥିବା ପେଭର ବ୍ଲକ୍ ରାସ୍ତା ଅବସ୍ଥା ଆଖିରେ ନ ଦେଖିଲେ କହିବା ମୁସ୍କିଲ। ଜନୈକ ଜଣାଶୁଣା ଠିକାଦାର ଏହି ପେଭର ବ୍ଲକ୍ ରାସ୍ତା ନିର୍ମାଣ କରିଥିଲେ। ନିର୍ମାଣ ସମୟରେ ସଠିକ୍ ପରିମାଣର କାର୍ଯ୍ୟ ହୋଇ ନ ଥିବାରୁ ପ୍ରାୟ ୧ ବର୍ଷ ମଧ୍ୟରେ ରାସ୍ତାରୁ ଇଟା ସବୁ ଉଠିଗଲାଣି। ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ସେହି ସ୍ଥାନରେ ସର୍ବସାଧାରଣଙ୍କ ସୂଚନା ନିମନ୍ତେ ଏକ ସୂଚନା ଫଳକ ଲଗାଯାଇଥିଲା। ଯେଉଁଥିରେ ପ୍ରକଳ୍ପର ନାମ ଓ ବିବରଣୀ, ୱାର୍ଡ ନଂ, ପ୍ରକଳ୍ପ ଆରମ୍ଭ ଓ ଶେଷ ତାରିଖ, ରାସ୍ତାର ଦୈର୍ଘ୍ୟ ଏବଂ ପ୍ରସ୍ଥ, ପ୍ରକଳ୍ପର ଚୁକ୍ତି ମୂଲ୍ୟ, ଠିକାଦାରଙ୍କ ନାମ, ରାସ୍ତାର ରକ୍ଷଣାବେକ୍ଷଣର ଅବଧି ସମ୍ପର୍କରେ ଉଲ୍ଲେଖ ରହିଥିଲା। ମାତ୍ର ଠିକାଦାର କାର୍ଯ୍ୟ ଆରମ୍ଭ ପୂର୍ବରୁ ଉକ୍ତ ବୋର୍ଡ ଲଗାଇଥିବାବେଳେ ଏବେ କିନ୍ତୁ ଆଉ ସେ ବୋର୍ଡ ଦେଖିବାକୁ ମିଳୁନି। ଫଳରେ ଜନଅସନ୍ତୋଷ ଦେଖିବାକୁ ମିଳୁଛି।

ଅନ୍ୟପକ୍ଷରେ ପେଭର ବ୍ଲକ୍ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବା ଦିନଠାରୁ ୩ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ସମ୍ପୃକ୍ତ ଠିକାଦାର ଉତ୍ତରଦାୟୀ ରହିବେ ବୋଲି ପୌରନିର୍ବାହୀ ଅଧିକାରୀ ରିଜୱାନା କଅକବ କହିଛନ୍ତି। ସେମାନଙ୍କ ଅମାନତ ଜମାରାଶି ପୌର ପ୍ରଶାସନ ନିକଟରେ ରହିଛି। ଏଥିରେ ସେ ଖିଲାପ କଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସେହିପରି ପ୍ରକଳ୍ପ କାର୍ଯ୍ୟ ସମ୍ବନ୍ଧୀୟ ସୂଚନାଫଳକ ପୁନର୍ବାର ନୂଆ ଲଗାଇବା ଲାଗି ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଛନ୍ତି।

## ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଜନଶୁଣାଣି




ବାଣପୁର,୨୫।୭(ସମିସ): ବାଣପୁର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କସ୍ତୁରୀବାଳା ଜେନାଙ୍କ ସଭାପତିତ୍ୱରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଏକ ସାମାଜିକ ସମୀକ୍ଷା ବୈଠକ ଓ ସାଧାରଣ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବ୍ଲକ୍ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଭାରପ୍ରାପ୍ତ ବିଡିଓ ଟି.ପଦ୍ମନାଭ ଦୋରା, ମନରେଗା ସଂଯୋଜିକା ଜ୍ୟୋତ୍ସ୍ନାମୟୀ ରାଉତ ଓ ଜିଲ୍ଲା ସାମାଜିକ ଅଡିଟର ପ୍ରଦୋଷ ମହାରଣା ପ୍ରମୁଖଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍ ସାମିଲ୍ ହୋଇ ଜନଶୁଣାଣି କରିବା ସହ ବିଗତ ବର୍ଷର ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଓ ଶ୍ରମିକମାନଙ୍କ ପ୍ରାପ୍ୟ ସମ୍ପର୍କରେ ଆଲୋଚନା କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକ୍ଷମ ହେବାକୁ ଥିବା ବର୍ଷାଦିନିଆ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଶେଷ କରିବାକୁ ବୈଠକରେ ଧାର୍ଯ୍ୟ ହୋଇଥିଲା। ଏହି ଯୋଜନାରେ ବିଭିନ୍ନ ପଞ୍ଚାୟତକୁ ଆସିଥିବା ୨୩ଟି ଅମୃତ ସରୋବର ମଧ୍ୟରୁ ମାତ୍ର ଗୋଟିଏ ପୁଷ୍କରିଣୀର କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ବାକି ଅନ୍ୟ ସମସ୍ତ ପୁଷ୍କରିଣୀଗୁଡ଼ିକର କାର୍ଯ୍ୟ ସମାପ୍ତ ହୋଇନଥିବା ସହ କାର୍ଯ୍ୟ କରିଥିବା ବ୍ୟକ୍ତିମାନେ ସେମାନଙ୍କ ପ୍ରାପ୍ୟ ପାଇ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଅବସରରେ ପଞ୍ଚାୟତ ସମିତି ଅଧୀନ ଭେଟେଶ୍ୱର ପଞ୍ଚାୟତରେ ଶ୍ରମିକମାନଙ୍କ ନିମନ୍ତେ ଅଧିକ କାର୍ଯ୍ୟ ଦିବସ ସୃଷ୍ଟି କରିଥିବାରୁ ସରପଞ୍ଚ ସାବିତ୍ରୀ ଭୋଳ ଓ ତୋରସିଂହ ପଞ୍ଚାୟତରେ ଏନ୍‌ଆର୍‌ଜିଏସ୍ କାର୍ଯ୍ୟରେ ଭଲ ପ୍ରଦର୍ଶନ କରିଥିବାରୁ ସରପଞ୍ଚ ଆକାଶ ପ୍ରଧାନଙ୍କୁ ବୈଠକରେ ପୁରସ୍କୃତ କରାଯାଇଥିଲା।

### ● ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦାବି

## ଉପଜିଲ୍ଲାପାଳଙ୍କୁ ଭେଟିଲେ ୧୨ ୱାର୍ଡସଭ୍ୟ



ବୋଲଗଡ଼,୨୫।୭(ସମିସ): ବୋଲଗଡ଼ ପଞ୍ଚାୟତ ସମିତିର ଦଳେଇସାହି ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କୁ ଆବେଦନପତ୍ର ପ୍ରଦାନ କରିଛନ୍ତି ୧୨ଜଣ ୱାର୍ଡ ସଭ୍ୟ/ସଭ୍ୟା। ଅଭିଯୋଗ ଅନୁସାରେ, ସରପଞ୍ଚ ସତ୍ୟଭାମା ଦେଇ ତାଙ୍କ ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ଦୁର୍ନୀତିରେ ସାମିଲ୍ ରହୁଛନ୍ତି। ତେଣୁ ଏଭଳି ଅନିୟମିତତାକୁ ବିରୋଧ କରି ୧୨ ଜଣ ସମିତିସଭ୍ୟ ଏକାଠି ହୋଇ ବର୍ତ୍ତମାନର ସରପଞ୍ଚଙ୍କ ବିରୋଧରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୧୨ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କ ସ୍ୱାକ୍ଷର ସମ୍ବଳିତ ଦାବି ଜଣାଇଛନ୍ତି। ଏଥିରେ ନିୟମ ଅନୁସାରେ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବାକୁ ଦାବି କରିଛନ୍ତି। ପ୍ରକାଶ ଯେ, ଦଳେଇସାହି ପଞ୍ଚାୟତରେ ମୋଟ୍ ୧୮ଟି ୱାର୍ଡ ରହିଥିବାବେଳେ ବର୍ତ୍ତମାନ ୧୭ ନିର୍ବାଚିତ ୱାର୍ଡ ସଭ୍ୟସଭ୍ୟା ରହିଛନ୍ତି। ଗୋଟିଏ ୱାର୍ଡସଭ୍ୟ ପଦ ପାଇଁ ନିର୍ବାଚନ ହୋଇନାହିଁ।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବାଣପୁର,୨୫।୭(ସମିସ): ଗୋଦାବରୀଶ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମହାବିଦ୍ୟାଳୟର ଅଡିଟୋରିୟମ୍ କକ୍ଷରେ ଯୁକ୍ତ ୩ ଅଧ୍ୟକ୍ଷ ଓ ଯୁକ୍ତ ୨ ଅଧ୍ୟାପକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସୁରପ୍ରତାପ ନରେନ୍ଦ୍ର ସିଂ ବର୍ମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଆଦିତ୍ୟ ସାରଥି ବେଦମତ୍ତା, ଅଧ୍ୟାପକ ଗୋଲଖି କୁମାର ବେହେରା, ଅଧ୍ୟାପିକା ପ୍ରତିଭା ମଲ୍ଲିକଙ୍କ ସମେତ ନାରୁଣୀ ମହାବିଦ୍ୟାଳୟର ଅଧ୍ୟାପକ ସନ୍ତୋଷ ଶତପଥି, ସନ୍ତୋଷ ସାହୁ ପ୍ରମୁଖ ବହୁ ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀ ଯୋଗଦେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ବିନାୟକ ହୋତା ଓ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଲକ୍ଷ୍ମୀ ପ୍ରସାଦ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ସହ ଉପହାର ପ୍ରଦାନ କରି ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ରହି ଅଧ୍ୟକ୍ଷ ଶ୍ରୀ ହୋତା ଓ ଅଧ୍ୟାପକ ଶ୍ରୀ ମିଶ୍ରଙ୍କ ମହାବିଦ୍ୟାଳୟ ପ୍ରତି ସେମାନଙ୍କ ଅବଦାନ ଓ ଶିକ୍ଷା ବ୍ୟବସ୍ଥାକୁ କିଭଳି ସୁଦୃଢ଼ କରିଛନ୍ତି, ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶେଷରେ ଅଧ୍ୟକ୍ଷ ଶ୍ରୀ ହୋତା ଓ ଅଧ୍ୟାପକ ଶ୍ରୀ ମିଶ୍ର ଏହି ମହାବିଦ୍ୟାଳୟରେ ବିତାଇଥିବା ଦୀର୍ଘ ବର୍ଷର ଅନୁଭୂତି ବଖାଣିଥିଲେ।

## ନିରାକାରପୁର କଲେଜ କ୍ୟାମ୍ପସରେ ବେସରକାରୀ ଅନୁଷ୍ଠାନର ବିଜ୍ଞାପନ



ନିରାକାରପୁର,୨୫।୭(ସମିସ): ଅଞ୍ଚଳର ବିକାଶରେ ଭାଗୀଦାର ସାଜିଥିବା ଖୋର୍ଦ୍ଧା ଜିଲ୍ଲା ନିରାକାରପୁର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ବିଭିନ୍ନ ସମୟରେ ଅନେକ ସମସ୍ୟା ଦେଇ ଗତି କରୁଛି। କିନ୍ତୁ କହିବାକୁ ଗଲେ ଏହାର ସାମୂହିକ ବିକାଶ ଓ ଶିକ୍ଷାଦାନ, ଶୈକ୍ଷିକ ବାତାବରଣ ସମ୍ପର୍କରେ ଅଞ୍ଚଳବାସୀଙ୍କ ତରଫରୁ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା ଭଳି ମନେ ହେଉଛି। ଏପର୍ଯ୍ୟନ୍ତ କଲେଜ ଜମି ଚିହ୍ନଟ କରାଯାଇ ସ୍ଥାୟୀ ପାଚେରିଟି ସମ୍ପୂର୍ଣ୍ଣ ସମ୍ଭବ ହୋଇପାରିନାହିଁ। ଖେଳ ପଡ଼ିଆର ଉନ୍ନତୀକରଣ ହୋଇପାରୁନାହିଁ। ଅସାମାଜିକ ଯୁବକମାନେ କଲେଜ ମୁଖ୍ୟ ରାସ୍ତାରେ ବାଇକକୁ ଅତି ଜୋର୍‌ରେ ଚଳାଇବା ଓ ଅନ୍ୟମାନେ ଏହି ରାସ୍ତାକୁ ସର୍ବସାଧାରଣ ରାସ୍ତା ରୂପେ ବ୍ୟବହାର କରିବା ଫଳରେ ଦୁଇ ପାର୍ଶ୍ୱରେ ଦୁଇଟି ଗେଟ୍ ଲଗାଯାଇ ଏହାକୁ ଅବରୋଧ କେବଳ କରାଯାଇଛି। କିନ୍ତୁ ଅଧପନ୍ତରିଆ ହୋଇ ପଡ଼ିରହିଛି ସୁଇମିଂ ପୁଲ ଓ ଚେଞ୍ଜିଂ ରୁମ୍ କାର୍ଯ୍ୟ। ସରକାରୀ ଅନୁଦାନରୁ ବର୍ତ୍ତମାନ କଲେଜ ପରିସରରେ ବହୁ ନୂତନ ଗୃହ ନିର୍ମାଣ ହେଉଛି।

ଏହା ଭିତରେ ଯିଏ ଯାହାର ବେସରକାରୀ ବିଜ୍ଞାପନକୁ ନିଜର ପ୍ରଚାର ପାଇଁ ନେଇ କଲେଜ କ୍ୟାମ୍ପସ୍‌ରେ ଲଗାଉଛନ୍ତି। ଏବେ ମାଳମାଳ ହୋଡିଂ ଓ ବ୍ୟାନର କଲେଜ କ୍ୟାମ୍ପସ୍‌ରେ ଲଗାଯାଇଛି। କାହା ଅନୁମତି ଓ କାହା ସ୍ୱାର୍ଥରେ ଏହା ଲଗାଯାଇଛି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବିଶିଷ୍ଟ ପାଲା ଓ ସଙ୍କୀର୍ତ୍ତନ ଗାୟକଙ୍କ ପରଲୋକ



ନିରାକାରପୁର,୨୫।୭(ସମିସ): ଖୋର୍ଦ୍ଧା ଜିଲ୍ଲା ଗୋଡ଼ିପଡ଼ା ଗ୍ରାମର ବିଶିଷ୍ଟ ପାଲା ଓ ସଙ୍କୀର୍ତ୍ତନ ଗାୟକ ଦିଜରାଜ ମାର୍ଥାଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଜଣେ ଜଣାଶୁଣା ଧର୍ମପରାୟଣ, ମେଳାପି, ପରୋପକାରୀ ଓ ସରଳ ସ୍ୱଭାବର ବ୍ୟକ୍ତି ଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନେଇଯାଇ ଅନ୍ତିମ ସତ୍କାର କରାଯାଇଛି। ତାଙ୍କ ମୃତ୍ୟୁ ଖବରକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗ୍ରାମବାସୀଙ୍କ ଦ୍ୱାରା ରୋଡ୍ ରୋମିଓ ଅଟକ



ଜଟଣୀ,୨୫।୭(ସମିସ): ଜଟଣୀ ଥାନା ଅନ୍ତର୍ଗତ ରଥିପୁର ପବେରୁଆଁ ରାସ୍ତାରେ ଶୁକ୍ରବାର ଜଣେ ରୋଡ୍ ରୋମିଓ ଦୁଇ ଜଣ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଗ୍ରାମବାସୀଙ୍କ ଦ୍ୱାରା ଅଟକ ରହିଥିବା ଦେଖିବାକୁ ମିଳିଛି। ଏନେଇ ଥାନାରେ ଛାତ୍ରୀଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲାବେଳେ ପରବର୍ତ୍ତୀ ସମୟରେ ଆପୋଷ ସମାଧାନ କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲ୍ଲା ହଂସପାଳ ଅଞ୍ଚଳରେ ରହୁଥିବା ଅଭିରୁଦ୍ଧ ସିନାରାୟ ଗତ କିଛିଦିନ ହେଲା ଜଟଣୀ ନିକଟସ୍ଥ ରଥିପୁର ପବେରୁଆଁ ନିକାଞ୍ଚନ ରାସ୍ତାରେ ଏକାକୀ ବସି ରହୁଥିଲା। ସେହି ରାସ୍ତା ଦେଇ ଛାତ୍ରୀ, ଯୁବତୀ ଯାଉଥିବାବେଳେ ରୋମିଓ ଜଣକ ମୋବାଇଲ୍ ଫୋନ୍‌ରେ ଫଟୋ ଉତ୍ତୋଳନ କରିବା ସହିତ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଥାଏ। ଶୁକ୍ରବାର ଏହି ଘଟଣା ଗୁରୁତ୍ୱର ହୋଇଥିଲା। ସେହି ରାସ୍ତା ଦେଇ ପବେରୁଆଁ ଅଞ୍ଚଳର ଦୁଇ ଜଣ ଛାତ୍ରୀ କମ୍ପ୍ୟୁଟର କ୍ଲାସ୍ କରିବାକୁ ଯାଉଥିବା ସମୟରେ ତାଙ୍କୁ ସ୍କୁଟିରେ ପିଛା କରିବା ସହ ଗୋଡ଼ାଇଥିଲା। ଫଳରେ ଛାତ୍ରୀ ଦୁହେଁ ଦୌଡ଼ି ପଳାଇଥିଲେ। ଏହା ଦେଖି ସ୍ଥାନୀୟ ଗ୍ରାମର ଲୋକମାନେ ଉକ୍ତ ଯୁବକକୁ ଅଟକାଇ ପଚରାଉଚରା କରିବା ସହିତ ଯୁବକଙ୍କ ପରିବାର ଲୋକଙ୍କୁ ଅବଗତ କରିଥିଲେ। ଅନ୍ୟପଟେ ଏହି ଘଟଣା ନେଇ ଦୁଇ ଛାତ୍ରୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ତେବେ ଯୁବକଙ୍କ ପରିବାର ଲୋକେ ଓ ଛାତ୍ରୀଙ୍କ ପରିବାର ଲୋକଙ୍କ ମଧ୍ୟରେ ଆପୋଷ ବୁଝାମଣା କରାଯାଇଥିବା ଜଣାପଡ଼ିଛି।

### ରାସ୍ତା ଉପରୁ ବିଦ୍ୟୁତ୍ ଖୁଣ୍ଟ ହଟାଉନି ବିଭାଗ

# ଟିପିସିଓଡିଏଲ୍‌କୁ ହାଇକୋର୍ଟଙ୍କ ନୋଟିସ

ଜଟଣୀ,୨୫।୭(ସମିସ)

ଜଟଣୀ କପିଳପ୍ରସାଦ ମୁଖ୍ୟ ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ବସାଇବା ଘଟଣାକୁ ନେଇ ହାଇକୋର୍ଟରେ ପହଞ୍ଚିଛି ମାମଲା। ସପ୍ତାହେ ମଧ୍ୟରେ ଟିପିସିଓଡିଏଲ୍‌ଠାରୁ ରିପୋର୍ଟ ଲୋଡ଼ିଲେ ଓଡ଼ିଶା ହାଇକୋର୍ଟ।

ଘଟଣା ଅନୁସାରେ, ଜଟଣୀ କପିଳପ୍ରସାଦ ରାସ୍ତାକୁ ଚାରି ଲେନ୍ କରିବାକୁ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଫଳରେ ରାସ୍ତା ଉପରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ରାସ୍ତାର ବାହାର ପଟକୁ ସ୍ଥାନାନ୍ତର ପ୍ରକ୍ରିୟା ଗତ କିଛି ମାସ ହେଲାଣି ଚାଲିଛି। କିନ୍ତୁ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର କାର୍ଯ୍ୟ ନେଇଥିବା ସଂସ୍ଥା, ଖୁଣ୍ଟଗୁଡ଼ିକୁ ରାସ୍ତାର ବାହାର ପଟରେ ପୋତିବା ବଦଳରେ ପୁନର୍ବାର ସେହି ରାସ୍ତା ଉପରେ ଅର୍ଥାତ୍ ଡ୍ରେନ୍‌କୁ ଲଗାଇ ଖୁଣ୍ଟ ପୋତିଚାଲିଛି। ଯାହାକୁ ନେଇ ଗତ ମାର୍ଚ୍ଚ ମାସରେ ପଧାନସାହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ





ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ କର୍ମୀ ହୃଦାନନ୍ଦ କୋଦମାସିଂହ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା ଏବଂ ବାକି ଥିବା ସମସ୍ତ ବିଦ୍ୟୁତ୍ ଖୁଣ୍ଟ ରାସ୍ତା ଉପରେ ପୋତା ହୋଇଗଲା। ତେବେ ଶ୍ରୀ କୋଦମାସିଂହ ପୁଣି ଥରେ ମେ' ମାସରେ ଅନ୍‌ଲାଇନ୍ ଯୋଗେ ଜିଲ୍ଲାପାଳଙ୍କୁ ଅଭିଯୋଗ ଦେଇଥିଲେ। କିନ୍ତୁ ସେଥିରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗତ ଜୁନ୍ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୂର୍ତ୍ତ ବିଭାଗ, ଶକ୍ତି ବିଭାଗ, ଟିପିସିଓଡିଏଲ୍‌କୁ ମଧ୍ୟ ଲିଖିତ ଅଭିଯୋଗ ପଠାଇଥିଲେ। ଆଶ୍ଚର୍ଯ୍ୟର କଥା ଏତେ ସବୁ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଓଲଟା ବାକିଥିବା ଖୁଣ୍ଟଗୁଡ଼ିକୁ ପୋତିବା ସହ ତାର ଟାଣିବା ଆରମ୍ଭ କରିଥିଲେ। ଆବେଦନକାରୀ ଶ୍ରୀ କୋଦମାସିଂହ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଅଭିଯୋଗ କରିଛନ୍ତି ଯେ ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ପୋତା ହେବା ଫଳରେ ସୁରକ୍ଷା ମାନଦଣ୍ଡକୁ ଉଲ୍ଲଂଘନ କରାଯାଇଛି ଏବଂ ଏହା ଜୀବନ ଓ ଯାନବାହନ ଚଳାଚଳ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରିବ।

ଏହି ରାସ୍ତାର ଜାମୁକୋଳିଠାରୁ କପିଳପ୍ରସାଦ ମଧ୍ୟରେ ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ରାସ୍ତା ଉପରେ ପୋତାଯାଉଛି, ଯାହା ଇଣ୍ଡିଆନ୍ ରୋଡ୍ କଂଗ୍ରେସ (ଆଇଆର୍‌ସି) ନିର୍ଦ୍ଦେଶାବଳୀ ଏବଂ ସଡ଼କ ସୁରକ୍ଷା ମାନଦଣ୍ଡକୁ ଖୋଲାଖୋଲି ଅବମାନନା କରୁଛି। ଆବେଦନକାରୀଙ୍କ ଯୁକ୍ତି ଥିଲା ଯେ ଏହା ଜନସାଧାରଣଙ୍କ ସୁରକ୍ଷାକୁ ବିପଦରେ ପକାଇବ ଏବଂ ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପର ଉଦ୍ଦେଶ୍ୟ ସାଧିତ ହେବନାହିଁ।

ବର୍ତ୍ତମାନ ଯେହେତୁ ପୁରୁଣା ଖୁଣ୍ଟରେ ବିଦ୍ୟୁତ୍ ସରବରାହ ଜାରି ରହିଛି, ତେଣୁ ନୂଆ ଖୁଣ୍ଟକୁ ଉପଯୁକ୍ତ ସ୍ଥାନରେ ପୋତିବା ପରେ ହିଁ ସେଥିରେ ବିଦ୍ୟୁତ୍ ସରବରାହ କରାଯାଉ। ଅନ୍ୟଥା ଏହା ଅଧିକ ସମସ୍ୟା ସୃଷ୍ଟି କରିବ। ହାଇକୋର୍ଟରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶ୍ରୀ ଅଖଣ୍ଡ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେହି ତାରିଖ ସୁଦ୍ଧା ଏ ସମ୍ପର୍କରେ ରିପୋର୍ଟ ଦେବା ପାଇଁ ଟିପିସିଓଡିଏଲ୍‌କୁ କୋର୍ଟ ନୋଟିସ ଜାରି କରିଛନ୍ତି।

■ ମଦଭାଟି କର୍ମଚାରୀ ହତ୍ୟା ଘଟଣାର ପର୍ଦ୍ଦାଫାସ୍

# ଟାର୍ଗେଟ୍‌ରେ ଥିଲେ ମ୍ୟାନେଜର୍; ବଳି ପଡ଼ିଲେ କର୍ମଚାରୀ



**ଭାଟି ମ୍ୟାନେଜର୍‌ଙ୍କ ସହ ସ୍ତ୍ରୀର ଅନୈତିକ ସମ୍ପର୍କ ସନ୍ଦେହ**

**ବଲାଙ୍ଗିର, ୨୫।୭ (ସମିସ):** ଟାର୍ଗେଟ୍‌ରେ ଥିଲେ ମ୍ୟାନେଜର୍, କିନ୍ତୁ ଅଯଥାରେ ବଳି ପଡ଼ିଗଲେ କର୍ମଚାରୀ। ସିନଖମନ ଦେଶୀ ମଦଭାଟି କର୍ମଚାରୀ ସାରଦା ଯାଦବ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରି ବଲାଙ୍ଗିର ପୁଲିସ୍ ଆଜି ଏମିତି ତଥ୍ୟ ଦେଇଛି। ଏହି ଘଟଣାରେ ପୁଲିସ୍ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ସିନଖମନ ଗାଁର ବଳରାମ ବାରିକ, ସୁନୀଲ ବାଗ, ଆତ୍ତର୍ତ୍ତାଣ ଚିନ୍ଦା ଓ ସଞ୍ଜୀବ ଚିନ୍ଦା। ଅତିରିକ୍ତ ଏସ୍‌ପି ଆଲୋକ ଜେନା ଆଜି ସଦର ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ପୁଲିସ୍ ସୂଚନାନୁଯାୟୀ, ସିନଖମନ ମଦଭାଟି ନିକଟରେ ଗାଁର ବଳରାମ ବାରିକଙ୍କ ଏକ ତେଜରାତି ଦୋକାନ ଥିଲା। ଭାଟି କର୍ମଚାରୀମାନେ ଉକ୍ତ ଦୋକାନରୁ ସାମଗ୍ରୀ କିଣିଥା'ନ୍ତି। ଉକ୍ତ ଦୋକାନରେ ବଳରାମଙ୍କ ସ୍ତ୍ରୀ ମଧ୍ୟ ବସନ୍ତି। ତେବେ ଭାଟି ମ୍ୟାନେଜର୍ ବିଶାଳ ରଞ୍ଜନ କୁମାରଙ୍କ ସହ ତାଙ୍କର ଅନୈତିକ ସମ୍ପର୍କ ଗଢ଼ି ଉଠିଥିଲା ବଳରାମ ସନ୍ଦେହ କରିଥିଲା। ସ୍ତ୍ରୀଙ୍କ ମୋବାଇଲରୁ ସେ ଏହାର ପ୍ରମାଣ ମଧ୍ୟ ପାଇଥିଲା। ତେଣୁ, ମ୍ୟାନେଜର୍ ବିଶାଳଙ୍କୁ ହତ୍ୟା କରିବା ପାଇଁ ସେ ଯୋଜନା କରିଥିଲା। ଏଥିପାଇଁ ସେ ସୁନୀଲ, ଆତ୍ତର୍ତ୍ତାଣ ଓ ସଞ୍ଜୀବର ସାହାଯ୍ୟ ନେଇଥିଲା।

ଯୋଜନା ଅନୁସାରେ, ବଳରାମ ଫୋନ୍ କରି ବିଶାଳଙ୍କୁ ଏକ ଜାଗାକୁ ଡାକିଥିଲେ। କିନ୍ତୁ ବିଶାଳ ସେଠାକୁ ଯିବା ବଦଳରେ ଭାଟିର ଦୁଇ କର୍ମଚାରୀ ସାରଦା ଯାଦବ ଓ ବିକାଶ ବିଶିକୁ ପଠାଇ ଦେଇଥିଲେ। ସେଠାରେ ବଳରାମ ଓ ତା'ର ସହଯୋଗୀମାନେ ଦୁହିଁଙ୍କୁ ମାଡ଼ ମାରିଥିଲେ। ପରେ ସେମାନେ ସାରଦାଙ୍କୁ ଅଟକ ରଖି ବିକାଶଙ୍କୁ ବାଇକ୍ ଚାବି ଦେଇ ମ୍ୟାନେଜର୍ ବିଶାଳଙ୍କୁ ଡାକିବାକୁ କହିଥିଲେ। କିନ୍ତୁ ବିଶାଳ ନ ଆସିବାରୁ ରାଗରେ ଅଭିଯୁକ୍ତମାନେ ସାରଦାଙ୍କୁ ହତ୍ୟା କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ସଦର ଥାନା ଅଧିକାରୀ ରାଜ୍ୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

କୂଳ ଲଙ୍ଘିଲା ସମୁଦ୍ର

# ସମୁଦ୍ର ଗର୍ଭରେ ଲୀନ ହେବ ହବାଲିଖଟି



**ରାଜନଗର, ୨୫।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ଥିବା ବିଶ୍ୱପ୍ରସିଦ୍ଧ ଭିତରକନିକା ନିକଟରେ ଥିବା ହବାଲିଖଟିରେ କୂଳ ଲଙ୍ଘିଛି ସମୁଦ୍ର। ଭିତରକନିକାର ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହବାଲିଖଟି ନେଚର କ୍ୟାମ୍ପର କଟେଜ ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ ଭୁଶୁଡ଼ି ପଡ଼ିଛି। ଫଳରେ ପର୍ଯ୍ୟଟକଙ୍କୁ ହବାଲିଖଟିକୁ ବାରଣ କରାଯାଇଛି।

ଦେଶବିଦେଶର ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ଥିଲା ହବାଲିଖଟି ନେଚର କ୍ୟାମ୍ପ। ଗତବର୍ଷ ବାତ୍ୟା 'ଦାନା' ମାଡ଼ରେ କିଛି କଟେଜ୍ ନଷ୍ଟ ହୋଇଯାଇଥିଲା। ଗତବର୍ଷ ବାତ୍ୟା 'ଦାନା'ର ତାଣ୍ଡବରେ ବଙ୍ଗୋପସାଗର ତଟବର୍ତ୍ତୀ ଗହୀରମଥା ସନ୍ନିକଟରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ପାଇଁ ବନବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ନେଚର କ୍ୟାମ୍ପରେ ଥିବା କଟେଜ ଛାରଖାର୍ ହୋଇଯାଇଥିଲା। ସେତେବେଳେ ପାଣିପାଗ ବିଭାଗର ସଠିକ୍ ଆକଳନ ଅନୁସାରେ ବାତ୍ୟା ଦାନା ହବାଲିଖଟିରେ ହିଁ ତାର ପ୍ରଥମ ତାଣ୍ଡବ ଆରମ୍ଭ କରିଥିଲା। ପ୍ରଚଣ୍ଡ ବେଗରେ ପବନ ସାଙ୍ଗକୁ ସାମୁଦ୍ରିକ ଜୁଆର ନେଚର କ୍ୟାମ୍ପକୁ ଏକପ୍ରକାର ମାଟିରେ ମିଶାଇ ଦେଇଥିଲା। ନେଚର କ୍ୟାମ୍ପରେ ନିର୍ମାଣ କରାଯାଇଥିବା କଟେଜ ଭାଙ୍ଗୁରୁଜି ଯିବା ସହ କଟେଜ୍ ତଳୁ ୧୦ଫୁଟ୍‌ର ମାଟି ଧୋଇ ନେଇଯାଇଥିଲା। ହବାଲିଖଟିରେ ଥିବା ବିଭିନ୍ନ ଲୁଣାଜାତୀୟ ଗଛ ମଧ୍ୟ ଭାଙ୍ଗିଦେଇଥିଲା। ଏବେ, ସମୁଦ୍ର ଅଶାନ୍ତ ଥିବାରୁ ଉଚ୍ଚଉଚ୍ଚ ଜୁଆର ଉଠି ପ୍ରତିଦିନ ନେଚର୍ସ କ୍ୟାମ୍ପ କଟେଜ୍‌ରେ ମାଡ଼ ହୋଇ ପାଣି ଜମିଥିବାରୁ କଟେଜ୍ ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି। ଫଳରେ, ଏବେ ପର୍ଯ୍ୟଟକଙ୍କ ରହଣି ଉପରେ ବନ ବିଭାଗ ପକ୍ଷରୁ ସ୍ଥଗିତ ରଖାଯାଇଛି।

# କାଠଫା ଜଙ୍ଗଲରେ ମାଓ କ୍ୟାମ୍ପ

**ବିସ୍ଫୋରକ ଜବତ, ମାଓବାଦୀ ଚମ୍ପଟ**

**ନୂଆପଡ଼ା,୨୫।୭ (ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ୍ ଥାନା କାଠଫା ଛତାପାଣି ଜଙ୍ଗଲରୁ ଆଜି ଯବାନମାନେ ଏକ ମାଓକ୍ୟାମ୍ପ ଠାବ କରିବା ସହ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଛନ୍ତି। ତେବେ, ଯବାନମାନେ ପହଞ୍ଚିବା ପୂର୍ବରୁ ମାଓବାଦୀମାନେ ଘଟଣାସ୍ଥଳରୁ ଖସିଯାଇଛନ୍ତି। ଜବତ ବିସ୍ଫୋରକ ଓ ସାମଗ୍ରୀ ମଧ୍ୟରେ ଗୋଟିଏ ଦେଶୀ ବନ୍ଧୁକ, ୨୪ଟି ଗୁଳି, ୧୦ଟି ଜେଲୋଟିନ୍ ଷ୍ଟିକ୍, ୩ଟି ଇଲେକ୍ଟ୍ରିକ୍ ଡିଟୋନେଟର୍, ୫୦ ଗ୍ରାମ୍ ଗନ୍‌ପାଉଡର୍, ୨ଟି ସୋଲାର୍ ପ୍ଲେଟ୍, ୱାକିଟକି, ମୋବାଇଲ ଚାର୍ଜର୍, ହେୟାର ଟ୍ରିମର୍, ୱାୟାରକଟର୍, ବ୍ୟାଟେରୀ, ଛତା, ଚପଲ ସହ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ରହିଛି। ତେଣୁ, ଜଙ୍ଗଲରେ ଆଉ କିଛି ମାଓବାଦୀଙ୍କ ଉପସ୍ଥିତି ସନ୍ଦେହରେ କମ୍ବିଂ ଅପରେସନ୍‌କୁ ଜୋରଦାର୍ କରାଯାଇଥିବା ନୂଆପଡ଼ା ଏସ୍‌ପି ଜି.ଆର୍ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

ଗୋଟିଏ ପରେ ଗୋଟିଏ ବଡ଼ ଅପରେସନ୍ ଯୋଗୁଁ ପଡ଼ୋଶୀ ଛତିଶଗଡ଼ରୁ ମାଓବାଦୀମାନେ ଜୀବନ ବିକଳରେ ସୀମା ଡେଇଁ ଓଡ଼ିଶାକୁ ଚାଲି ଆସିଛନ୍ତି। କିଛି ମାଓବାଦୀ ନୂଆପଡ଼ା ଜିଲ୍ଲା ସୀମାନ୍ତ ସୁନାବେଡ଼ା ଅଭୟାରଣ୍ୟର କାଠଫାର ଛତାପାଣି ଜଙ୍ଗଲ ଅଞ୍ଚଳରେ ଲୁଚି ରହିଥିବା ଖବର ପାଇ ଏସ୍‌ପି ଶ୍ରୀ ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ଡିଭିଏଫ୍ ଏବଂ ସିଆର୍‌ପିଏଫ୍ ବାଟାଲିୟନ୍-୧୯ର ଯବାନମାନେ ଜଙ୍ଗଲରେ କମ୍ବିଂ ଅପରେସନ୍ କରିଥିଲେ। ହେଲେ, ଏ ସଂପର୍କରେ ଆଗୁଆ ଖବର ପାଇ ମାଓବାଦୀମାନେ ସେଠାରୁ ଖସି ପଳାଇଥିଲେ। ପୁଲିସ୍ ଖାନତଲାସି କରି ସେଠାରୁ ଏହି ମାଓକ୍ୟାମ୍ପ ଠାବ କରିଥିଲା।

# ବଜ୍ରପାତରେ ଚାଷୀ ମୃତ

**ବହଳଦା, ୨୫।୭ (ସମିସ):** ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ କାଦୁଆଣି ଗ୍ରାମର ପରେଶ ଚନ୍ଦ୍ର ମହାନ୍ତ (୬୫)ଙ୍କ ଆଜି ବଜ୍ରପାତରେ ମୃତ୍ୟୁ ହୋଇଛି। ସେ ଆଜି ଅପରାହ୍ଣରେ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଏହି ଅଘଟଣ ଘଟିଛି। ଦୀର୍ଘ ସମୟ ଧରି ସେ ବିଲରେ ସେମିତି ନିଶ୍ଚଳ ଅବସ୍ଥାରେ ପଡ଼ି ରହିଥିଲେ ହେଁ ଆଖପାଖ ବିଲରେ କାମ କରୁଥିବା ଲୋକେ ଏ ସଂର୍କରେ ଜାଣି ପାରିନଥିଲେ। କାମ ସାରି ଫେରିବା ବେଳକୁ ଏହା ଦେଖି ତାଙ୍କ ପରିବାରକୁ ଜଣାଇଥିଲେ। ପରିବାରଲୋକେ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବହଳଦା ପୁଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

# ପୋଖରୀ ତୁଠରେ ଯୁବତୀଙ୍କୁ ଅସଦାଚରଣ; ୪ ଗିରଫ



**ନୀଳଗିରି, ୨୫।୭ (ସମିସ):** ପୋଖରୀ ତୁଠରେ ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ବରହମପୁର ପୁଲିସ୍ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଶଙ୍କରା ହେମ୍ବ୍ରମ୍ (୨୧), ବାସୁ ହେମ୍ବ୍ରମ (୨୬), ଠୁଲୁକାଏ ମୁର୍ମୁ (୩୦) ଓ ସାମ୍ନା କିସ୍କୁ (୩୦)। ସୂଚନାନୁଯାୟୀ, ଗତ ୨୪ ତାରିଖ ଦିନ ପ୍ରାୟ ୧ଟାରେ ଛତ୍ରପୁର ପଞ୍ଚାୟତ ଅଞ୍ଚଳର ଜଣେ ୨୦ବର୍ଷୀୟା ଯୁବତୀ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେ ତୁଠରେ ବସି ଲୁଗାସଫା କରୁଥିବା ବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲେ। ଯୁବତୀଜଣଙ୍କ ପାଟି କରିବାରୁ ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ। ଆଜି ଯୁବତୀଙ୍କ ପରିବାରଲୋକ ଏ ସଂପର୍କରେ ଥାନାରେ ଅଭିଯୋଗ କରିବାରୁ ଆଇଆଇସି ପ୍ରେମଦା ନାୟକ ଘଟଣାକୁ ଗୁରୁତ୍ୱର ସହ ନେଇ ୪ଯୁବକଙ୍କୁ ଗିରଫ କରିଥିଲେ। ତଦନ୍ତକାରୀ ଅଫିସର୍ ନନ୍ଦକିଶୋର ବିଶ୍ୱାଳ ସେମାନଙ୍କୁ କୋର୍ଟଚାଲାଣ କରିଛନ୍ତି। ଏନେଇ ଥାନାରେ ନମ୍ବର ୯୩/୨୫ରେ ଏକ ମାମଲା ରୁଜୁ ହୋଇଛି।

ନିଟ୍ ପରୀକ୍ଷା ଫଳାଫଳକୁ ନେଇ ଦ୍ୱନ୍ଦ୍ୱ

# ୱେବସାଇଟ୍‌ରେ ପ୍ରଥମେ ୫୪୦, ପରେ ୯୦ ମାର୍କ



**ମାନସିକ ଚାପରେ ଛାତ୍ରୀ**

**ପରିବାରଲୋକଙ୍କ ଆତ୍ମାହୁତି ଚେତାବନୀ**

**ପାଟଣାଗଡ଼, ୨୫।୭ (ସମିସ):** ଡାକ୍ତର ହେବାର ସ୍ୱପ୍ନକୁ ବାସ୍ତବ କରିବା ପାଇଁ ଦିନରାତି ଏକ କରିଦେଇଥିଲେ। ନିଟ୍ ପରୀକ୍ଷା ଦେଇଥିଲେ। ଆଶା ମୁତାବକ ଫଳ ବି ମିଳିଥିଲା। ପରୀକ୍ଷା ଫଳ ପ୍ରକାଶ ଦିନ ୱେବ୍‌ସାଇଟ୍‌ରେ ତାଙ୍କର ୫୪୦ ମାର୍କ ରହିଥିବା ଦେଖିଥିଲେ। ତାଙ୍କର ଏହି ସଫଳତା ଦେଖି ବାପା-ମା'ଙ୍କ ଆଖି ବି ଆନନ୍ଦାଶ୍ରୁରେ ଭରି ଯାଇଥିଲା। ସାଙ୍ଗସାଥୀ, ବନ୍ଧୁବାନ୍ଧବଙ୍କୁ ଖୁସିରେ ମିଠା ବାଣ୍ଟିଥିଲେ। କିନ୍ତୁ, କାଉନସେଲିଂ ପାଇଁ ଯିବା ବେଳକୁ ତାଙ୍କର ସବୁ ଖୁସି ପାଣିଫୋଟକା ପରି ମିଳେଇ ଯାଇଥିଲା। ସେତେବେଳେ ୱେବସାଇଟ୍‌ରେ ତାଙ୍କର ମାତ୍ର ୯୦ ମାର୍କ ରହିଥିବା ଦେଖି ତାଙ୍କ ପାଦ ତଳୁ ସତେଯେମିତି ମାଟି ଖସି ଯାଇଥିଲା। ଏବେ ଛାତ୍ରୀଜଣଙ୍କ ଗଭୀର ମାନସିକ ଚାପରେ। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସହରର ବ୍ରହ୍ମପୁରା ନିବାସୀ ବିଜୟାନନ୍ଦ ଦାସଙ୍କ ଝିଅ ପ୍ରିୟାଂଶୀ ପ୍ରିୟଦର୍ଶିନୀ ଦାସଙ୍କ କ୍ଷେତ୍ରରେ ଏଭଳି ଏକ ବଡ଼ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ନିଟ୍ କର୍ତ୍ତୃପକ୍ଷଙ୍କ ଭୁଲ୍ ଯୋଗୁଁ ତାଙ୍କ ଝିଅର ସ୍ୱପ୍ନ ଚୂରମାର୍ ହୋଇଯାଇଛି ବୋଲି ତାଙ୍କ ବାପା ବିଜୟାନନ୍ଦ ଅଭିଯୋଗ କରିଛନ୍ତି। ଏପରିକି, ଉଚିତ ନ୍ୟାୟ ନ ମିଳିଲେ ସେ ସପରିବାରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

ବିଜୟାନନ୍ଦଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଝିଅ ପ୍ରିୟାଂଶୀ ଚଳିତବର୍ଷ ନିଟ୍ ମେଡିକାଲ ପ୍ରବେଶିକା ପାଇଁ ପରୀକ୍ଷା ଦେଇଥିଲେ। ଗତ ୧୪ ଜୁନ୍‌ରେ ଏହାର ପରୀକ୍ଷାଫଳ ପ୍ରକାଶ ପାଇଥିଲା ଏବଂ ଏନଟିଏ ନିଟ୍ ୱେବସାଇଟ୍‌ରୁ ସେ ମାର୍କ ଡାଉନଲୋଡ କରିଥିଲେ। ସେଥିରେ ତାଙ୍କର ୫୪୦ ମାର୍କ ଥିବା ଦେଖିବାକୁ ପାଇଥିଲେ। ହେଲେ, ଗତ ୨୨ ତାରିଖରେ ମେଡିକାଲ କାଉନସେଲିଂ ପାଇଁ ରେଜିଷ୍ଟ୍ରେସନ୍ ସମୟରେ ତାଙ୍କ ରୋଲ ନଂ ଏବଂ ଏପ୍ଲିକେସନ ନଂ ୱେବସାଇଟ୍‌ରେ ନେଇନଥିଲା। ପୁଣି ତାର ସ୍କୋର କାର୍ଡ ଡାଉନଲୋଡ୍ କରିବାରୁ ସେଥିରେ ମାର୍କ ମାତ୍ର ୯୦ ଦେଖାଇଥିଲା। ବିଜୟାନନ୍ଦ କହିଛନ୍ତି, ତାଙ୍କ ଝିଅ ଜଣେ ମେଧାବୀ ଏବଂ ସେ ପରୀକ୍ଷା ଫଳ ପ୍ରକାଶ ପୂର୍ବରୁ ହିଁ ନିଜେ ଆକଳନ କରି ୫୪୦ ମାର୍କ ସ୍କୋର୍ କରିଥିବା ଦୃଢ଼ତାର ସହିତ କହିଥିଲେ। ଜୁନ୍ ୩ ତାରିଖ ଦିନ ନିଟ୍ କର୍ତ୍ତୃପକ୍ଷଙ୍କ ତରଫରୁ ଓଏମଆର ସିଟ୍‌ର କପି ମେଲ୍‌ରେ ଆସିବା କଥା କିନ୍ତୁ ତାହା ମଧ୍ୟ ବର୍ତ୍ତମାନ ସୁଦ୍ଧା ଆସିନାହିଁ। ଏଣୁ ଏହି ଘଟଣାରେ ନିଟ୍ କର୍ତ୍ତୃପକ୍ଷ ଘୋର୍ ଅନିୟମିତତା କରିଥିବା ସନ୍ଦେହ ହେଉଛି। ଝିଅର ରୋଲ ନଂ ଏବଂ ଆପ୍ଲିକେସନ ନଂ ସହିତ କୌଣସି ଠକାମୀ କରାଯାଇଛି। ମୋ ଝିଅ ପ୍ରତି ଅନ୍ୟାୟ ହୋଇଛି ଏବଂ ଜଣେ ମେଧାବୀ ଛାତ୍ରୀର କ୍ୟାରିୟରକୁ ନଷ୍ଟ କରିଦିଆଯାଇଛି। ତେଣୁ ମୋ ଝିଅକୁ ନ୍ୟାୟ ନ ମିଳିଲେ, ମୁଁ ଏବଂ ମୋ ପରିବାର ଆତ୍ମାହୁତି ଦେବାକୁ ବାଧ୍ୟ ହେବୁ ବୋଲି ବିଜୟାନନ୍ଦ ଗଣମାଧ୍ୟମକୁ କହିଛନ୍ତି। ଏହି ଘଟଣାରେ ରାଜ୍ୟ ସରକାର ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

# ଓଏଏସ୍ ସ୍ତରରେ ଅଦଳବଦଳ

**ରବୀନ୍ଦ୍ର ସେଠୀ କେବିକେ ଯୁଗ୍ମ ପ୍ରଶାସକ**

**ସୂରଜ ପଟ୍ଟନାୟକ ସୁନ୍ଦରଗଡ଼ ଏଡ଼ିଏମ୍**

**ଭୁବନେଶ୍ୱର,୨୫।୭ (ସମିସ):** ରାଜ୍ୟ ସରକାର ଓଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ପଦ୍ମନାଭ ସାମନ୍ତରାୟଙ୍କୁ ଟିଟିଲାଗଡ଼ରେ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ବିନୟ କୁମାର ଭୋଇଙ୍କୁ ବୌଦ୍ଧ ଉପଜିଲ୍ଲାପାଳ, ଦାଶରଥୀ ସରାବୁଙ୍କୁ ବ୍ରହ୍ମପୁର ଆର୍‌ଆଇସିର ଆଞ୍ଚଳିକ ପ୍ରବନ୍ଧକ ଭାବରେ ଅବସ୍ଥାପିତ କରାଯାଇଛି। ସୁରଜ କୁମାର ପଟ୍ଟନାୟକଙ୍କୁ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ, ଚାର୍ଲସ ନାୟକଙ୍କୁ ବାଲେଶ୍ୱର ଉପଜିଲ୍ଲାପାଳ, ମଣି ପ୍ରସାଦ ମିଶ୍ରଙ୍କୁ ଆନନ୍ଦପୁର ଅତିରିକ୍ତ ଉପଜିଲ୍ଲାପାଳ, ଚାନ୍ଦିନୀଙ୍କୁ ପାନପୋଷ ଅତିରିକ୍ତ ଉପଜିଲ୍ଲାପାଳ, ପଲ୍ଲବୀରାଣୀ ରାଜ ଯାଜପୁରରେ ଅତିରିକ୍ତ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଛନ୍ତି। ସନ୍ଧ୍ୟାଞ୍ଜଳି ମାଝି କେନ୍ଦ୍ରାପଡ଼ାରେ ଅତିରିକ୍ତ ଉପଜିଲ୍ଲାପାଳ, ରୀନା କୁମାରୀ ନାୟକ ବ୍ରହ୍ମପୁର ଅତିରିକ୍ତ ଉପଜିଲ୍ଲାପାଳ, ପ୍ରଧାନ ତୁଲି ଆମ୍ଭା ଭଞ୍ଜନଗର ଅତିରିକ୍ତ ଉପଜିଲ୍ଲାପାଳ ଓ ପ୍ରମୋଦ କୁମାର ନାୟକ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଛନ୍ତି।

ସେହିପରି ଶିବନାରାୟଣ ସାହୁଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଉପ ମହାନିର୍ଦ୍ଦେଶକ, ସୁଧାକର ସାହୁଙ୍କୁ ଏସ୍‌ଟି ଓ ଏସ୍‌ସି ବିଭାଗ ରିସର୍ଚ୍ଚ ତାଲିମ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ, ସୁଷମା ବାରିକଙ୍କୁ ଏସ୍‌ଟି ଓ ଏସ୍‌ସି ଉନ୍ନୟନ ବିଭାଗ ଅତିରିକ୍ତ ସଚିବ, ସରୋଜ କୁମାର ରାଉତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅତିରିକ୍ତ ସଚିବ, ପ୍ରଭାତ କୁମାର ମହାପାତ୍ରଙ୍କୁ ଓଏସ୍‌ସିଏସ୍‌ସି ଜେନେରାଲ୍ ମ୍ୟାନେଜର, ରବୀନ୍ଦ୍ର କୁମାର ସେଠୀଙ୍କୁ କେବିକେ (କୋରାପୁଟ) ଯୁଗ୍ମ ପ୍ରଶାସକ ଭାବେ ନିଯୁକ୍ତି ମିଳିଛି। ବବିତାରାଣୀ ଦଳବେହେରାଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ, ଧରିତ୍ରୀ ମିଶ୍ରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ସଚିବ, ସଞ୍ଜୟ କୁମାର ପ୍ରତିହାରୀଙ୍କୁ କାରାଗାର ନିର୍ଦ୍ଦେଶାଳୟର ଅତିରିକ୍ତ ଆଇଜ, ସୂର୍ଯ୍ୟସ୍ମିତା ସାହୁଙ୍କୁ ବୟନିକାର ଜେନେରାଲ୍ ମ୍ୟାନେଜର, ତରଣି ସୁନାଙ୍କୁ ବଲାଙ୍ଗିର ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ନୂପୁର ଛନ୍ଦଗୋଟିଆଙ୍କୁ ପୂର୍ତ୍ତ ବିଭାଗ ଉପସଚିବ ଭାବେ ବଦଳି କରାଯାଇଛି।

ବିକଶିତ ହେବ ବାରିପଦା ସହରାଞ୍ଚଳ

# ଗଠନ ହେବ ଯୁଗ୍ମ ଟେକ୍ନିକାଲ୍ କମିଟି

**ଭୁବନେଶ୍ୱର, ୨୫।୭ (ସମିସ):** ଉତ୍ତର ଓଡ଼ିଶାର ପ୍ରମୁଖ ସହର ବାରିପଦାକୁ ଉନ୍ନତ ସହରୀ ଭିତ୍ତିଭୂମି ଯୋଗାଇ ଦେବାକୁ ଲୋକସେବା ଭବନ ପରିସରରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିପଦା ସହର ପାଇଁ ଏକ ଯୁଗ୍ମ ଟେକ୍ନିକାଲ୍ କମିଟି ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି କମିଟି ବାରିପଦାର ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ରହିବେ। ତଥ୍ୟ ସଂଗ୍ରହ, ଭୂ-ଉପଯୋଗ, ଭୌଗୋଳିକ ମ୍ୟାପିଂ, ଯୋଜନାର ସମନ୍ୱୟ କରି ଏକ ଭବିଷ୍ୟତ ନକ୍ସା ପ୍ରସ୍ତୁତ କରାଯିବ। ଭବିଷ୍ୟତ ଜନସଂଖ୍ୟାକୁ ଧ୍ୟାନରେ ରଖି ଭୂମି ଉପଯୋଗ ଯୋଜନା, ରେଳ ଓ ରାଜପଥ ସଂଯୋଗ ସହ ସହରର ଯାତାୟାତ ଓ ଗତିଶୀଳତା, ପାନୀୟଜଳ, ଆବାସ ଯୋଜନା ଓ ଆବଶ୍ୟକ ପୂର୍ବକ ଅବସ୍ଥାପନା, ବାରିପଦାର ସାଂସ୍କୃତିକ ଓ ପ୍ରାକୃତିକ ପରିଚୟକୁ ରକ୍ଷା କରିବା ପାଇଁ ଇକୋ-ସେନ୍‌ସିଟିଭ ଜୋନିଂ କରିବା ସହିତ 'ରାଜ୍ୟର ବିକଶିତ ଓଡ଼ିଶା ୨୦୩୬' ଦୃଷ୍ଟିକୋଣରେ ନିୟୋଜିତ ଏବଂ ସମନ୍ୱିତ ଉନ୍ନତି ଉପରେ ଗୁରୁତ୍ୱାରୋପ କରାଯାଇଛି।

ବୈଠକରେ ଅଧ୍ୟକ୍ଷତା କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ବାରିପଦାକୁ ଏକ ଆଧୁନିକ, ସୁବ୍ୟବସ୍ଥିତ ଓ ଅନୁକୂଳ ସହର ଭାବେ ବିକାଶିତ କରାଯିବ। ଏହି ପ୍ରକ୍ରିୟାରେ ଜନସାଧାରଣଙ୍କ ଅଂଶଗ୍ରହଣ ଓ ପାରଦର୍ଶିତାକୁ ସୁନିଶ୍ଚିତ କରାଯିବ ବୋଲି ସେ କହିଥିଲେ। ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ ବାରିପଦା ସହର ବିକାଶ ଗୁରୁତ୍ୱ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-କମ୍-ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ଭାରତୀୟ ରେଳ, ଜାତୀୟ ରାଜପଥ ସମେତ ନଗର ଯୋଜନା ବିଶେଷଜ୍ଞମାନେ ଓ ଅନ୍ୟାନ୍ୟ ବିଭାଗର ପଦସ୍ଥ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ୮୬୯.୮ କୋଟିର ପ୍ରସ୍ତାବକୁ ଅନୁମୋଦନ

**ଭୁବନେଶ୍ୱର, ୨୫।୭ (ସମିସ):** ରାଜ୍ୟରେ ୮୬୯.୮ କୋଟି ଟଙ୍କା ବିନିଯୋଗରେ ମୋଟ ୧୭୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ କରିବା ପାଇଁ ସରକାର ଅନୁମୋଦନ ଦେଇଛନ୍ତି। ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱାଦଶ ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରିଡ୍‌କୋ ଏବଂ ଓଏଚ୍‌ପିସିର ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା (ଆର୍‌ଇଏନ୍‌ଏ)ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ଏହି ବୈଠକରେ ଉପସ୍ଥାପନ କରିଥିଲେ। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁରରେ ପ୍ରୋଜିଏଲ୍ ଗ୍ରୀନ ଏନର୍ଜି ଲିମିଟେଡ ଦ୍ୱାରା ୬୯.୫ ମେଗାୱାଟ୍ ସୋଲାର୍ ପାର୍କ, କେନ୍ଦୁଝର ଜିଲ୍ଲାର ତେଲକୋଇ ଠାରେ ଆଇନକ୍ସ୍ ସୋଲାର୍ ଲିମିଟେଡ୍ ଦ୍ୱାରା ୪୯.୫ ମେଗାୱାଟ୍ ସୋଲାର୍ ପ୍ରକଳ୍ପ, ଝାରସୁଗୁଡ଼ାର ଲଖନପୁରଠାରେ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ୧୦ ମେଗାୱାଟ୍‌ର ସୋଲାର୍ ପ୍ରକଳ୍ପ ଓ ନବରଙ୍ଗପୁର ପାପଡ଼ାହାଣ୍ଡିରେ ଏନ୍‌ଏଲ୍‌ସି ଦ୍ୱାରା ପବନ ଶକ୍ତି ପ୍ରକଳ୍ପ ଆଦି ରହିଛି। ଏହି ପ୍ରକଳ୍ପଗୁଡ଼ିକ ସମେତ ଏପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ କମିଟି ମାଧ୍ୟମରେ ମୋଟ ୧,୮୪୪.୮୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ମୋଟ ୧୨,୫୯୯.୭୯ କୋଟିର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଅନୁମୋଦନ ଲାଭ କରିଛି।

ଫକୀରମୋହନ ଛାତ୍ରୀ ଆତ୍ମଦାହ ଘଟଣା

# କ୍ରାଇମ୍‌ବ୍ରାଞ୍ଚର ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା



**ଶେଷଥର ଗତକାଲି କଲେଜକୁ ଯାଇ ତନାଘନା କରିଥିଲା**

**ଇଷ୍ଟ-କ୍ୟାମ୍ପସ୍ ପିଲାଙ୍କୁ ପଚରାଉଚରା**

**ବିଏଡ୍ ସହ ଅନ୍ୟ ବିଭାଗ ଛାତ୍ରଛାତ୍ରୀଙ୍କଠାରୁ ତଥ୍ୟ ସଂଗ୍ରହ**

**ବାଲେଶ୍ୱର, ୨୫।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ଉପରୁ ଖୁବ୍‌ଶୀଘ୍ର ପରଦା ହଟିପାରେ। ୟୁଜିସି ଏବଂ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ଟିମ୍ ତଦନ୍ତ କରି ଫେରିଥିବା ବେଳେ କ୍ରାଇମବ୍ରାଞ୍ଚର ତଦନ୍ତ ଗତକାଲି ଆପାତତଃ ସରିଥିବା କୁହାଯାଉଛି। ଗତକାଲି ସୁଦ୍ଧା ଲଗାତାର ୮ ଦିନ ଧରି କ୍ରାଇମବ୍ରାଞ୍ଚର ଟିମ୍ କଲେଜ ଓ ଆଖପାଖ ଅଞ୍ଚଳରେ ତଦନ୍ତ କରିବା ସହ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ତଥ୍ୟ ସଂଗ୍ରହ କରିଥିଲା। କିନ୍ତୁ ଆଜି ତଦନ୍ତକାରୀ ଟିମ୍ କଲେଜ ମାଟି ମାଡ଼ି ନଥିବା ଭାରପ୍ରାପ୍ତ ଅଧ୍ୟକ୍ଷ କହିଛନ୍ତି। ଶେଷଥର ପାଇଁ ଗତକାଲି ଏହି ତଦନ୍ତକାରୀ ଟିମ୍ କଲେଜକୁ ଯାଇ ଇଷ୍ଟକ୍ୟାମ୍ପସ୍‌ରେ ଥିବା ପିଲାମାନଙ୍କୁ ପଚରାଉଚରା କରିଥିଲେ ବୋଲି ସେ କହିଛନ୍ତି। ତେଣୁ, ଖୁବ୍‌ଶୀଘ୍ର ତଦନ୍ତ ରିପୋର୍ଟ ପଦାକୁ ଆସିପାରେ ବୋଲି କୁହାଯାଉଛି।

ଶେଷଥର ପାଇଁ ଗତକାଲି କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ କଲେଜ ପାଖ ଅଞ୍ଚଳରେ ତନାଘନା କରିବା ପରେ କଲେଜକୁ ଯାଇଥିଲା। ପ୍ରଥମେ କଲେଜ ଅଧ୍ୟକ୍ଷଙ୍କ ଚାମ୍ବରକୁ ଯିବା ପରେ ଇଷ୍ଟ କ୍ୟାମ୍ପସ୍‌କୁ ଯାଇଥିଲା। ଇଷ୍ଟ କ୍ୟାମ୍ପସ୍‌ରେ ବିଏଡ୍ ବିଭାଗ ସହ ଅନ୍ୟ ବିଭାଗ ମଧ୍ୟ ରହିଛି। ସେଠାରେ କ୍ରାଇମବ୍ରାଞ୍ଚ ବିଏଡ୍ ଛାତ୍ରଛାତ୍ରୀଙ୍କ ସହ ଅନ୍ୟ ପିଲାମାନଙ୍କୁ ମଧ୍ୟ ପଚରାଉଚରା କରିଥିବା ଜଣାପଡ଼ିଛି। ସେମାନଙ୍କଠୁ ଘଟଣା ବାବଦରେ ଅଧିକ ତଥ୍ୟ ଯୋଗାଡ଼ କରିଛି। ମୃତ ସୌମ୍ୟାଶ୍ରୀ ବିଏଡ୍ ବିଭାଗ ଛାତ୍ରୀ ହୋଇଥିବାରୁ ଉକ୍ତ ବିଭାଗର ଛାତ୍ରଛାତ୍ରୀଙ୍କୁ ମଧ୍ୟ ପଚରାଉଚରା କରାଯାଇଛି।

ପ୍ରକାଶଥାଉ କି, ଗତ ରବିବାର ଦିନ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମହାବିଦ୍ୟାଳୟରେ ପାଖାପାଖି ତିନି ଘଣ୍ଟା ଧରି ତଦନ୍ତ କରିବା ପରେ ଆଇଜି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ବିଶେଷକରି ତଦନ୍ତ ବେଳେ କ୍ରାଇମବ୍ରାଞ୍ଚ ଗୁଡ଼ିଏ ତଥ୍ୟ ସଂଗ୍ରହ କରିଛି। ଘଟଣା ବାବଦରେ ବହୁତ କିଛି ଲିଡ୍ ମଧ୍ୟ ମିଳିଥିବା କଥା ସେ ପ୍ରକାଶ କରିଥିଲେ। ଏହି ଘଟଣାରେ ବହୁ ଜଣ ସାକ୍ଷୀ ରହିଛନ୍ତି। ସାକ୍ଷୀମାନଙ୍କ ବୟାନ ଘଟଣା ପୂର୍ବରୁ ଏବଂ ପରର ସଂଗ୍ରହ ହୋଇଥିଲା। ସମସ୍ତ ସିସିଟିଭି ଫୁଟେଜ୍ ସଂଗ୍ରହ କରାଯାଇଛି। ପ୍ରତ୍ୟକ୍ଷଦର୍ଶୀ, କମିଟି ସଦସ୍ୟ, ବୈଠକର ଥିବା ସମସ୍ତଙ୍କ ମତ ସଂଗ୍ରହ କରାଯାଇଛି। ଫାଇନାଲ୍ ରିପୋର୍ଟରେ ସବୁ ରହିବ ବୋଲି ସେ ସୂଚନା ଦେଇଥିଲେ।

## ଅଧ୍ୟାପକ ସମୀରଙ୍କ ଜାମିନ ଆବେଦନ ଖାରଜ

**ଭିସି ମାଧ୍ୟମରେ କୋର୍ଟରେ ହାଜର**

**ଅଧିକ ୧୪ ଦିନ ଜେଲ୍ ଅବଧି ବୃଦ୍ଧି**

**ବାଲେଶ୍ୱର, ୨୫।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ଗିରଫ ହୋଇଥିବା ଅଧ୍ୟାପକ ସମୀର ସାହୁଙ୍କ ଆଜି ଜାମିନ ଆବେଦନ ଖାରଜ ହୋଇଯାଇଛି। ଏଥିସହ ତାଙ୍କର ବିଚାର ବିଭାଗୀୟ ହାଜତ ଅବଧିକୁ ଆଉ ୧୪ ଦିନ ବଢ଼ାଇ ଦିଆଯାଇଛି। ଆଜି ସମୀର ଭିଡିଓ କନ୍‌ଫରେନ୍ସ ଜରିଆରେ କୋର୍ଟରେ ହାଜର ହୋଇଥିଲେ। ତେବେ ଏସ୍‌ଡିଜେଏମ୍ କିଶୋର କୁମାର ନାଥ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

ପ୍ରକାଶ ଥାଉ କି, ସମୀର ସାହୁ ମହାବିଦ୍ୟାଳୟ ବିଏଡ୍ ବିଭାଗର ବିଭାଗୀୟ ମୁଖ୍ୟ (ଏଚ୍‌ଓଡି) ଥିଲେ। ଛାତ୍ରୀ ସୌମ୍ୟାଶ୍ରୀ ବିଶି ତାଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଥିଲେ। ମାତ୍ର ଏନେଇ କଲେଜରୁ ତାଙ୍କୁ ନ୍ୟାୟ ନମିଳିବାରୁ ଗତ ୧୨ତାରିଖରେ ସେ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ନିଜକୁ ନିଆଁ ଲଗାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ଦିନ ସମୀରଙ୍କୁ ଗିରଫ କରାଯିବା ସହ ଚାକିରିରୁ ନିଲମ୍ବନ କରାଯାଇଥିଲା। ଆଜି ତାଙ୍କର ୧୪ଦିନିଆ ବିଚାର ବିଭାଗୀୟ ଅବଧି ଶେଷ ହୋଇଥିଲା।



## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ପାରିବାରିକ ମତଭେଦ ଦୂର ହେବ।

**ବୃଷ:** ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଘର ପାଇଁ ନୂଆ ଜିନିଷ କିଣିବେ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦିନଟିରେ ଖୁସି ରହିବେ। ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ଗୀତ, ନାଚରେ ସମୟ ଅତିବାହିତ କରିବେ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୭୬-କଲିକତାରେ ଇଣ୍ଡିଆନ୍ ଆସୋସିଏସନ୍‌ର ପ୍ରତିଷ୍ଠା।
- ୧୯୪୫- ବ୍ରିଟେନର ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ ନିଜ ପଦରୁ ଇସ୍ତଫା ଦେଲେ।
- ୧୯୯୭- ଶ୍ରୀଲଙ୍କା ଏସିଆ କପ୍ କ୍ରିକେଟ୍ ଜିତିଲା।
- ୨୦୦୮ - ଅହମ୍ମଦାବାଦରେ ହୋଇଥିବା ବୋମା ବିସ୍ଫୋରଣରେ ୫୬ ଜଣଙ୍କର ମୃତ୍ୟୁ ଓ ୨୦୦ରୁ ଅଧିକ ଲୋକ ଆହତ।
- ୨୦୨୨- ସିରିଆରେ ହିଂସା ଯୋଗୁଁ ଦିନକରେ ୨୦୦ ଲୋକଙ୍କ ପ୍ରାଣହାନି।



## କାରଗିଲ ବିଜୟ ଦିବସ

ଜୁଲାଇ ୨୬ ତାରିଖ, କାରଗିଲ ବିଜୟ ଦିବସ। ଭାରତୀୟ ଇତିହାସରେ ଏକ ସ୍ମରଣୀୟ ଦିନ। ପାକିସ୍ତାନ ବିରୋଧରେ ଭାରତୀୟ ସେନାର ବୀରତ୍ୱକୁ ମନେପକାଉଛି ସାରାଦେଶ। ୧୯୯୯ ମସିହା ଆଜିର ଦିନରେ ଭାରତ ପାକିସ୍ତାନକୁ ପରାଜିତ କରି କାରଗିଲରେ ବିଜୟ ଧ୍ୱଜା ଉଡ଼ାଇଥିଲା। କାରଗିଲରେ ଭାରତୀୟ ସୈନ୍ୟମାନେ ପାକିସ୍ତାନକୁ ଧୂଳି ଚଟେଇ ଦେଇଥିଲେ। କାରଗିଲ ଯୁଦ୍ଧ ୧୯୯୯ ମେ' ୩ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୨୬ ତାରିଖରେ ଶେଷ ହୋଇଥିଲା। ଯୋଜନାବଦ୍ଧ ଭାବେ ପାକିସ୍ତାନ ୧୯୯୮ରୁ ହିଁ ଯୁଦ୍ଧର ଆରମ୍ଭ କରିଥିଲା। ୫ ହଜାର ସୈନ୍ୟଙ୍କୁ କାରଗିଲ ଦଖଲ ପାଇଁ ପଠାଇଥିଲା ପାକିସ୍ତାନ। କାରଗିଲ ଯୁଦ୍ଧରେ ୫୦୦ରୁ ଅଧିକ ଭାରତୀୟ ଯବାନ ଶହିଦ ହୋଇଥିବାବେଳେ ପାକିସ୍ତାନ ହରାଇଥିଲା ୪୦୦୦ରୁ ଉର୍ଦ୍ଧ୍ୱ ସୈନିକ। ପାକିସ୍ତାନକୁ ମାତ୍ ଦେବା ପାଇଁ ଭାରତୀୟ ସୈନ୍ୟ ନିଜ ଜୀବନକୁ ଜଳାଞ୍ଜଳି ଦେଇଥିଲେ। ସମୁଦ୍ର ପତ୍ତନଠାରୁ ପ୍ରାୟ ୧୮ ହଜାର ଫୁଟ ଉଚ୍ଚ ଏବଂ ମାଇନସ୍ ୪୮ ଡିଗ୍ରୀ ସେଲସିଅସ୍ ତାପମାତ୍ରାରେ ଶତ୍ରୁସୈନ୍ୟର ମୁକାବିଲା କରିଥିଲା ଭାରତୀୟ ସେନା। ଦେଶ ପାଇଁ ଲଢ଼ି ଚାଲିଥିଲେ ଯବାନମାନେ। ସେତେବେଳେ ଏ ଯୁଦ୍ଧ ଟେଲିଭିଜନରେ ପ୍ରସାରିତ ହୋଇଥିଲା। କାରଗିଲ ବିଜୟ ଦିବସ ଅବସରରେ ସାରା ଦେଶ ବୀର ସହିଦମାନଙ୍କୁ ସେମାନଙ୍କର ଅଦମ୍ୟ ସାହସ ପାଇଁ ଶ୍ରଦ୍ଧାଞ୍ଜଳି ଦେଇଥାଏ।

## ଆଜି ଆସିଥିଲେ

### ସଂଗ୍ରାମୀ ମାଳତୀ ଚୌଧୁରୀ



ଜଣେ ଗାନ୍ଧିବାଦୀ ସମାଜସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବେ ମାଳତୀ ଚୌଧୁରୀ ଏକ ସୁପରିଚିତ ନାମ। ପାଠପଢ଼ା ସମୟରୁ ପରାଧୀନ ଭାରତର ମୁକ୍ତି ସଂଗ୍ରାମରେ ଯୋଗ ଦେଇ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସମାଜସେବାକୁ ବ୍ରତ ରୂପେ ସେ ପାଳନ କରିଥିଲେ। ମାଳତୀ ଚୌଧୁରୀ ୧୯୦୪ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ୧୬ ବର୍ଷ ବୟସରେ ରବୀନ୍ଦ୍ରନାଥଙ୍କ ପ୍ରତିଷ୍ଠିତ ବିଶ୍ୱଭାରତୀରେ ଯୋଗ ଦେବା ପରେ ତାଙ୍କ ଜୀବନଶୈଳୀ ବଦଳି ଯାଇଥିଲା। ସେଠାରେ ପଢୁଥିବା ସମୟରେ ଗାନ୍ଧିଜୀ ଓ ରବୀନ୍ଦ୍ରନାଥଙ୍କ ଆଦର୍ଶର ଗଭୀର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା। ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପାଇଁ ଆଗଭର ହୋଇ ଉଠିଥିଲେ। ମାଳତୀ ଚୌଧୁରୀ ଯୁବକ ନବକୃଷ୍ଣ ଚୌଧୁରୀ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ତାଙ୍କୁ ବିବାହ କରିଥିଲେ। ୧୯୨୭ରେ ଦୁହେଁ ଶାନ୍ତି ନିକେତନ ଛାଡି ଓଡ଼ିଶା ଆସିଥିଲେ। ବିବାହ ପରେ ମାଳତୀଙ୍କ କର୍ମଭୂମି ପାଲଟିଗଲା ଓଡ଼ିଶା। ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବେ ଯୋଗଦେବା ସମୟରେ ସେ ଏକାଧିକ ବାର ସରଳା ଦେବୀ, ରମା ଦେବୀଙ୍କ ସହ ବନ୍ଦୀ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମର ପ୍ରଜାମଣ୍ଡଳ ଆନ୍ଦୋଳନରେ ସେ ଏତେ ମାତ୍ରାରେ ଜଡ଼ିତ ଥିଲେ ଯେ, ଇଂରେଜ ସରକାର ତାଙ୍କୁ "ଜୋଆନ୍ ଅଫ୍ ଆର୍କ" ନାମରେ ସମ୍ବୋଧନ କରୁଥିଲେ। ଅନୁଗୁଳଠାରେ ସେ ବାଜିରାଉତ ଛାତ୍ରାବାସ ପ୍ରତିଷ୍ଠା କରିଥିଲେ, ଯେଉଁଠାରେ ପ୍ରଜାମଣ୍ଡଳ ଆନ୍ଦୋଳନର ଅଂଶଗ୍ରହଣକାରୀଙ୍କୁ ପ୍ରସ୍ତୁତ କରାଯାଉଥିଲା। ଅନୁଗୁଳରେ ଉତ୍କଳ ନବଜୀବନ ମଣ୍ଡଳ ପ୍ରତିଷ୍ଠା କରି ସେ ପୌଢ଼ଶିକ୍ଷା ଓ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ ହାତକୁ ନେଇଥିଲେ। ସେ ମଧ୍ୟ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ଯୋଗ ଦେଇଥିଲେ। ବହୁ ଜାତୀୟ ପୁରସ୍କାର ପ୍ରାପ୍ତ ହୋଇଥିବା ମାଳତୀ ଚୌଧୁରୀ ୧୫ ମାର୍ଚ୍ଚ, ୧୯୯୮ରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।


## ବୀରଙ୍କ ପ୍ରେମରେ ତାରା



ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ତାଙ୍କ ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ଥାଆନ୍ତି। ଏବେ ତାରା ପୁଣି ଥରେ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଅଛନ୍ତି। ପ୍ରଥମେ ସେ ଆଦର ଜୈନଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ। କିନ୍ତୁ ତାଙ୍କ ସହ ବ୍ରେକ୍‌ଅପ୍ ହେବା ପରେ ସେ ଭାଙ୍ଗିପଡ଼ିଥିଲେ। ଏବେ ତାରା ବୀର ପହାଡ଼ିଆଙ୍କ ସହ ପ୍ରେମ ସମ୍ପର୍କରେ ଥିବା କୁହାଯାଉଛି। ତାରା ଓ ବୀର ଆଉ ସେମାନଙ୍କ ସମ୍ପର୍କକୁ ଲୁଚାଇବାକୁ ଚାହୁଁ ନ ଥିବା ଜଣାପଡ଼ିଛି। ନିକଟରେ ତାରା ଦିଲ୍ଲୀରେ ଆୟୋଜିତ ଇଣ୍ଡିଆ କାଉଚର୍ ୱିକ୍‌ରେ ଅଂଶଗ୍ରହଣ କରିଥିଲେ। ଏଥିରେ ସେ ଏକ ଷ୍ଟ୍ରାପ୍‌ଲେସ୍ ଗାଉନ୍ ପିନ୍ଧି ର୍ୟାମ୍ପ ୱାକ୍ କରିଥିଲେ। ଏହି ସମୟରେ ତାରା ଆଗଧାଡ଼ିରେ ବସିଥିବା ବୀରଙ୍କ ଉଦ୍ଦେଶ୍ୟରେ ଫ୍ଲାଇଂ କିସ୍ କରିଥିଲେ। ବୀର ତାରାଙ୍କୁ ଦେଖି ହସି ଦେଇଥିଲେ। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ତାରା ଓ ବୀରଙ୍କ ଏହି କେମେଷ୍ଟ୍ରି ଦେଖି ଉଭୟ ପ୍ରେମ ସମ୍ପର୍କରେ ଥିବା କଥା ଏକପ୍ରକାର ସ୍ପଷ୍ଟ ହୋଇଛି। ଗତ ମେ ମାସରେ ଉଭୟ ଲାକ୍‌ମେ ଫେଶନ୍ ୱିକ୍‌ରେ ଏକାଠି ର୍ୟାମ୍ପ ୱାକ୍ କରୁଥିବାବେଳେ ସେମାନଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଏହାପରେ ଉଭୟଙ୍କୁ ମୁମ୍ବାଇର ଏକ ରେସ୍ତୋରାଁରେ ଏକାଠି ଦେଖାଯାଇଥିଲା।

## ଆଜି ବାହୁଡ଼ିଥିଲେ

### ପଣ୍ଡିତ ଗୋଦାବରୀଶ ମିଶ୍ର



ସତ୍ୟବାଦୀ ଆନ୍ଦୋଳନର ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର। ସେ ଏକାଧାରରେ ଥିଲେ ଜଣେ କବି, ଗାଥା କବି, ନାଟ୍ୟକାର, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ, ସୁସମାଲୋଚକ ଏବଂ ସଂଯୋଜକ। ଓଡ଼ିଆ ସାହିତ୍ୟରେ ସେ ପ୍ରଥମ ଗାଥା କବିତାର ସ୍ରଷ୍ଟା ଭାବେ ପରିଚିତ। ଗୋଦାବରୀଶ ମିଶ୍ର ୧୮୮୬ ମସିହା ଅକ୍ଟୋବର ମାସ ୨୬ ତାରିଖ ଅବିଭକ୍ତ ପୁରୀ ଜିଲ୍ଲା ବାଣପୁର ନିକଟରେ ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ସେ ଆଧୁନିକ ପଞ୍ଚସଖାଙ୍କ ମଧ୍ୟରୁ ଜଣେ। ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ଗାନ୍ଧୀ ଓ ସୁଭାଷ ଥିଲେ ତାଙ୍କର ଆଦର୍ଶ। ଓଡ଼ିଶାକୁ ଗଢ଼ିବା ପାଇଁ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର ପ୍ରମୁଖଙ୍କ ସହ ସେ ଭାର୍ଗବୀ ନଦୀ କୂଳରେ ଶପଥ ନେଇଥିଲେ। ସତ୍ୟବାଦୀ ବନବିଦ୍ୟାଳୟରୁ ତାଙ୍କ ଶିକ୍ଷକ ଜୀବନ ଆରମ୍ଭ ହୋଇଥିଲା। ସ୍ୱେଚ୍ଛାକୃତ ଭାବେ ସେ ଶିକ୍ଷକ ଜୀବନରୁ ଅବସର ନେଇଥିଲେ। ଏହାପରେ ବିଚ୍ଛିନ୍ନାଞ୍ଚଳରେ ସଂଗଠନ ଦାୟିତ୍ୱ ତୁଲାଇ ଥିଲେ। ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରିମଣ୍ଡଳରେ ସେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ। ଏହି ସମୟରେ ତାଙ୍କ ପ୍ରଚେଷ୍ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପାଇଁ ତାଙ୍କୁ ୧୯୬୧ ମସିହାରେ ମରଣୋତ୍ତର ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଇତିହାସ, କିମ୍ବଦନ୍ତୀ ଓ ରୂପକଥାକୁ ଅବଲମ୍ବନ କରି ସେ କବିତା ରଚନା କରୁଥିଲେ। ଏସବୁ ମଧ୍ୟରେ 'କାଳିଜାଈ' ଗାଥା କବିତା ତାଙ୍କର ଏକ ସ୍ୱର୍ଣ୍ଣିମ ସୃଷ୍ଟି। ସେ 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର', 'ନିର୍ବାସିତ' ଆଦି ଉପନ୍ୟାସର ସ୍ରଷ୍ଟା। ଏହି ସାରସ୍ୱତ ସାଧକଙ୍କର ୧୯୫୬ ମସିହା ଆଜିର ଦିନରେ ଦେହାନ୍ତ ହୋଇଥିଲା।

# ସୁମନ

### ସକାଳ ଶିଶୁ କୁଇଜ୍-୧୭୨

(୧) ରାମାୟଣରେ ଭରତଙ୍କ ପତ୍ନୀଙ୍କ ନାମ କ'ଣ ଥିଲା?
ଉତ୍ତର: ____________

(୨) ଧୂଆଁଧାର ଜଳପ୍ରପାତ ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର: ____________

(୩) ଅନ୍ତର୍ଜାତୀୟ ସାକ୍ଷରତା ଦିବସ କେବେ ପାଳନ କରାଯାଏ?
ଉତ୍ତର: ____________

(୪) ଭାରତରେ ପ୍ରଥମ ଥର ଜନଗଣନା କେବେ ହୋଇଥିଲା?
ଉତ୍ତର: ____________

(୫) 'ରାଜତରଙ୍ଗିଣୀ'ର ରଚୟିତା କିଏ?
ଉତ୍ତର: ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ସଞ୍ଜୀବ କୁମାର ଭୋଇ, କୁଶଙ୍ଗ, ବଲାଙ୍ଗୀର
- ଓମ୍ ପ୍ରକାଶ ରଣା, ଚକେଇସିହାଣି, ଭୁବନେଶ୍ୱର
- ସାଇ ସ୍ମୃତି ମହାନ୍ତି, ଆଠଗଡ଼, କଟକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

### କୁନି କାଉଡ଼ିଆ ମୁହିଁ



ଧୀରେନ୍ଦ୍ର ମଲ୍ଲିକ

କୁନି କାନ୍ଧରେ ମୋ କୁନି କାଉଡ଼ିକୁ
କାନ୍ଧେଇ ନେଉଛି ମୁହିଁ
ଖାଲ ଢିପ ରାସ୍ତା ତଥାପି ଯମାରୁ
କଷ୍ଟ ମୋତେ ଲାଗୁନାହିଁ।
ଦଶାସନୀ ଘାଟୁ ଉଠାଇଲି ପାଣି
କାଉଡ଼ିକୁ ପୂଜା କରି,
ଶିବ ନାମ ଜପି ଆଗକୁ ବଢ଼ିଲି
କଲିନାହିଁ ତିଳେ ଡେରି।
ଖରା ବରଷାକୁ ଭୟ ମୋ ନ ଥିଲା
ମନେ ରହିଥିଲା ଭକ୍ତି,
ପାଦ ପଡୁଥିଲା ଚଞ୍ଚଳ ଚଞ୍ଚଳ
ଦେଉଥିଲେ ପ୍ରଭୁ ଶକ୍ତି।
କୁନି କାଉଡ଼ିଆଟିଏ ବୋଲି ମୁହିଁ
ନ ଥିଲା ମନରେ ଭୟ,
କେବଳ ଶିବଙ୍କ ପାଖରେ ମୋହର
ରହିଥିଲା ପରା ଲୟ।
ଶେଷରେ ପ୍ରଭୁଙ୍କ ପାଖରେ ପହଞ୍ଚି
ଆନନ୍ଦେ ଦର୍ଶନ କଲି,
କଳସରେ ନେଇଥିବା ଜଳ ତାଙ୍କ
ମସ୍ତକରେ ଢାଳି ଦେଲି ।।

ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ-୭୯୦୪୩୯୨୬୮୬

### କାଉଡ଼ିଆ ମୁହେଁ ଫୁଟିଛି ହସ



କୁମାରୀ ଲିତୁରାଣୀ ସାହୁ

ଆସରେ ପିଲାଏ ଦେଖିବ ଆସ
କାଉଡ଼ିଆ ମୁହେଁ ଫୁଟିଛି ହସ।
ଗେରୁଆ ବସନ ଦେହରେ ନାଇ
ଶିବଙ୍କର ନାମ ତୁଣ୍ଡରେ ଗାଇ।
କାନ୍ଧରେ ବୋହିଛି ଜଳର ଭାର
ଧାଇଁ ଧାଇଁ ଯାଏ ଶିବ ମନ୍ଦିର।
ଝଡ଼ ବରଷାକୁ ଖାତର ନାହିଁ
ମାନସିକ ପୂରା କରିବା ପାଇଁ।
ଶିବ ମନ୍ଦିରରେ ପହଞ୍ଚି ଯାଇ
ଠିଆ ହୋଇଯାଏ ଧାଡ଼ିରେ ରହି।
ଆସିଯାଏ ଯେବେ ତାହାରି ପାଳି
ଶିବ ଲିଙ୍ଗେ ଜଳ ଦିଏ ତ ଢାଳି।
ବିନତୀ କରେ ମୁଁ, ଆହେ ଶଙ୍କର
ମାନସିକ ପୂରା କର ତାଙ୍କର।

ଅଷ୍ଟମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଜଗମୋହନ ପୁର, ତେଲକୋଇ, କେନ୍ଦୁଝର
ମୋ – ୮୨୪୯୭୭୦୭୩୦



## ମାନବିକତା



ଦ୍ୱିପହର ସମୟ। ତତଲା ପବନରେ ଦେହ ହାତ ଜଳିପୋଡ଼ି ଯାଉଥାଏ। ସୌରଭ ଦାଣ୍ଡ ଫାଟକ ଖୋଲି ଦାଣ୍ଡକୁ ଆସିଲା। ବାପା ରାସ୍ତା କଡ଼ରେ ଦୁଇଟି ମାଟି ପାତ୍ର ରଖିଛନ୍ତି। ସୌରଭକୁ କହିଛନ୍ତି ସକାଳେ ଆଉ ଦ୍ୱିପହରରେ ଏଥିରେ ପାଣି ଭରିଦେବା ପାଇଁ। ବୁଲା ଗୋରୁଗାଈ, କୁକୁର ଆଉ କେତେ ରକମର ଚଢ଼େଇ ଆସି ସେଇ ପାତ୍ରରୁ ପାଣି ପିଉଛନ୍ତି। ଖରାଦିନ ସେମାନଙ୍କୁ କୋଉଠୁ ଟୋପେ ପାଣି ମିଳୁ ନ ଥିବ। ପାତ୍ରରେ ଅଳ୍ପ ଜଳ କମି ଯାଇଥାଏ ସୌରଭ ସଙ୍ଗେ ସଙ୍ଗେ ଆଣି ସେଥିରେ ଭରିଦେଲା। ଘର ଭିତରୁ ମା ଡାକ ଦେଲେ ଖରାବେଳେ ଏଣେତେଣେ ନ ବୁଲି ଟିକେ ସମୟ ଶୋଇ ପଡୁନୁ। ସୌରଭ କହିଲା ନାହିଁ ମା' ମୁଁ ଶୋଇବି ନାହିଁ ଯାଉଛି ଟ୍ୟୁସନ ପାଠ ସାରିଦେବି। ଏତିକି କହି ସୌରଭ ଆସିକି ତା' ପଢା ଟେବୁଲ ପାଖରେ ପଡ଼ି ବସିଲା। ଏଇ ସମୟରେ ଦାଣ୍ଡରେ ଆଇସକ୍ରିମ୍‌ବାଲାର ଡାକ ଶୁଭିଲା। ସୌରଭର ଆଇସକ୍ରିମ୍ ଖାଇବାକୁ ଭାରି ଇଚ୍ଛା ହେଲା ହେଲେ ତା' ପାଖରେ ଟଙ୍କାଟିଏ ବି ନ ଥିଲା। ମାଙ୍କୁ ନିଦରୁ ଡାକିଲେ ବିରକ୍ତ ହେବେ। ଏଣୁତେଣୁ ଭାବିଭାବି ସୌରଭ ଦାଣ୍ଡକୁ ଆସିଲା। ଏବେ ବି ଖରା କମି ନ ଥାଏ, ଗରମ ପବନ ବୋହୁଥାଏ। ସୌରଭ ଦେଖିଲା ସେ ଆଇସକ୍ରିମ୍‌ବାଲା ଜଣଙ୍କ ତାଙ୍କ ଘର ସାମ୍ନାରେ ଥିବା ଆମ୍ବଗଛ ତଳେ ଛିଡ଼ା ହୋଇଛନ୍ତି। ସେ ଥକି ଗଲା ଭଳି ଦିଶୁଥାନ୍ତି, ଦେହରୁ ଗମଗମ୍ ହେଇ ଝାଳ ବୋହିଯାଉଥାଏ। ସୌରଭ ଚଟାପଟ୍ ଘର ଭିତରକୁ ଧାଇଁଗଲା। ଲେମ୍ବୁ ଆଉ ଟିକେ ଚିନି ଆଣି ଲେମ୍ବୁ ପାଣି ତିଆରି କଲା। ଏଥର ଚାଲିଲା ଆଇସକ୍ରିମ୍‌ବାଲା ଅଙ୍କଲଙ୍କ ପାଖକୁ। ଅଙ୍କଲ ନିଅନ୍ତୁ ପିଇ ଦିଅନ୍ତୁ ଆପଣ ବହୁତ ଥକି ଗଲା ଭଳି ଦିଶୁଛନ୍ତି। ଏ ଲେମ୍ବୁପାଣି ମୁଁ ନିଜେ ତିଆରି କରିଛି। ଗ୍ଲାସ୍‌ଟି ସୌରଭ ହାତରୁ ନେଉ ନେଉ ଆଇସକ୍ରିମ୍‌ବାଲା ପଚାରିଲେ ବାବା ତୁମେ କୋଉ କ୍ଲାସ୍‌ରେ ପଢୁଛ? ସୌରଭ କହିଲା ମୋର ପଞ୍ଚମ ଶ୍ରେଣୀ। ଲେମ୍ବୁ ପାଣି ପିଇ ଆଇସକ୍ରିମ୍‌ବାଲା ଅଙ୍କଲ ବହୁତ ଖୁସି ହେଲେ ଆଉ କହିଲେ ମନ ଲଗେଇ ପାଠ ପଢ଼ ଆଉ ଭଲ ମଣିଷଟେ ହୁଅ। ଆଉ କହିଲେ ଖରାରେ ବୁଲି ବୁଲି ମୋ ମୁଣ୍ଡ ବୁଲେଇ ଦେଉଥିଲା। ତୁମ ହାତରୁ ଲେମ୍ବୁ ପାଣି ଗିଲାସ ପିଇ ଦେଲା ପରେ ଲାଗିଲା ଯେମିତି ମୋ ଦେହରେ ଜୀବନ ପଶିଗଲା। ସୌରଭ ଗିଲାସଟା ନେଇ ଘରକୁ ଲେଉଟି ଆସୁଥିଲା, ଆଇସକ୍ରିମବାଲା ଅଙ୍କଲ ପଛରୁ ଡାକିଲେ ବାବା ମୋ ତରଫରୁ ଗୋଟେ ଆଇସକ୍ରିମ୍ ନିଅ। ସୌରଭ ମନା କରୁଥିଲା। ହେଲେ ଅଙ୍କଲ ବାଧ କରି ତା ହାତକୁ ଗୋଟେ ଆଇସକ୍ରିମ୍ ବଢ଼େଇଦେଲେ। ସନ୍ଧ୍ୟାରେ ବାପା ଅଫିସ୍‌ରୁ ଫେରିଲେ ସୌରଭ ସବୁ କଥା ବାପାଙ୍କ ଆଗରେ କହିଲା। ବାପା କହିଲେ, ତୁ ଆମର ଭଲ କାମଟି କରିଚୁ। ଅନ୍ୟକୁ ସାହାଯ୍ୟ କରିବା ସହାନୁଭୂତି ଦେଖାଇବା ଆମର ପ୍ରଥମ ଧର୍ମ ଆଉ କର୍ତ୍ତବ୍ୟ। ଏଇ ସମୟରେ ମା' ଘର ଭିତରୁ ବାହାରି ଆସି ସବୁ କଥା ଶୁଣିଲେ। ମା' କହିଲେ ମାନବିକତା ଆମର ଶ୍ରେଷ୍ଠ ପରିଚୟ। ମଣିଷ ରୂପ ରଙ୍ଗରୁ ନୁହେଁ ଭଲ କାମ ଲାଗି ଆଦର ପ୍ରଶଂସା ପାଇଥାଏ। ସାବାସ୍ ସୌରଭ ବେଟା କହି ବାପା ତା' ପିଠି ଥାପୁଡ଼େଇ ଦେଲେ।



ଦେବେନ୍ଦ୍ର କର

ମଙ୍ଗଳାବାଗ, କଟକ
ମୋ- ୯୯୩୭୯୬୩୯୧୦

## ପ୍ରହେଳିକା

- ବର୍ଷାକାଳ ଯେବେ ଧରାକୁ ଆସେ
ଗାଆଁ ପୋଖରୀରେ ସେ ଫୁଲ ହସେ
ଧଳା ନାଲି ଅବା ନୀଳ ରଙ୍ଗରେ
ଶୋଭାପାଏ ସିଏ ପାଣି ଉପରେ
ଜହ୍ନର ଶୀତଳ ଜୋଛନା ପାଇ
ରାତି କାଳେ ସେହି ଫୁଲ ଫୁଟଇ
ରୂପ ତା' ଭାରି ସୁନ୍ଦର
ସାଜସଜା ପୁଣି ପୂଜାରେ ବି ଲାଗେ
କୁହ ଦେଖି ନାମ ତା'ର।

ଉତ୍ତର-କଇଁ ଫୁଲ



- ପରିବାଟିଏ ସେ ବର୍ଷା କାଳର
ସାପ ପରି ଲମ୍ବା ତା'ର ଶରୀର
ଭାଡ଼ିରେ ଯେବେ ତା'କଷି ଆସଇ
ତା'ଅଗରେ କୁନା ଗୋଡ଼ି ବାନ୍ଧଇ
ପରିବାଟେ ସିଏ ସ୍ୱାଦ ମଧୁର
ଭଜା ରାଇ ପାଇଁ ପାଏ ଆଦର
ଦେହ ପାଇଁ ସିଏ ହିତ
ତନ୍ତୁ ଜାତୀୟ ସେ ଦେଶୀ ପରିବାଟେ
କୁହ ତା'ର ନାମ ମିତ।

ଉତ୍ତର-ଛଞ୍ଚିଦ୍ରା

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ରଙ୍ଗ ତୁଳି





ଅନ୍ୱେଷା ବଳ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ସାଇ ସେଠୀ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ପୋଖରୀପୁଟ
ଭୁବନେଶ୍ୱର





ସତ୍ୱିକା ମହାପାତ୍ର
ୟୁକେଜି
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ଶାନ୍ତନୁ ଶାନ୍ତିସ୍ୱରୂପ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ମୁକାବିଲା

# ରୁଟ୍‌ଙ୍କ ଶତକ; ଇଂଲଣ୍ଡ ଇନିଂସ ଅଗ୍ରଣୀ

ଓଲ୍ଡ ଟ୍ରାଫୋର୍ଡ, ୨୫।୭ (ଏଜେନ୍ସି)



ଜୋ ରୁଟ୍ (୧୫୦)ଙ୍କ ୩୮ତମ ଟେଷ୍ଟ ଶତକ ସହାୟତାରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହା ସହ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଅପରାଜିତ ୭୭, ଓଲି ପୋପ୍‌ଙ୍କ ୭୧ ରନ୍ ସହାୟତାରେ ତୃତୀୟ ଦିନ ଖେଳ ଶେଷ ବେଳକୁ ଇଂଲଣ୍ଡ ୭ ୱିକେଟରେ ୫୪୪ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଷ୍ଟୋକ୍ସଙ୍କ ସହ ଲିଆମ ଡାଓସନ ୨୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତ ୩୫୮ ରନ୍ କରିଥିଲା। ଏହା ଫଳରେ ଇଂଲଣ୍ଡ ହାତରେ ୩ଟି ପ୍ରଥମ ଇନିଂସ ୱିକେଟ ଓ ମ୍ୟାଚ୍ ଆଉ ଦୁଇ ଦିନ ବାକିଥିଲାବେଳେ ଭାରତ ଏହି ମ୍ୟାଚ୍‌ରେ ନିଜ ନିୟନ୍ତ୍ରଣ ହରାଇଛି। ଏଠାରେ ଟେଷ୍ଟ ଜିତି ସିରିଜ୍‌କୁ ୨-୨ରେ ବରାବର କରିବାକୁ ଭାରତ ଯେଉଁ ସ୍ୱପ୍ନ ଦେଖିଥିଲା ତାହାକୁ ଇଂଲଣ୍ଡର ବ୍ୟାଟର ଧୂଳିସାତ କରିଦେଇଛନ୍ତି। ବିଶେଷ କରି ରୁଟ ୧୫୦ ରନ୍ କରିବା ସହ ଟେଷ୍ଟ କ୍ରିକେଟରେ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ଓ ଚତୁର୍ଥ ଯୁଗ୍ମ ସର୍ବାଧିକ ଶତକ ହାସଲକାରୀ ବିବେଚିତ ହୋଇଛନ୍ତି। ଭାରତ ପକ୍ଷରୁ ଜାଡେଜା ଓ ସୁନ୍ଦର ୨ଟି ଲେଖାଏଁ ଶାନ୍ତ୍ୱନାମୂଳକ ୱିକେଟ ପାଇଛନ୍ତି।

ଏହି ଟେଷ୍ଟର ତୃତୀୟ ଦିନରେ ଇଂଲଣ୍ଡ ତାହାର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨ ୱିକେଟରେ ୨୨୫ ରନ୍‌ରୁ ଖେଳ ଆରମ୍ଭ କରି ସହଜରେ ରନ୍ ସଂଗ୍ରହ କରିଥିଲା। ଦୁଇ ଅପରାଜିତ ବ୍ୟାଟର ରୁଟ୍ ଏବଂ ଓଲି ପୋପ୍‌ଙ୍କୁ ଭାରତୀୟ ବୋଲର ପ୍ରଭାବ ବିସ୍ତାର କରି ପାରି ନ ଥିଲେ। ଅବଶ୍ୟ ଏମାନେ ଗତଦିନଠାରୁ ଭଲ ବୋଲିଂ କରିଥିଲେ ମଧ୍ୟ ୱିକେଟ ପାଇ ନ ଥିଲେ। ଫଳରେ ଇଂଲଣ୍ଡ ପ୍ରଥମ ସେସନରେ କୌଣସି ୱିକେଟ ନ ହରାଇ ୧୦୭ ରନ୍ କରିଥିଲା। ଲଞ୍ଚ ବେଳକୁ ୭୪ ଓଭର ଖେଳି ଦଳ ୨ ୱିକେଟରେ ୩୩୨ ରନ୍ କରିଥିଲା। ପୋପ୍ ୭୦ ଓ ରୁଟ ୬୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଲଞ୍ଚ ପରେ ଇଂଲଣ୍ଡ ୪ ଓଭର ଓ ୯ ରନ୍ ମଧ୍ୟରେ ୨ଟି ୱିକେଟ ହରାଇଥିଲା। ଭାରତର ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଏହି ଦୁଇ ଖେଳାଳିଙ୍କୁ ଆଉଟ କରିଥିଲେ। ୭୧ ରନ୍ କରିଥିଲାବେଳେ ପୋପ୍ ପ୍ରଥମ ସ୍ଲିପ୍‌ରେ ରାହୁଲଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ବ୍ରୁକ୍ କିନ୍ତୁ ଷ୍ଟମ୍ପିଂର ଶିକାର ହୋଇଥିଲେ। ସେ ୩ ରନ୍ କରିପାରିଥିଲେ। ଏହା ପରେ ଇଂଲଣ୍ଡ ଆଉ କୌଣସି ସୁଯୋଗ ଦେଇ ନ ଥିଲା କିମ୍ବା ଭାରତକୁ ଆଉ କୌଣସି ସଫଳତା ମିଳି ନ ଥିଲା। ଟି ସୁଦ୍ଧା ଇଂଲଣ୍ଡ ୧୦୨ ଓଭରରେ ୪ ୱିକେଟ ହରାଇ ୪୩୩ ରନ୍ କରିନେଇଥିଲା। ଏହି ସମୟରେ ରୁଟ୍ ୧୨୧ ଓ ଷ୍ଟୋକ୍ସ ୩୬ ରନ୍‌ରେ ବ୍ୟାଟିଂ କରୁଥିଲେ। ରୁଟ୍ ଏଠାରେ ଟେଷ୍ଟ କ୍ରିକେଟରେ ଭାରତର ସଚିନ ତେନ୍ଦୁଲକରଙ୍କ ପଛକୁ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ ବିବେଚିତ ହୋଇଥିଲେ। ସେ ମଧ୍ୟ ସଚିନ (୫୧), କାଲିସ (୪୫) ଓ ପଣ୍ଟିଂ (୪୧)ଙ୍କ ପରେ ୩୮ଟି ଶତକ ହାସଲ କରି ଶ୍ରୀଲଙ୍କାର କୁମାର ସଙ୍ଗକାରାଙ୍କ ସହ ମିଳିତଭାବେ ଚତୁର୍ଥ ସର୍ବାଧିକ ଟେଷ୍ଟ ଶତକହାସଲକାରୀ ବିବେଚିତ ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୩୫୮ (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ୍-୫୪, ଷ୍ଟୋକ୍ସ-୫/୭୨)।
**ଇଂଲଣ୍ଡ ପ୍ରଥମ ଇନିଂସ**: ୫୪୪/୭, ୧୩୫ ଓଭର (ରୁଟ୍-୧୫୦, କ୍ରାଲୀ-୮୪, ଡକେଟ-୯୪, ପୋପ୍-୭୧, ଷ୍ଟୋକ୍ସ-୭୭*, ସୁନ୍ଦର-୨/୫୭, ଜାଡେଜା-୨/୧୧୭)।

### ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍

| ଖେଳାଳି | ଦେଶ | ମ୍ୟାଚ୍ | ରନ୍ |
|---|---|---|---|
| ତେନ୍ଦୁଲକର | ଭାରତ | ୨୦୦ | ୧୫,୯୨୧ |
| ଜୋ ରୁଟ୍ | ଇଂଲଣ୍ଡ | ୧୫୭* | ୧୩,୪୦୯ |
| ରିକି ପଣ୍ଟିଂ | ଅଷ୍ଟ୍ରେଲିଆ | ୧୬୮ | ୧୩,୩୭୮ |
| ଜ୍ୟାକ୍ କାଲିସ୍ | ଦ.ଆଫ୍ରିକା | ୧୬୬ | ୧୩.୨୮୯ |
| ରାହୁଲ ଦ୍ରାବିଡ୍ | ଭାରତ | ୧୬୪ | ୧୩,୨୮୮ |
| ଆଲିଷ୍ଟର କୁକ୍ | ଇଂଲଣ୍ଡ | ୧୬୧ | ୧୨,୪୭୨ |

### ସର୍ବାଧିକ ଶତକ

| ଖେଳାଳି | ଶତକ |
|---|---|
| ତେନ୍ଦୁଲକର | ୫୧ |
| କାଲିସ | ୪୫ |
| ପଣ୍ଟିଂ | ୪୧ |
| ସଙ୍ଗକାରା | ୩୮ |
| ରୁଟ୍ | ୩୮ |
| ସ୍ମିଥ୍ | ୩୬ |
| ଦ୍ରାବିଡ | ୩୬ |

## ଟେଷ୍ଟ କ୍ରିକେଟରେ 'ଜୋ'ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ

ଏଠାରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟରେ ଇଂଲଣ୍ଡର ଜୋ ରୁଟ୍ ସର୍ବାଧିକ ରନ୍ ସଂଗ୍ରହ ତାଲିକାରେ ଭାରତର ରାହୁଲ ଦ୍ରାବିଡ୍ (୧୬୪ ଟେଷ୍ଟରେ ୧୩,୨୮୮ ରନ୍), ଦକ୍ଷିଣ ଆଫ୍ରିକାର କାଲିସ୍ (୧୬୬ଟି ଟେଷ୍ଟରେ ୧୩,୨୮୯ରନ୍) ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଂ (୧୬୮ ଟେଷ୍ଟରେ ୧୩,୩୭୮ ରନ୍)ଙ୍କୁ ଅତିକ୍ରମ କରି ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରି ବିବେଚିତ ହୋଇଛନ୍ତି। ଏବେ ଭାରତର ସଚିନ ତେନ୍ଦୁଲକର ୧୫,୯୨୧ ରନ୍ ସଂଗ୍ରହ କରି ବିଶ୍ୱରେ ସର୍ବାଧିକ ଟେଷ୍ଟ ସଂଗ୍ରହକାରୀ ଭାବେ ବିବେଚିତ ହୋଇଛନ୍ତି। ସଚିନ୍ ୨୦୦ ଟେଷ୍ଟ ଓ ୩୨୯ ଇନିଂସରେ ହାରହାରି ୫୩.୭୮ ହାରରେ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୫୧ ଶତକ, ୬୮ ଅର୍ଦ୍ଧଶତକ ରହିଥିଲାବେଳେ ୧୪ଥର ଶୂନ୍‌ରେ ଆଉଟ ହୋଇଛନ୍ତି। ତୃତୀୟ ଦିନ ଆଉଟ୍ ହେଲା ବେଳକୁ ରୁଟ୍ ୧୫୦ ରନ୍ କରିଥିଲାବେଳେ ଟେଷ୍ଟ କ୍ୟାରିୟରରେ ୧୩,୪୦୯ ରନ୍‌ରେ ପହଞ୍ଚିଥିଲେ। ୧୫୭ତମ ଟେଷ୍ଟ ଖେଳୁଥିବା ରୁଟ ଦ୍ରୁତତମ ବ୍ୟାଟର ଭାବେ ଏହି ସଫଳତା ପାଇଛନ୍ତି। ଏହା ମଧ୍ୟରେ ୩୮ଟି ଶତକ ଓ ୬୬ଟି ଅର୍ଦ୍ଧଶତକ ରହିଛି। ଇନିଂସ ପ୍ରତି ସେ ହାରାହାରି ୫୧.୧୭ ହାରରେ ରନ୍ ସଂଗ୍ରହ କରିଛନ୍ତି। ରୁଟ ଟେଷ୍ଟରେ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇଥିଲେ ମଧ୍ୟ ଶତକ ହାସଲରେ ଶ୍ରୀଲଙ୍କାର କୁମାର ସଙ୍ଗକାରାଙ୍କ ସହ ମିଳିତଭାବେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଉଭୟ ୩୮ଟି ଲେଖାଏଁ ଶତକ ହାସଲ କରିଛନ୍ତି। ଭାରତର ସଚିନ ତେନ୍ଦୁଲକର ୫୧, ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ୍ ୪୫ ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଂ ୪୧ଟି ଶତକ ହାସଲ କରି ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି।

● ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଇଭେଣ୍ଟ

## କିଶୋର, ଅନିମେଶ, ଲାଲୁ ଓ ଶ୍ରାବଣୀଙ୍କୁ ଯୋଗ୍ୟତା

ନୂଆଦିଲ୍ଲୀ,୨୫।୭ (ଏଜେନ୍ସି): ଭୁବନେଶ୍ୱରର ପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମ୍‌ରେ ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଇଭେଣ୍ଟ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଆଥଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ଯୋଗ୍ୟ ପ୍ରତିଯୋଗୀଙ୍କ ନାମ ପ୍ରକାଶ କରିଛି। ଏହି ତାଲିକାରେ ଓଡ଼ିଆ ପ୍ରତିଯୋଗୀ ଲାଲୁପ୍ରସାଦ ଭୋଇ, କିଶୋର କୁମାର ଜେନା ଓ ଶ୍ରାବଣୀ ନନ୍ଦଙ୍କ ନାମ ରହିଛି। ଏହାଛଡ଼ା ଓଡ଼ିଶାରେ ପ୍ରଶିକ୍ଷଣ ନେଉଥିବା ଅନିମେଶ କୁଜୁର ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ନିକଟରେ ଅନିମେଶ ଉଭୟ ୧୦୦ ଓ ୨୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଭାରତର ଶ୍ରେଷ୍ଠ ଆଥଲେଟ ନୀରଜ ଚୋପ୍ରା ଏହି ଇଭେଣ୍ଟରେ ଅଂଶଗ୍ରହଣ କରୁନାହାନ୍ତି। ଏହି ଦିନିକିଆ ଇଭେଣ୍ଟରେ ୧୦ଟି ଦେଶରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

## ୪୫ ବର୍ଷ ବୟସରେ ଖେଳିଲେ ଭେନସ୍ ୱିଲିୟମ୍ସ



ସିନସିନ୍ନାଟି,୨୫।୭ (ଏଜେନ୍ସି): ୭ଥରର ଗ୍ରାଣ୍ଡ ସ୍ଲାମ୍ ଚାମ୍ପିଅନ ତଥା ଆମେରିକାର କିମ୍ବଦନ୍ତୀ ମହିଳା ଖେଳାଳି ଭେନସ ୱିଲିୟମ୍ସ ୪୫ ବର୍ଷରେ ପ୍ରତିଯୋଗିତାମୂଳକ ଟେନିସ ଖେଳି ରେକର୍ଡ କରିଛନ୍ତି। ସିନସିନ୍ନାଟି ଓପନରେ ଭେନସଙ୍କୁ ୱାଇଲ୍ଡକାର୍ଡ ଏଣ୍ଟ୍ରି ମିଳିବା ପରେ ପ୍ରଥମ ରାଉଣ୍ଡରେ ବିଶ୍ୱର ୩୫ ନମ୍ବର ଖେଳାଳି ପିଟନ ଷ୍ଟର୍ଣ୍ଣସଙ୍କୁ ପରାସ୍ତ କରି ବୟୋଜ୍ୟେଷ୍ଠ ଖେଳାଳି ଭାବେ ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ମ୍ୟାଚ୍ ଜିତିବାର ରେକର୍ଡ କରିଥିଲେ। କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ସେ ୫ମ ସିଡ୍ ପୋଲାଣ୍ଡର ଏମ୍ ଫ୍ରେଚ୍‌ଙ୍କଠାରୁ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। କିନ୍ତୁ ୪୫ ବର୍ଷ ବୟସରେ ସେ ଡବ୍ଲୁଟିଏ ସିଙ୍ଗଲ୍ସରେ ବିଜୟୀ ହୋଇ ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ଭାବେ ମ୍ୟାଚ୍ ଜିତିବାର ରେକର୍ଡ କରିଛନ୍ତି।

## ଡେଭିସ୍ କପ୍ ଦଳରେ ନାଗଲ, ୟୁକି

ନୂଆଦିଲ୍ଲୀ,୨୫।୭ (ଏଜେନ୍ସି): ସ୍ୱିଜରଲାଣ୍ଡ ବିପକ୍ଷ ୱାର୍ଲ୍ଡ ଗ୍ରୁପ୍-୧ ମୁକାବିଲା ଲାଗି ୮ଜଣିଆ ଭାରତୀୟ ଡେଭିସ୍ କପ୍ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଭାରତନର ନମ୍ବର ୱାନ୍ ସିଙ୍ଗଲ୍ସ ଖେଳାଳି ସୁମିତ ନାଗଲ ଓ ନମ୍ବର ୱାନ୍ ଡବଲ୍ସ ଖେଳାଳି ୟୁକି ଭାମ୍ବ୍ରୀ ସ୍ଥାନ ପାଇଛନ୍ତି। ଏହି ମୁକାବିଲା ସ୍ୱିଜରଲାଣ୍ଡର ବିଏଲରେ ସେପ୍ଟେମ୍ବର ୧୨ରୁ ଖେଳାଯିବ। ସ୍ୱିଜରଲାଣ୍ଡ ସହ ଭାରତ ୩ଥର ଡେଭିସ୍ କପ୍ ମୁକାବିଲା କରିଥିଲାବେଳେ ୨ଥର ବିଜୟୀ ହୋଇଛି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସିଙ୍ଗଲ୍ସରେ ସୁମିତ ନାଗଲ, କରନ ସିଂ ଓ ଆର୍ଯ୍ୟନ ଶାହା। ଡବଲ୍ସରେ ୟୁକି ଭାମ୍ବ୍ରୀ ଓ ଏନ୍ ଶ୍ରୀରାମ ବାଲାଜୀଙ୍କୁ ସ୍ଥାନ ମିଳିଛି। ରିଜର୍ଭ ଖେଳାଳି ଭାବେ ଡି ସୁରେଶ, ଶଶିକୁମାର ମୁକୁନ୍ଦ ଓ ରିତ୍ୱିକ ବୋଲିପାଲିଙ୍କୁ ରଖାଯାଇଛି।

## ୟଶ ଦୟାଲଙ୍କ ବିରୋଧରେ ଦ୍ୱିତୀୟ ଦୁଷ୍କର୍ମ ଅଭିଯୋଗ

ଲକ୍ଷ୍ନୌ,୨୫।୭ (ଏଜେନ୍ସି): ଉତ୍ତରପ୍ରଦେଶ ତଥା ଆର୍‌ସିବିର କ୍ରିକେଟର ୟଶ ଦୟାଲଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ହୋଇଛି। ଜୟପୁରର ଜଣେ ୧୭ ବର୍ଷର ନାବାଳିକା ଏହି ଅଭିଯୋଗ ଆଣିଛନ୍ତି। କ୍ରିକେଟ ଖେଳିବାରେ ସୁବିଧା ସୁଯୋଗଦେବା ଓ ବାହାହେବାର ପ୍ରତିଶ୍ରୁତି ବାହାନାରେ ଏହି ନାବାଳିକାଙ୍କୁ ୨ ବର୍ଷ ଧରି ଦୟାଲ ଯୌନ ଶୋଷଣ କରିଥିବାର ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଉଭୟଙ୍କ ମଧ୍ୟରେ ୫ ବର୍ଷର ସମ୍ପର୍କ ରହିଥିବା ଦର୍ଶାଯାଇଛି। ପୂର୍ବରୁ ଗାଜିଆବାଦ୍‌ର ଜଣେ ମହିଳା ମଧ୍ୟ ଏପରି ଅଭିଯୋଗ ଆଣିଥିଲେ। ଉଭୟ ଘଟଣାରେ ଦୟାଲ କିଛି ମନ୍ତବ୍ୟ ଦେଇ ନାହାନ୍ତି। ଜୟପୁର ପୁଲିସ୍ ଏତଲା ଦାୟର କରି ତଦନ୍ତ ଜାରି ରହିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜୟପୁର ପୁଲିସ୍ ପକ୍ଷରୁ କୁହାଯାଇଛି।

## ଅଷ୍ଟ୍ରେଲିଆ ଗସ୍ତରେ ୪ ମ୍ୟାଚ୍ ଖେଳିବ ଭାରତୀୟ ହକି ଦଳ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ଭାରତୀୟ ସିନିଅର ପୁରୁଷ ହକି ଦଳ ଅଗଷ୍ଟ ମାସରେ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ସେଠାରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ୪ଟି ମ୍ୟାଚ୍ ଖେଳିବ ବୋଲି ହକି ଇଣ୍ଡିଆ ପକ୍ଷରୁ ଶୁକ୍ରବାର କୁହାଯାଇଛି। ଅଗଷ୍ଟ ୧୫, ୧୬, ୧୯ ଓ ୨୧ ତାରିଖରେ ଏହି ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ସମସ୍ତ ମ୍ୟାଚ୍ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଏଫ୍‌ଆଇଏଚ୍ ର୍‌ୟାଙ୍କିଙ୍ଗ୍‌ରେ ଭାରତ ୮ମ ସ୍ଥାନରେ ରହିଥିବାବେଳେ ଅଷ୍ଟ୍ରେଲିଆ ଦଳ ୬ଷ୍ଠରେ ରହିଛି। ୨୦୧୩ ପରଠାରୁ ଦୁଇ ଦେଶ ମଧ୍ୟରେ ୫୧ ମ୍ୟାଚ୍ ଖେଳାଯାଇଥିବାବେଳେ ଅଷ୍ଟ୍ରେଲିଆ ୩୫ଟି ଜିତି ଅଗ୍ରଣୀ ରହିଛି।

## କ୍ରିଷ୍ଣାମୂର୍ତ୍ତିଙ୍କ ଅବସର



ବେଙ୍ଗାଲୁରୁ, ୨୫।୭ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ପୂର୍ବତନ ବ୍ୟାଟର୍ ବେଦା କ୍ରିଷ୍ଣାମୂର୍ତ୍ତି ପ୍ରଫେସନାଲ କ୍ରିକେଟ୍‌ରୁ ଶୁକ୍ରବାର ଅବସର ନେଇଛନ୍ତି। ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଅବସର ନେଇ ୩୨ ବର୍ଷୀୟା କ୍ରିଷ୍ଣାମୂର୍ତ୍ତୀ ସୂଚନା ଦେଇଛନ୍ତି। କର୍ଣ୍ଣାଟକର ଏହି ଡାହାଣହାତୀ ବ୍ୟାଟର୍ ଭାରତ ପାଇଁ ୪୮ ଦିନିକିଆ ଓ ୭୬ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୮୨୯ ଓ ୮୭୫ ରନ କରିଥିଲେ। ମହିଳା ପ୍ରିମିଅର୍ ଲିଗ୍‌ରେ କ୍ରିଷ୍ଣାମୂର୍ତ୍ତୀ ଗୁଜରାଟ ଜାଏଣ୍ଟ୍ସ ପାଇଁ ପ୍ରତିନିଧିତ୍ୱ କରିଥିଲେ।

## ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ସ୍ନୁକର ଆଜିଠୁ




ଭୁବନେଶ୍ୱର, ୨୫।୭ (ସମିସ): ଭିଣ୍ଟେଜ୍ କ୍ଲବ ଆନୁକୂଲ୍ୟରେ ଶନିବାରଠାରୁ ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍ ଆରମ୍ଭ ହେବାକୁ ଯାଉଛି। ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ୭୦ରୁ ଊର୍ଦ୍ଧ୍ୱ ସ୍ନୁକର ଖେଳାଳି ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ଡାକ୍ତର ରାକେଶ ପ୍ରଧାନ ଟପ୍ ସିଡ୍ ଓ ଆକାଶ ମହାପାତ୍ର ୨ୟ ସିଡ୍ ମାନ୍ୟତା ପାଇଛନ୍ତି। ଅନ୍ତର୍ଜାତୀୟ କ୍ୱିଇଷ୍ଟ ଆଶୁତୋଷ ପାଢ଼ୀ ଓ ସୁବ୍ରତ ଦାସଙ୍କୁ ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟରେ ଦେଖିବାକୁ ମିଳିବ। ଟୁର୍ଣ୍ଣାମେଣ୍ଟର ମୋଟ୍ ପୁରସ୍କାର ରାଶି ଏକ ଲକ୍ଷ ଟଙ୍କା ରହିଛି। ଭିଣ୍ଟେଜ୍ କ୍ଲବ୍ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଟାଇଟଲ ସ୍ପନ୍‌ସର ଗିୟର ଅପ୍‌ର ଏମ୍‌ଡି ଆଦିତ୍ୟ ପଟୋଡିଆ, ଓଏସିସ୍ କନଭେନସନ ଏମ୍‌ଡି ମିଶାଲ ସ୍ୱାଇଁ, ଟୁର୍ଣ୍ଣାମେଣ୍ଟ ଚେୟାରମ୍ୟାନ୍ ଶ୍ୟାମ ଅଗରୱାଲ, ଭାଇସ୍ ଚେୟାରମ୍ୟାନ୍ ଅଲତାଫ୍ ଅଲି, କ୍ଲବ୍ ମାଲିକ ତଥା ଖେଳାଳି ଅମିୟ ରଞ୍ଜନ ନାୟକ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ନିଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ୟୁଥ୍ ଦିନିକିଆରେ ପ୍ରଥମ ଦ୍ୱିଶତକ

## ଇତିହାସ ରଚିଲେ ଦକ୍ଷିଣ ଆଫ୍ରିକାର ଜୋରିଚ୍

ହରାରେ, ୨୫।୭ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଜୋରିଚ୍ ଭାନ୍ ଶାଲ୍‌ୱିକ୍ ବିଶ୍ୱର ପ୍ରଥମ କ୍ରିକେଟର୍ ଭାବେ ୟୁଥ୍ ଦିନିକିଆରେ ଦ୍ୱିଶତକ ହାସଲ କରିଛନ୍ତି। ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ସିରିଜରେ ଜିମ୍ବାୱେ ବିପକ୍ଷରେ ଓପନିଂ ଆସି ସେ ୨୧୫ ରନର ପାଳି ଖେଳି ରେକର୍ଡ ବୁକ୍‌ରେ ନାମକୁ ଲିପିବଦ୍ଧ କରିଛନ୍ତି। ୧୫୩ ବଲ୍‌ର ଏହି ପାଳିରେ ସେ ୧୯ ଚୌକା ଓ ୬ ଛକା ମାରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୪୯.୫ ଓଭରରେ ୩୮୫ ରନ କରିଥିଲା। ୟୁଥ୍ ଦିନିକିଆ କ୍ରିକେଟ୍‌ରେ ମଧ୍ୟ ଏହା ସର୍ବାଧିକ ଦଳଗତ ସ୍କୋର ହୋଇଛି। ଜବାବରେ ଜିମ୍ବାୱେ ମାତ୍ର ୧୦୭ ରନରେ ଅଲ୍‌ଆଉଟ୍ ହୋଇ ୨୭୮ ରନରେ ହାରିଥିଲା।

■ ସାହାଣୀ କପ୍-୨୦୨୫

## ଆଜି କଟକ-ସୁନ୍ଦରଗଡ଼ ସେମି ଲଢ଼େଇ




କଟକ,୨୫।୭ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। କେନ୍ଦ୍ରାପଡ଼ା ରାଜକନିକା ଷ୍ଟାଡିୟମରେ ହେବାକୁ ଥିବା ଏହି ମୁକାବିଲାରେ କଟକ ଓ ସୁନ୍ଦରଗଡ଼ ସାମ୍ନାସାମ୍ନି ହେବେ। ୨୭ ତାରିଖରେ ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ କୋରାପୁଟ ଏବଂ ସମ୍ବଲପୁର ପରସ୍ପରକୁ ଭେଟିବେ। କୋରାପୁଟ ପୂର୍ବରୁ ସେମି ତାଲିକାରେ ସ୍ଥାନ ସୁରକ୍ଷିତ କରିଥିଲା। ଶୁକ୍ରବାର ବୌଦ୍ଧ ଜୋନରେ ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲରେ ସମ୍ବଲପୁର ସହଜ ବିଜୟ ହାସଲ କରି ଅନ୍ତିମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ବରଗଡ଼ ବିପକ୍ଷ ମ୍ୟାଚ୍‌କୁ ସମ୍ବଲପୁର ୪-୦ ଗୋଲରେ ଜିତିଥିଲା। ବିଜୟୀ ଦଳର ପ୍ରଶାନ୍ତ ଓରାମ ହ୍ୟାଟ୍ରିକ ଗୋଲ ସ୍କୋର କରିଥିବା ବେଳେ ବିନୟ କିଶାନ ଗୋଟିଏ ଗୋଲ ଦେଇଥିଲେ।

■ ଆଇଏସ୍‌ଏଲ୍-୧୨


## ବାତିଲ୍ ନୁହେଁ; ବିଳମ୍ବରେ ହୋଇପାରେ: ଚୌବେ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ଭାରତୀୟ ଫୁଟ୍‌ବଲ ପ୍ରେମୀଙ୍କ ଲାଗି ଏକ ବଡ଼ ଆଶ୍ୱସ୍ତିକର ଖବର ଆସିଛି। ଦେଶର ସବୁଠୁ ଅଗ୍ରଣୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ଦ୍ୱାଦଶ ସଂସ୍କରଣ ବାତିଲ ହୋଇନି, ବରଂ ବିଳମ୍ବରେ ଆରମ୍ଭ ହୋଇପାରେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ସଭାପତି କଲ୍ୟାଣ ଚୌବେ ଶୁକ୍ରବାର ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଆଇଏସ୍‌ଏଲ୍ ବର୍ତ୍ତମାନ ଆଇନଗତ ଓ ଚୁକ୍ତିଭିତ୍ତିକ ସମସ୍ୟା ଦେଇ ଗତି କରୁଛି। ଆଇଏସ୍‌ଏଲ୍‌କୁ ଆୟୋଜନ କରୁଥିବା ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପ୍‌ମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ଓ ଏଆଇଏଫ୍‌ଏଫ୍ ମଧ୍ୟରେ ନୂତନ ଚୁକ୍ତିକୁ ନେଇ ବିବାଦ ଦେଖାଦେଇଛି। ଯେଉଁଥିପାଇଁ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା।

ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ଭାରତକୁ ତୀରନ୍ଦାଜୀରେ ସ୍ୱର୍ଣ୍ଣ; ଅନିମେଶ ୪ର୍ଥ

ଭୁବନେଶ୍ୱର, ୨୫।୭ (ସମିସ)




ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତ ପ୍ରଥମ ସ୍ୱର୍ଣ୍ଣପଦକ ଜିତିବାରେ ସଫଳ ହୋଇଛି। ତୀରନ୍ଦାଜୀର କମ୍ପାଉଣ୍ଡ ମିକ୍ସଡ୍ ଟିମ୍ ଇଭେଣ୍ଟରେ ଭାରତୀୟ ଦଳ ଏହି ସଫଳତା ପାଇଛି। ତେବେ ୨୦୦ ମିଟର ରେସରେ କିଟ୍ ବିଶ୍ୱବିଦ୍ୟାଳୟର ଅନିମେଶ କୁଜୁର ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଛନ୍ତି।




ତୀରନ୍ଦାଜୀର କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ଟାଇଟଲ୍ ବଜାୟ ରଖିପାରିଛି। କୁଶଲ ଦଲାଲ ଓ ପରଣୀତ୍ କୌରଙ୍କୁ ନେଇ ଗଠିତ ଭାରତୀୟ ଦଳ ଫାଇନାଲରେ ୧୫୭-୧୫୪ରେ ଦକ୍ଷିଣ କୋରିଆ ଦଳକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ଭାରତୀୟ ପୁରୁଷ ଓ ମହିଳା କମ୍ପାଉଣ୍ଡ ଦଳ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲା। ଅପରପକ୍ଷରେ ପୁରୁଷ ୨୦୦ ମିଟର ଫାଇନାଲରେ କିଟ୍ ଛାତ୍ର ଅନିମେଶ ୨୦.୮୫ ସେକେଣ୍ଡ ସମୟ ସହ ୪ର୍ଥ ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ବୟନ୍ଦା ୱାଲାଜା (୨୦.୬୩ ସେକେଣ୍ଡ), ସ୍ପେନର ଆଦ୍ରିଆ ମେଡେରୋ (୨୦.୭୦) ଓ ଦକ୍ଷିଣ କୋରିଆର ଲି ସିଓଙ୍ଗ (୨୦.୭୫) ଯଥାକ୍ରମେ ୨୦୦ ମିଟରରେ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହିଥିଲେ। ସଟ୍‌ପୁଟ୍‌ରେ ଫାଇନାଲରେ ପ୍ରବେଶ କରିଥିବା କିଟ୍‌ର ଅନ୍ୟତମ ଛାତ୍ର ସମରଦୀପ୍ ସିଂହ ୬ଷ୍ଠ ସ୍ଥାନ ହାସଲ କରିଥିଲେ।

### ୪୬ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇଲେ ବୈଷ୍ଣବୀ



ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪୬ ବର୍ଷ ଇତିହାସରେ ଭାରତ ପ୍ରଥମଥର ଲାଗି ଟେନିସ କ୍ରୀଡ଼ାରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛି। ମହିଳା ସିଙ୍ଗଲ୍ସରେ ବୈଷ୍ଣବୀ ଅଧକର କାଂସ୍ୟ ପଦକ ଜିତି ଏହି ଐତିହାସିକ ସଫଳତା ପାଇଛନ୍ତି। ପୁଣେର ୨୧ ବର୍ଷୀୟା ବୈଷ୍ଣବୀ କାଂସ୍ୟ ପଦକ ଲଢ଼େଇରେ ୨-୬, ୬-୪, ୬-୪ ସେଟ୍‌ରେ ସ୍ଲୋଭାକିଆର ଇସ୍ତର ମେରିଙ୍କୁ ପରାସ୍ତ କରିଥିଲେ। ଏହି ଅବସରରେ ପଦକ ବିଜୟୀ ସମସ୍ତ ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS